# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୬/୨୦୧୮ (୨୦ ପୃଷ୍ଠା) Bhubaneswar, Sunday, December 16/ 2018 (ଛୁଟିଦିନ ସହ) ★★★★

୪୫ଶ ଭାଗ ୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-







"ମିଜୋ ନ୍ୟାଶନାଲ୍ ଫ୍ରଣ୍ଟ (ଏମ୍ଏନ୍ଏଫ୍) ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ଉତ୍ତରପୂର୍ବାଞ୍ଚଳ ଗଣତାନ୍ତ୍ରିକ ମେଣ୍ଟ (ଏନ୍ଇଡିଏ)ରୁ ଓହରିଯିବ ନାହିଁ।

-ଜୋରାମଥାଙ୍ଗା, ମିଜୋରାମ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ମିକ୍ ମୁଲଭାନୀ ଆମେରିକାର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ

ୱାଶିଂଟନ,୧୫।୧୨(ପି.ଟି.): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବଜେଟ ନିର୍ଦ୍ଦେଶକ ମିକ୍ ମୁଲଭାନୀଙ୍କୁ ହ୍ୱାଇଟ ହାଉସ୍‌ର ଅନ୍ତରୀଣ ଚିଫ୍ ଅଫ୍ ଷ୍ଟାଫ ମନୋନୀତ କରିଛନ୍ତି। ଫଳରେ ଏହି ପଦବୀକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ମୁଲଭାନୀ ତାଙ୍କ ପ୍ରଶାସନରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ଏବଂ ନୂଆବର୍ଷରେ ସେ ଜନ୍ କେଲିଙ୍କ ସ୍ଥାନ ନେବେ ବୋଲି ଟ୍ରମ୍ପ ଟୁଇଟ କରିଛନ୍ତି।



### କାର୍ ସହ ଜଳିଗଲେ ୪ ଜଣ

ହାଥ୍ରାସ୍ (ୟୁପି),୧୫।୧୨(ପି.ଟି.): ଉତ୍ତରପ୍ରଦେଶର ଫୈଜାବାଦ ଜିଲା ଅନ୍ତର୍ଗତ ପୋରା ଗ୍ରାମରେ ଏକ କାର ଦୁର୍ଘଟଣାରେ ବର୍ଷକର ଶିଶୁ ସମେତ ୪ ଜଣ ଜଳିଯାଇଛନ୍ତି। ଅନ୍ୟ ୨ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ରାତିରେ ସେମାନେ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲା ବେଳେ କାର୍‌ଟି ଓଲଟିପଡି ଜଳିଯାଇଥିଲା।

### ଇତିହାସର ଆଇନାରେ

### ଡିସେମ୍ବର ୧୬ର ପ୍ରମୁଖ ଘଟଣା

୧୯୭୧ ଡିସେମ୍ବର ୧୬ରେ ବାଂଲାଦେଶ ମୁକ୍ତିଯୁଦ୍ଧ ଓ ଭାରତ-ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଥିଲା। ପାକିସ୍ତାନୀ ସେନା ଆତ୍ମସମର୍ପଣ କରିବା ପରେ ଏହି ଯୁଦ୍ଧର ପରିସମାପ୍ତି ଘଟିଥିଲା।

୧୯୫୦ ଡିସେମ୍ବର ୧୬ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ହ୍ୟାରି ଏସ୍. ଟ୍ରୁମ୍ୟାନ୍ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ। ଏହା ପଛର କାରଣ ଥିଲା ଉତ୍ତର କୋରିଆର କମ୍ୟୁନିଷ୍ଟ ସରକାର ସହାୟତାରେ ଚାଇନା ସେନା ଯୁଦ୍ଧରେ ଅବତୀର୍ଣ୍ଣ ହେବା।

# କ୍ଷମତାଯୁଦ୍ଧର ଅବସାନ

କଲମ୍ବୋ,୧୫।୧୨(ପି.ଟି.)



ମହିନ୍ଦା ରାଜପାକ୍‌ସେ



ରାନିଲ ୱିକ୍ରମସିଂଘେ

**ଶ୍ରୀଲଙ୍କା ସଙ୍କଟ**

- ଇସ୍ତଫା ଦେଲେ ବିବାଦୀୟ ପ୍ରଧାନମନ୍ତ୍ରୀ ରାଜପାକ୍‌ସେ
- ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବେ ରାଷ୍ଟ୍ରପତି
- ସୁପ୍ରିମକୋର୍ଟଙ୍କ ରାୟ ପରେ ବିବାଦର ସମାଧାନ

ଦୁଇମାସ ତଳେ ଏକ ବିବାଦୀୟ ଘଟଣାକ୍ରମରେ ରାଷ୍ଟ୍ରପତି ମୈତ୍ରୀପାଲ୍ ସିରିସେନାଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଥିବା ମହିନ୍ଦା ରାଜପାକ୍‌ସେ ଶନିବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଫଳରେ ଉକ୍ତ ଦ୍ୱୀପ ଦେଶରେ ସୃଷ୍ଟି ହୋଇଥିବା ରାଜନୈତିକ ଅଚଳାବସ୍ଥାର ଅବସାନ ଘଟିଛି ଏବଂ ରାନିଲ ୱିକ୍ରମସିଂଘେ ପୁଣିଥରେ କ୍ଷମତାକୁ ଫେରିବା ପଥ ପରିଷ୍କାର ହୋଇଯାଇଛି। ରବିବାର ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡିଛି। ରାଜପାକ୍‌ସେଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିନେବା ସହ ୱିକ୍ରମସିଂଘେଙ୍କୁ ପୁନଃ ଅବସ୍ଥାପିତ କରିବା ଲାଗି ରାଜି ହୋଇଛନ୍ତି। ପୂର୍ବରୁ ସିରିସେନା ୱିକ୍ରମସିଂଘେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ପୁନଃ ନିଯୁକ୍ତି ନ ଦେବା ଜିଦ୍‌ରେ ଅଟଳ ରହିଥିଲେ। ରାଜପାକ୍‌ସେ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ ହେଁ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହୋଇଥିଲେ। ସୁପ୍ରିମକୋର୍ଟ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିବା ସହ ରାଷ୍ଟ୍ରପତି ସିରିସେନାଙ୍କ ପାର୍ଲାମେଣ୍ଟ ଭଙ୍ଗ ନିଷ୍ପତ୍ତିକୁ ଅସାମ୍ବିଧାନିକ ଓ ବେଆଇନ କହିବା ପରେ ରାଜପାକ୍‌ସେ ତାଙ୍କ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ ୱିକ୍ରମସିଂହେଙ୍କ ସହ ମତାନ୍ତରରୁ ଗତ ଅକ୍ଟୋବର ୨୬ରେ ରାଷ୍ଟ୍ରପତି ତାଙ୍କୁ ପଦଚ୍ୟୁତ କରି ରାଜପାକ୍‌ସେଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ। ରାଜପାକ୍‌ସେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହେବା ପରେ ସିରିସେନା ପାର୍ଲାମେଣ୍ଟ ଭଙ୍ଗ କରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାରୁ ଆଗୁଆ ନିର୍ବାଚନ ପ୍ରସ୍ତୁତି ଅଟକି ରହିଥିଲା। ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ କରିବା ବେଆଇନ ବୋଲି ଗତ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଥିଲେ।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଆଜି



ନୂଆଦିଲ୍ଲୀ,୧୫।୧୨(ପି.ଟି.)

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନକୁ ନେଇ ଅଚଳାବସ୍ଥା ଜାରି ରହିଛି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଥିଲେ ମଧ୍ୟ ସହମତି ହୋଇ ନ ପାରିବାରୁ ନିଷ୍ପତ୍ତି ରବିବାରକୁ ଅଟକିଛି। ମୁଖ୍ୟମନ୍ତ୍ରୀ ପଦ ଲାଗି ଏକାଧିକ ଦାବିଦାରଙ୍କୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି ରାହୁଲ କହିଛନ୍ତି। ଏଥିସହିତ ସେ ୪ ଦାବିଦାରଙ୍କ ସହ ଏକ ଫଟୋ ଟୁଇଟ୍ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପଦ ଲାଗି ଭୂପେଶ ବାଘେଲ, ଟି.ଏସ୍. ସିଂ ଦେଓ, ତାମ୍ରଧ୍ୱଜ ସାହୁ ଏବଂ ଚରଣ ଦାସ ମହନ୍ତ ଦାବିଦାର ଅଛନ୍ତି। ତେବେ ନିର୍ବାଚନ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବାଘେଲଙ୍କୁ ମୁଖ୍ୟମନ୍ତ୍ରୀ ବଛାଯାଇଥିବା ଚର୍ଚ୍ଚା ହେଉଛି। କେବଳ ଆନୁଷ୍ଠାନିକ ଘୋଷଣା ବାକି ରହିଛି। ରବିବାର ମୁଖ୍ୟମନ୍ତ୍ରୀ ଘୋଷଣା କରାଯିବ ବୋଲି ଛତିଶଗଡ଼ କଂଗ୍ରେସ ଦାୟିତ୍ୱରେ ଥିବା ପି.ଏଲ୍.ପୁନିଆ କହିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ ବୈଠକ ବସି ମୁଖ୍ୟମନ୍ତ୍ରୀଙ୍କ ନାଁ ଘୋଷଣା କରାଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଶନିବାର ରାହୁଲ ଛତିଶଗଡ଼ର ନେତାମାନଙ୍କ ସମେତ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖାର୍ଗେ, ଛତିଶଗଡ ପାଇଁ ନିଯୁକ୍ତ ଦଳର ପର୍ଯ୍ୟବେକ୍ଷକ ଏବଂ ପୁନିଆଙ୍କ ସହ ବୈଠକ କରିଥିଲେ।

## ରାଫାଲ ରାୟର ସଂଶୋଧନ ଦାବି

# ସୁପ୍ରିମକୋର୍ଟ ଗଲେ ସରକାର

ନୂଆଦିଲ୍ଲୀ,୧୫।୧୨(ପି.ଟି.)



**ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ**

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିନାମାରେ ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ କ୍ଲିନଚିଟ୍ ଦେଇଥିଲେ। ତେବେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟ ଜେନେରାଲ (ସିଏଜି) ରିପୋର୍ଟ ଏବଂ ପାର୍ଲାମେଣ୍ଟର ପବ୍ଲିକ୍ ଆକାଉଣ୍ଟସ କମିଟି (ପିଏସି) ସମ୍ପର୍କରେ ଯେଉଁ ସୂଚନା ଉକ୍ତ ରାୟରେ ଦିଆଯାଇଛି ସେଥିରେ ସଂଶୋଧନ ଲାଗି ସରକାର ଶନିବାର ସୁପ୍ରିମକୋର୍ଟ ଯାଇଛନ୍ତି। କୋର୍ଟରେ ସରକାର ଦାଖଲ କରିଥିବା ସିଏଜି ଏବଂ ପିଏସି ସମ୍ପର୍କିତ ଦସ୍ତାବିଜ୍‌ରେ ତ୍ରୁଟି ଥିବା ଆଇନ ଅଧିକାରୀ କୋର୍ଟଙ୍କୁ ଜଣାଇଛନ୍ତି। ସରକାର ସିଏଜିଙ୍କୁ ରାଫାଲ ମୂଲ୍ୟ ସମ୍ପର୍କରେ ତଥ୍ୟ ଦେଇଛନ୍ତି ଏବଂ ସିଏଜି ରିପୋର୍ଟ ପିଏସି ଯାଞ୍ଚ କରିଥିବା କୋର୍ଟ ଶୁକ୍ରବାର ରାୟର ପାରା ୨୫ରେ ଉଲ୍ଲେଖ କରିଥିଲେ। ତେବେ ସେପରି କୌଣସି ରିପୋର୍ଟ ପାଇ ନ ଥିବା ପିଏସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ଅନ୍ୟ ପକ୍ଷରେ ଅଦାଲତ ରାଫାଲ ଜେଟ୍‌ର ମୂଲ୍ୟ ଏବଂ ବୈଷୟିକ ପ୍ରସଙ୍ଗକୁ ଯାଇନାହାନ୍ତି ବୋଲି କଂଗ୍ରେସ କହିଛି। ଏହି ଚୁକ୍ତିନାମାରେ ଅନିୟମିତତା ହୋଇଛି କି ନାହିଁ ତାହା ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ହେଲେ ଜଣାପଡିବ ବୋଲି କଂଗ୍ରେସ ନେତା କପିଲ୍ ଶିବଲ କହିଛନ୍ତି।

## ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ସୋମବାର

ନୂଆଦିଲ୍ଲୀ,୧୫।୧୨(ପି.ଟି)

ସୋମବାର ଦିଲ୍ଲୀ ହାଇକୋର୍ଟରେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାର ରାୟ ପ୍ରକାଶ ପାଇବ। ନିମ୍ନ ଅଦାଲତର ରାୟ ବିରୋଧରେ କରାଯାଇଥିବା ଆବେଦନ ଉପରେ ହାଇକୋର୍ଟ ତାଙ୍କର ରାୟ ଶୁଣାଇବେ। ପୂର୍ବରୁ ଉକ୍ତ ମାମଲାରେ କଂଗ୍ରେସ ନେତା ସଜନ କୁମାର ଦୋଷମୁକ୍ତ ହୋଇଥିଲେ। ଉକ୍ତ ରାୟକୁ ଚ୍ୟାଲେଞ୍ଜ୍ କରି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ କରାଯାଇଥିଲା। ସିବିଆଇ ଓ ଦଙ୍ଗାପୀଡ଼ିତଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ବିଚାରପତି ଏସ୍. ମୁରଲୀଧର ଏବଂ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିଲେ।

## ଆର୍ଏଲ୍ଏସ୍‌ପିରେ ବିଦ୍ରୋହ

ପାଟନା,୧୫।୧୨(ପି.ଟି.)

**ଏନ୍‌ଡିଏକୁ ୩ ବିଧାୟକଙ୍କ ସମର୍ଥନ**

ରଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆରଏଲ୍ଏସ୍‌ପି)ରେ ବିଦ୍ରୋହ ଦେଖାଦେଇଛି। ବିହାରର ୩ ବିଧାୟକ ଏବେ ବି ଏନ୍‌ଡିଏରେ ରହିଥିବା ଶନିବାର ଘୋଷଣା କରିଛନ୍ତି। ଦଳ ଅଧ୍ୟକ୍ଷ ଉପେନ୍ଦ୍ର ଖୁଶ୍‌ୱାହା ନିଜର ବ୍ୟକ୍ତିଗତ ସ୍ୱାର୍ଥ ଲାଗି ଏନ୍‌ଡିଏ ମେଣ୍ଟରୁ ଓହରିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ବିହାର ବିଧାନସଭା ସଦସ୍ୟ ସୁଧାଂଶୁ ଶେଖର ଏବଂ ଲଲନ ପାଶ୍ୱାନ ଏବଂ ବିଧାନ ପରିଷଦ ସଦସ୍ୟ ସଞ୍ଜୀବ ସିଂ ଶ୍ୟାମ ଏକ ମିଳିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି। ଶେଖରଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବା ଲାଗି ସେମାନେ ଦାବି କରିଛନ୍ତି। ସେମାନଙ୍କ ପଛରେ ଅଧିକାଂଶ ଦଳୀୟ କର୍ମୀ ଓ ନେତାଙ୍କ ସମର୍ଥନ ଥିବା ନିର୍ବାଚନ କମିଶନଙ୍କୁ ଜଣାଇବେ ବୋଲି କହିଛନ୍ତି। ଆରଏଲ୍ଏସ୍‌ପିରେ ବିଭାଜନ ହେବାକୁ ଯାଉଥିବା ଏଥିରୁ ସ୍ପଷ୍ଟ ହୋଇଯାଇଛି। ଗତ ସୋମବାର ଆରଏଲ୍ଏସ୍‌ପି ଅଧ୍ୟକ୍ଷ ଖୁଶୱାହା ଏନ୍‌ଡିଏରୁ ଓହରିଯିବା ସହ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।



ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୬/୨୦୧୮ | Bhubaneswar, Sunday, December 16/ 2018 | ପୃଷ୍ଠା-୧



**ପ୍ରସିଦ୍ଧ ହେବାକୁ ତରବର ନୁହେଁ: ସାନ୍ୟା**

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

୦୨

୧୨

**ସିନ୍ଧୁ ଫାଇନାଲରେ**

ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଟାଇଟଲ ମୁକାବିଲାରେ ପ୍ରବେଶ କରିଛନ୍ତି।



# ଚୂଡ଼ାନ୍ତ ସଂଘର୍ଷ ଆଜି

- ନେଦରଲାଣ୍ଡ୍ସ-ବେଲଜିୟମ ମୁକାବିଲା
- ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଟାଇଟଲ ଆଶା ଧୂଳିସାତ୍



ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଟାଇଟଲ ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ଶନିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ଶୁଟ୍‌ଆଉଟ୍/ସଡନ୍‌ଡେଥ୍ ୪-୩ ଗୋଲରେ ହରାଇ ନେଦରଲାଣ୍ଡ୍ସ ଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଖେଳ ୨-୨ ସ୍ଥିତିରେ ରହିଥିଲା। ନେଦରଲାଣ୍ଡ୍ସ ଫାଇନାଲରେ ରବିବାର ବେଲଜିୟମକୁ ଭେଟିବ। ପ୍ରଥମ ସେମିଫାଇନାଲରେ ବେଲଜିୟମ ୬-୦ ଗୋଲରେ ଇଂଲଣ୍ଡକୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ରବିବାର ଫାଇନାଲ ପୂର୍ବରୁ ବ୍ରୋଞ୍ଜ ପଦକ ପାଇଁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଲଢ଼େଇ ହେବ। ୧୯୭୩, ୧୯୯୦, ୧୯୯୮ ଚାମ୍ପିୟନ ନେଦରଲାଣ୍ଡ୍ସ ୪ର୍ଥ ଟାଇଟଲ ଲକ୍ଷ୍ୟରେ ଥିବାବେଳେ ବେଲଜିୟମ ପ୍ରଥମଥର ପାଇଁ ବିଶ୍ୱକପ୍ ଫାଇନାଲ ଖେଳିବ।

ଏହି ପରାଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆର ହ୍ୟାଟ୍ରିକ ଟାଇଟଲ ଆଶା ଧୂଳିସାତ୍ ହୋଇଛି। ବିଶ୍ୱକପ୍ ଇତିହାସରେ ଏପର୍ଯ୍ୟନ୍ତ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ତେବେ ପାକିସ୍ତାନ ୪ଥର ଟାଇଟଲ ଜିତି ବିଶ୍ୱକପ୍‌ର ସଫଳତମ ଦଳ ସାବ୍ୟସ୍ତ ହୋଇଛି। ଆୟୋଜକ ଭାରତ ଥରେ ମାତ୍ର ଚାମ୍ପିୟନ ହୋଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)

**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ଶନିବାର**

ପ୍ରଥମ ସେମିଫାଇନାଲ

ବେଲଜିୟମ-୬
ଇଂଲଣ୍ଡ-୦

ଦ୍ୱିତୀୟ ସେମିଫାଇନାଲ

ଅଷ୍ଟ୍ରେଲିଆ-୨
ନେଦରଲାଣ୍ଡ୍ସ-୨
ଶୁଟ୍ ଆଉଟ
ନେଦରଲାଣ୍ଡ୍ସ-୪
ଅଷ୍ଟ୍ରେଲିଆ-୩

## ତେନ୍ଦୁଲକର ଉଦ୍‌ଯାପନୀ ଅତିଥି



**ଭୁବନେଶ୍ୱର,୧୫।୧୨(କ୍ରୀଡ଼ା ପ୍ରତିନିଧି)** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଯୋଗଦେବେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ସମଗ୍ର ଦେଶ ହକିକୁ ସମର୍ଥନ ଜଣାଉଥିବାରୁ ମୁଁ ବହୁତ ଖୁସି। ଏପରି ଏକ ବିଶ୍ୱସ୍ତରୀୟ ଆୟୋଜନ ହୋଇଥିବାରୁ ମୁଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ହକି ଇଣ୍ଡିଆକୁ ଧନ୍ୟବାଦ ଜଣାଉଛି। ହକିକୁ ସମର୍ଥନ ଜଣାଇ ମୁଁ ରବିବାର କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ହେବି ବୋଲି ସଚିନ ନିଜ ଟୁଇଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ତେଣୁ ଉଦ୍‌ଯାପନୀ ଉତ୍ସବରେ କୌଣସି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ନ ଥିଲେ ହେଁ ସଚିନଙ୍କ ପରି କିମ୍ବଦନ୍ତୀ ଖେଳାଳିଙ୍କ ଉପସ୍ଥିତି ନିଶ୍ଚିତଭାବେ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ଚର୍ଚ୍ଚା ହେଉଛି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ହାଇକମାଣ୍ଡ

**ଆଜିର ମନ୍ତବ୍ୟ**

"ରାଫାଲ ସମ୍ପର୍କରେ ଶୀର୍ଷ ଅଦାଳତଙ୍କ ରାୟ ପରେ ଜେପିସି ତଦନ୍ତର ଆବଶ୍ୟକତା ନାହିଁ।

– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ

ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହରେ 'ଆଗାମୀ ଆଶା' ପ୍ରକାଶ ପାଇପାରୁନାହିଁ।

# ଜିଲାପାଳଙ୍କ ହାତରୁ ଗଲା ଲିଜ୍ କ୍ଷମତା

**ବାଲି, ମୋରମ ଚୋରା ଚାଲାଣ**

- ଏଇଆଇଏ, ଇଏମ୍‌ପି, ଜନଶୁଣାଣି ବାଧ୍ୟତାମୂଳକ
- ବେଆଇନ ବାଲି ଚାଲାଣ ଉପରେ ହେବ ଜରିମାନା

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ବାଲି, ମାଟି, ମାଙ୍କଡ଼ା ପଥର, ମୋରମ ଆଦି ଲଘୁଖଣିଜ ପଦାର୍ଥ ଚୋରା କାରବାରକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)କଡ଼ା ଆଭିମୁଖ୍ୟ ପୋଷଣ କରିଛନ୍ତି। ଜିଲାସ୍ତରରେ ଜିଲାପାଳ ଆଉ କୌଣସି ବାଲିଘାଟ, ପଥର ଖାଦାନ, ମୋରମ ଖଣି ଆଦି ଲିଜ୍ ଦେଇ ପାରିବେ ନାହିଁ। ଏଣିକି ରାଜ୍ୟସ୍ତରରେ ଥିବା ଷ୍ଟେଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି (ଏସଆଇଇଏଏ) ହାତରେ ୦ରୁ ୫୦ ହେକ୍ଟର ଯାଏ ଲିଜ୍ ଦେବା କ୍ଷମତା ରହିବ। ଏହାଛଡ଼ା ସମସ୍ତ ଲିଜ୍ ଅଞ୍ଚଳ ପାଇଁ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ(ଇଆଇଏ) ଏବଂ ଏନଭାଇରନମେଣ୍ଟ ମ୍ୟାନେଜମେଣ୍ଟ ପ୍ଲାନ (ଇଏମପି) ଦାଖଲ କରିବା ବାଧ୍ୟତାମୂଳକ ହେବ। ଏଥିସହିତ ଯେଉଁ ଅଞ୍ଚଳରେ ଲିଜ୍ ଦିଆଯିବ ସେଠାରେ ଜନଶୁଣାଣି କରାଯିବ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଜଣାଇ ଦେଇଛନ୍ତି। ଏହି ଚିଠି ପାଇବା ପରେ ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗୁସେନ ଏ ନେଇ ଶନିବାର ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି।

୦ରୁ ୫ ହେକ୍ଟର ଯାଏ ଖଣି ଲିଜ୍ ଦେବା କ୍ଷମତା ଡିଷ୍ଟ୍ରିକ୍ଟ ଏନଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ଅଧ୍ୟକ୍ଷ ଜିଲାପାଳଙ୍କ ଉପରେ ନ୍ୟସ୍ତ ରହିଥିଲେ। ଏହି ଅଞ୍ଚଳ ଲିଜ୍ ପାଇଁ ସେ ପରିବେଶ ମଞ୍ଜୁରୀ ଦେଉଥିଲେ। ବେଆଇନ ବାଲି ଚାଲାଣ ରୋକିବା ପାଇଁ ☞ପୃଷ୍ଠା-୨

# ଏନ୍‌କାଉଣ୍ଟର ବେଳେ ୧୧ ନିହତ

**ଶ୍ରୀନଗର,୧୫।୧୨(ପି.ଟି.)**



**ପୁଲଓ୍ୱାମା ଅପରେଶନ୍**

- ଯବାନ ଶହୀଦ
- ଟଳିଲେ ୩ ଆତଙ୍କବାଦୀ
- ଜବାବୀ କାର୍ଯ୍ୟାନୁଷ୍ଠାନରେ ୭ ନାଗରିକ ମୃତ
- ବିଚ୍ଛିନ୍ନତାବାଦୀଙ୍କ ୩ ଦିନିଆ ବନ୍ଦ ଡାକରା

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ଶନିବାର ଏନ୍‌କାଉଣ୍ଟର ସ୍ଥଳରେ ସଂଘର୍ଷ ବେଳେ ୭ ନାଗରିକଙ୍କ ସମେତ ୧୧ ଜଣ ନିହତ ହୋଇଛନ୍ତି। ଗୁଳି ବିନିମୟବେଳେ ୩ ଆତଙ୍କବାଦୀ ନିହତ ଓ ଜଣେ ଯବାନ ଶହୀଦ ହୋଇଛନ୍ତି। ସେଠାରେ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଗୁଳି ଚଳାଇବାରୁ ୭ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି।

ପୁଲଓ୍ୱାମା ଜିଲାର ସିର୍‌ନୁ ଗ୍ରାମରେ ସେନାରୁ ଖସି ପଳାଇଯାଇଥିବା ଜହୁର ଅହମଦ ଠୋକେରଙ୍କ ସମେତ ୩ ଆତଙ୍କବାଦୀ ଲୁଚି ରହିଥିବା ଗୋଇନ୍ଦା ସୂଚନା ମିଳିଥିଲା। ଶନିବାର ସକାଳେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଘେରି ତଲାସି ଚଳାଇଥିଲା। ଠୋକେର ଏନ୍‌କାଉଣ୍ଟରରେ ଫସିଥିବା ଖବର ପ୍ରଚାରିତ ହେବା ପରେ ବହୁସଂଖ୍ୟାରେ ଲୋକେ ସେଠାରେ ପହଞ୍ଚିଥିଲେ। ଯଦିଓ ୨୫ ମିନିଟରେ ଏନ୍‌କାଉଣ୍ଟର ଶେଷ ହୋଇଥିଲା ଏବଂ ୩ ଆତଙ୍କବାଦୀ ନିହତ ହୋଇଥିଲେ, ତେବେ ଉତ୍ତ୍ୟକ୍ତ ଲୋକଙ୍କ ବିରୋଧ ଯୋଗୁ ସେନାକୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା। ବିକ୍ଷୋଭକାରୀ ସୁରକ୍ଷା ବଳ ସହ ସଂଘର୍ଷ ଆରମ୍ଭ କରିଦେଇଥିଲେ। ଫାଙ୍କା ଗୁଳିଚାଳନା ସତ୍ତ୍ୱେ ସେମାନେ ନ ହଟିବାରୁ ସୁରକ୍ଷା ବଳ ପକ୍ଷରୁ ଗୁଳିଚାଳନା କରାଯାଇଥିଲା। ଫଳରେ ୭ ସାଧାରଣ ନାଗରିକ ନିହତ ହେବା ସହ ୪୦ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ଥିବା କୁହାଯାଉଛି।

ଗତବର୍ଷ ଜୁଲାଇରେ ଉତ୍ତର କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଗଣ୍ଟମୁଲ୍ଲାରେ ଥିବା ସେନା କ୍ୟାମ୍ପରୁ ଠୋକେର ନିଜ ସର୍ଭିସ ରାଇଫଲ ଓ ୩ ମାଗାଜିନ ସହ ଫେରାର ☞ପୃଷ୍ଠା-୨

# ଶପଥ ନେଲେ ଜୋରାମଥାଙ୍ଗା



ଆଇଜଲ,୧୫।୧୨: ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) ଅଧ୍ୟକ୍ଷ ଜୋରାମଥାଙ୍ଗା ଶନିବାର ମିଜୋରାମର ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିଛନ୍ତି। ଆଇଜଲସ୍ଥିତ ରାଜଭବନରେ ରାଜ୍ୟପାଳ କେ. ରାଜାଶେଖରନ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଜୋରାମଥାଙ୍ଗାଙ୍କ ସମେତ ଅନ୍ୟ ୧୧ ବିଧାୟକ ମଧ୍ୟ ଶପଥପାଠ କରିଛନ୍ତି।

ଏମ୍‌ଏନ୍‌ଏଫ୍‌ର ପ୍ରତିଷ୍ଠାତା ଲାଲ୍‌ଡେଙ୍ଗାଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଜୋରାମଥାଙ୍ଗା (୧୯୯୮ରୁ ୨୦୦୩ ଏବଂ ୨୦୦୩ରୁ ୨୦୦୮) ଲଗାତର ୧୦ ବର୍ଷ ଧରି ☞ପୃଷ୍ଠା-୨

# ବିଦେଶୀ ପାଣ୍ଠିର ତଦନ୍ତ କରିବ ଇଡି

**ଭୁବନେଶ୍ୱର (ବ୍ୟୁରୋ)/ଢେଙ୍କାନାଳ ଅଫିସ, ୧୫।୧୨**

**ବେଲଟିକିରି ଶେଲ୍‌ଟର ହୋମ ଯୌନଶୋଷଣ ମାମଲା**



ଢେଙ୍କାନାଳ ସଦର ଥାନା ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶାଖାରେ ଲାଗିଛି ବିପୁଳ ବିଦେଶୀ ପାଣ୍ଠି। ଅନ୍ତେବାସୀଙ୍କୁ ଯୌନଶୋଷଣ ମାମଲାରେ ବନ୍ଧା ହୋଇଥିବା ଅଭିଯୁକ୍ତ ତଥା ଅନୁଷ୍ଠାନର ଚେୟାରମ୍ୟାନ୍ ଡ. ଫୟାଜ୍ ରେହମାନଙ୍କୁ ଜେରାବେଳେ ଏ ନେଇ ଅନେକ ସାଂଘାତିକ ତଥ୍ୟ ପଦାକୁ ଆସିଛି। ବିଦେଶୀ ପାଣ୍ଠିର ଚେର କେତେ ଗଭୀରକୁ ଲମ୍ବିଛି ସେ ସମ୍ପର୍କରେ ଅଧିକ ତଥ୍ୟ ହାତେଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।

ବିଦେଶର କେଉଁ କେଉଁ ସ୍ଥାନରୁ ଅର୍ଥ ଆସୁଥିଲା ଏବଂ ପାଣ୍ଠିର ପ୍ରକୃତ ଉତ୍ସ ସମ୍ପର୍କରେ ଛାନ୍‌ଭିନ କରିବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀ। ଅନୁଷ୍ଠାନ ପରିଚାଳନାରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି। ହେଲେ ପ୍ରକୃତପକ୍ଷେ କେତେ ଟଙ୍କା ଆସିଛି ସେ ନେଇ ସ୍ପଷ୍ଟ ସୂଚନା ମିଳୁନାହିଁ। ଏତେ ପରିମାଣର ଟଙ୍କାକୁ ଅନୁଷ୍ଠାନ କିଭଳି ଏବଂ କେଉଁସ୍ଥାନରୁ ଆଣି ଖର୍ଚ୍ଚ କରୁଥିଲା ତାହା ମଧ୍ୟ ଅନେକ ☞ପୃଷ୍ଠା-୨

OPSC - AEE (Civ)
80+ Selections in 2015
350+ Vacancy Expected!!
60 DAYS REGULAR CLASSROOM COACHING
@ BHUBANESWAR
Batch Date: 17th Dec 2018
5000/- Early Bird Offer
ACE Engineering Academy
9861566244
0674-2540340
www.aceenggacademy.com

CBSE Exam Mate
ପୃଷ୍ଠା-୧୩

NECC NATIONAL EGG CO-ORDINATION COMMITTEE 15.12.2018 Venkobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ଭୁମିକା
ପରିବାରବର୍ଗ


ସୋମ
ପରିବାରବର୍ଗ


ଶୁଭଲକ୍ଷ୍ମୀ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## Ph.D. ଲାଭ



ଗବେଷିକା **ସୁମନ ଜଗତୀ** ଉତ୍କଳ ବିଶ୍ୱବିଦ୍ୟାଳୟରୁ ମାଇକ୍ରୋବାୟୋଲୋଜିରେ ପିଏଚ୍.ଡି ଉପାଧି ପାଇବା ନିମିତ୍ତ ଯୋଗ୍ୟା ବିବେଚିତ ହୋଇଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Saccharification and fermentation of sweet potato (Ipomoea batatus L) for enhanced production of bioethanol." ଉକ୍ତର ସୁମନ ଜଗତୀ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ରାମ ଚନ୍ଦ୍ର ମହାନ୍ତି ଏବଂ ପ୍ରଫେସର ଶାନ୍ତିଲତା ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ସେ ଏହାର ସମସ୍ତ ଶ୍ରେୟ ବାପା: ସଦାନନ୍ଦ ଜଗତୀ, ମାତା: ରୁକ୍ମିଣୀ ଜଗତୀ, ଭଉଣୀ: ସ୍ମୃତି ଜଗତୀ ଏବଂ ଭାଇ: ସୁଦୀପ ଜଗତୀଙ୍କୁ ଦେଇଛନ୍ତି। ଧ-୬୫୪୦୬

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ କୋଇଲା ଆମଦାନୀ ୯.୧% ବୃଦ୍ଧି ଘଟି ୨୦୮.୨୭ ନିୟୁତ ଟନ ରହିଛି। ଏହା ୨୦୧୬-୧୭ରେ ୧୯୦.୯୫ ନିୟୁତ ଟନ୍ ଥିଲା।

**- କୋଇଲା ମନ୍ତ୍ରଣାଳୟ**

■ ଆସୁଛି ବାତ୍ୟା 'ପେଥାଇ': ପାଚିଲା ଧାନକୁ ବିପଦ

# ଆଜି ୪ ଜିଲାରେ ବର୍ଷିବ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

■ ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ
■ ୧୮ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ

ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସାମୁଦ୍ରିକ ଝଡ଼ ରୂପ ନେଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଭୟଙ୍କର ରୂପ ଧାରଣ କରି ସ୍ଥଳଭାଗ ଆଡ଼କୁ ମାଡ଼ି ଆସିବ। 'ପେଥାଇ' ଝଡ଼ ଶନିବାର ଦକ୍ଷିଣ ପୂର୍ବ ଚେନ୍ନାଇ ଉପକୂଳରୁ ୪୪୦ କି.ମି ଏବଂ ଦକ୍ଷିଣ-ପୂର୍ବ ଆନ୍ଧ୍ର ପ୍ରଦେଶର ମଛିଲିପଟ୍ଟନମ୍ ଠାରୁ ୮୯୦ କି.ମି ଦୂରରେ ଝଡ଼ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୭ ତାରିଖ ମଧ୍ୟାହ୍ନରେ ବାତ୍ୟା ଆନ୍ଧ୍ର ପ୍ରଦେଶ ଉପକୂଳ ଓଙ୍ଗଲ ଏବଂ କାକିନଡ଼ା ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହାର ପ୍ରଭାବରେ ଆସନ୍ତା ୧୬,୧୭ ଓ ୧୮ ତିନିଦିନ ଧରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୧୩ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୧୬ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ୧୭ ତାରିଖରେ ୧୧ଟି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହି ଜିଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଏବଂ ସମ୍ବଲପୁର। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ଘଣ୍ଟାକୁ ୧୦୦ରୁ ୧୨୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି । ୧୮ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପାରାଦୀପ, ଗୋପାଳପୁର, ଚାନ୍ଦାବଳି, ପୁରୀରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ଓଡ଼ିଶା ପ୍ରତି ପବନର ଭୟ ନ ଥିଲେ ମଧ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବାତ୍ୟାଜନିତ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଥିଲା। ଅମଳ ସମୟ ହୋଇଥିବାରୁ ବିଲରେ ପାଚିଲା ଧାନ ପଡ଼ିରହିଛି। ବର୍ଷା ଯୋଗୁ ସେଗୁଡ଼ିକ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ତୁରନ୍ତ ଧାନ ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ଏ ନେଇ ସଚେତନ କରାଇବା ପାଇଁ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଯୋଗୁ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ କିଛିଟା ପ୍ରଭାବ ପଡ଼ିବ। ପବନ ନ ହେଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ରହିଛି। ମଣ୍ଡିରେ ଥିବା ଧାନକୁ ସୁରକ୍ଷିତ ରଖିବାକୁ ଜିଲାପାଳଙ୍କୁ କୁହାଯାଉଛି।

# ପ୍ରସିଦ୍ଧ ହେବାକୁ ତରବର ନୁହନ୍ତି ସାନ୍ୟା



**ନୂଆଦିଲ୍ଲୀ**

ପ୍ରସିଦ୍ଧି ଅର୍ଜନ କରିବା ଅଥବା ଏକ ସ୍ୱତନ୍ତ୍ର ସ୍ଥାନରେ ପହଞ୍ଚିବାକୁ ଏତେ ତରବର ନୁହେଁ। ଭଲ ଲୋକଙ୍କ ସହିତ ମିଶି କାର୍ଯ୍ୟକରିବା ଉପରେ ଗୁରୁତ୍ୱ ଦିଏ ବୋଲି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମଲହୋତ୍ରା ପ୍ରକାଶ କରିଛନ୍ତି।

ସାନ୍ୟା ପ୍ରଥମକରି 'ଦଙ୍ଗଲ'ରେ ଅଭିନୟ କରି ବଲିଉଡ୍‌ରେ ପାଦ ଥାପିଥିଲେ। ଏହାପରେ 'ପଟ୍‌ଖା' ଏବଂ ଚିତ୍ତବିନୋଦନକାରୀ ଫିଲ୍ମ 'ବଧାଇ ହୋ'ରେ ଅଭିନୟ କରି ସେ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ତାଙ୍କ କହିବାନୁସାରେ ସେ ସ୍ୱପ୍ନକୁ ନେଇ ବଞ୍ଚନ୍ତି। ଅଭିନୟ କ୍ଷେତ୍ରରେ ସେ ଶିଶୁ ହୋଇଥିବା ବେଳେ ବର୍ତ୍ତମାନ ସମୟକୁ ବେଶ୍ ଭଲଭାବେ ଉପଯୋଗ କରିବାକୁ ଚାହାନ୍ତି। ଶିଖର ଦେଶରେ ପହଞ୍ଚିବାକୁ ଅଥବା ଜଣେ ପ୍ରଖ୍ୟାତ ବ୍ୟକ୍ତିତ୍ୱ ହେବାକୁ ଏତେ ତରବର ନୁହେଁ। କେବଳ ଭଲ ଲୋକଙ୍କ ସହଯୋଗରେ ସୁନ୍ଦର କାମ କରିବାକୁ ଚାହେଁ। ନିରନ୍ତର ସଫଳତାର ପାହାଚ ଚଢ଼ିବା ପରେ ସାନ୍ୟା 'ଫଟୋଗ୍ରାଫ୍'ରେ ତାଙ୍କ ଅଭିନୟ ପ୍ରଦର୍ଶନ କରିବେ। ଅଭିନୟ ପାଇଁ ତାଙ୍କ ଉପରେ କୌଣସି ଚାପ ନାହିଁ। ଜଣେ ଅଭିନେତ୍ରୀ ଭାବରେ ଯେଉଁ କ୍ୟାରିୟର ଆରମ୍ଭ କରିଛନ୍ତି ସେଥିରେ ସେ ଖୁସି। 'ବଧାଇ ହୋ' ଏବେ ବି ଦର୍ଶକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ସଫଳତା ସାଉଁଟୁଥିବା ସେ ପ୍ରକାଶ କରିଛନ୍ତି।

■ ଓଡ଼ିଶାକୁ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

# ସତ୍ୟପାଠ ଦାଖଲ କର

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

■ ୨୦ ବର୍ଷ ଧରି କେତେ ବର୍ଷାଜଳ ମହାନଦୀରେ ଯାଉଥିଲା ତା'ର ତଥ୍ୟ ଦିଅ
■ ଫେବୃୟାରୀ ୯ରେ ପରବର୍ତ୍ତୀ ଶୁଣାଣି

ଗତ ୨୦ ବର୍ଷ ଧରି ମହାନଦୀରେ କେତେ ପରିମାଣ ବର୍ଷା ଜଳ ପ୍ରବାହିତ ହେଉଥିଲା। ତାହାର ସମ୍ପୂର୍ଣ୍ଣ ତଥ୍ୟ ଦିଅ। ଶନିବାର ଛତିଶଗଡ଼ ସରକାର ନିର୍ମାଣ କରିଥିବା ୬ଟି ବ୍ୟାରେଜ ଉପରେ ସ୍ଥଗିତାଦେଶ ଦେବାକୁ ରାଜ୍ୟ ସରକାର କରିଥିବା ଆବେଦନର ଶୁଣାଣି ବେଳେ ଆନ୍ତଃ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ ଏ.ଏମ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରିବା ପୂର୍ବରୁ ମହାନଦୀରେ ପ୍ରବାହିତ ହେଉଥିବା ଜଳ ଓ ଏହାର ପରବର୍ତ୍ତୀ ଜଳ ପ୍ରବାହ ସମ୍ପର୍କରେ ଏକ ସତ୍ୟପାଠ ୨୦୧୯ ଜାନୁୟାରୀ ୧୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୮-୦୯ରେ ବ୍ୟାରେଜ ନିର୍ମାଣ ସମୟରେ ଜଳ ପ୍ରବାହ ନେଇ ବହୁତ ବଡ଼ ସମସ୍ୟା ସୃଷ୍ଟି ହୋଇଥିବା ଟ୍ରିବ୍ୟୁନାଲ ହୃଦୟଙ୍ଗମ କରିଛନ୍ତି। ୧୯୭୫ରୁ ୨୦୦୫ ପର୍ଯ୍ୟନ୍ତ ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେଉଥିଲା। ଜଳ ପ୍ରବାହ କିପରି ଥିଲା। ବ୍ୟାରେଜ ନିର୍ମାଣ ପରେ ହୀରାକୁଦ ଏବଂ ମହାନଦୀ ଉପରେ କି ପ୍ରଭାବ ପଡ଼ିଛି। କେବଳ ବର୍ଷା ଜଳ ପ୍ରଭାବିତ ହୋଇଛି କିମ୍ବା ଜଳ ସ୍ରୋତକୁ ଛତିଶଗଡ଼ର ଅନ୍ୟ ଆଡ଼କୁ ଦିଗ ପରିବର୍ତ୍ତନ କରାଯାଇଛି। ସେ ସବୁକୁ ଟ୍ରିବ୍ୟୁନାଲ ପରୀକ୍ଷା ନିରୀକ୍ଷା କରିବେ। ଟ୍ରିବ୍ୟୁନାଲ ଦୁଇଟି ବିଷୟରେ ସମ୍ପୂର୍ଣ୍ଣ ତର୍ଜମା କରିବେ । ପ୍ରଥମଟି ହେଉଛି ମହାନଦୀ ଜଳ ବ୍ୟବହାର ନେଇ ମଧ୍ୟ ପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟରେ କେଉଁ ପ୍ରକାର ଚୁକ୍ତି ହୋଇଥିଲା। ଅନ୍ୟଟି ହେଉଛି ବ୍ୟାରେଜ ନିର୍ମାଣ ହେବା ଦ୍ୱାରା କେତେକ ପରିମାଣ ଜଳ ପ୍ରବାହିତ ବାଧାପ୍ରାପ୍ତ ହୋଇଛି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଟ୍ରିବ୍ୟୁନାଲ ଏ ସମସ୍ତ ବିଷୟକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରିବେ ବୋଲି ଖଣ୍ଡପୀଠ ସୂଚାଇଛନ୍ତି।

ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରୋହତ୍‌ଗି ଓଡ଼ିଶା ମହାନଦୀ ଜଳର ଅଧା ପାଣି ପାଉଛି ବୋଲି ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଥିଲେ। ବ୍ୟାରେଜ ନିର୍ମାଣ ଯୋଗୁ ଚାଷ, ବିଦ୍ୟୁତ ଶକ୍ତି ଏବଂ ଚିଲିକା ହ୍ରଦ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଛତିଶଗଡ଼ ବ୍ୟାରେଜ ଗେଟକୁ ବନ୍ଦକରି ଜଳ ପ୍ରବାହକୁ ରୋକିଛନ୍ତି। ଏବେ ମଧ୍ୟ ଦୁଇଟି ବ୍ୟାରେଜର ସମସ୍ତ ଗେଟ ବନ୍ଦ ରହିଛି। ମାମଲା ଫଇସଲା ନ ହେବା ଯାଏ ୬ଟି ବ୍ୟାରେଜର କୌଣସି ଗେଟ ବନ୍ଦ ନ କରିବାକୁ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ରୋହତଗି ଯୁକ୍ତି ବାଢ଼ିଥିଲେ। ମହାନଦୀରେ ଅଣ ମୌସୁମୀ ସମୟରେ (ନଭେମ୍ବରରୁ ମେ ) ୧.୭୪ ନିୟୁତ ଏକର ଫୁଟ (ଏମଏଏଫ) ଜଳ ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମହାନଦୀ ଜଳ ବଣ୍ଟନ ନେଇ ଓଡ଼ିଶା ସରକାର ୧୯୪୭ରେ ମଧ୍ୟ ପ୍ରଦେଶ ସରକାରଙ୍କ ସହ କୌଣସି ଲିଖିତ ବୁଝାମଣା କରି ନାହାନ୍ତି। ତେବେ ଜଳ ବଣ୍ଟନ ନେଇ ମଧ୍ୟପ୍ରଦେଶ ସହ ହୋଇଥିବା ୪୫ଟି ଚୁକ୍ତିପତ୍ରକୁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ନିକଟରେ ଉପସ୍ଥାପନ କରିଛନ୍ତି। ଏହାଛଡ଼ା ହୀରାକୁଦକୁ କେତେ ପରିମାଣ ଜଳ ପ୍ରବାହିତ ହେବ ସେ ନେଇ ମଧ୍ୟପ୍ରଦେଶ ଦେଇଥିବା ପ୍ରତିଶ୍ରୁତିର ତଥ୍ୟ ପ୍ରମାଣ ରାଜ୍ୟ ସରକାରଙ୍କ ଓକିଲ ଟ୍ରିବ୍ୟୁନାଲ ନିକଟରେ ଦାଖଲ କରିଛନ୍ତି। ଆସନ୍ତା ଫେବୃୟାରୀ ୯ ତାରିଖରେ ଟ୍ରିବ୍ୟୁନାଲରେ ହେବ ପରବର୍ତ୍ତୀ ଶୁଣାଣି।

## ଜାନୁୟାରୀ ୧୭ରୁ ଆଇପିଏସ୍ ସମ୍ମିଳନୀ

କଟକ ଅଫିସ,୧୫।୧୨

ଆସନ୍ତା ଜାନୁୟାରୀ ୧୭ରୁ ଓଡ଼ିଶାର ଆଇପିଏସ୍ ଅଫିସରମାନଙ୍କ ସମ୍ମିଳନୀ ଆରମ୍ଭ ହେବ। ଓଡ଼ିଶା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ୩ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବିଭିନ୍ନ ଦିଗ ଉପରେ ଆଲୋଚନା ହେବ ବୋଲି ଶନିବାର ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ତେବେ ଡିଜିପିଙ୍କ ଏହି ସୂଚନା ପରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ସମ୍ମିଳନୀ ଆୟୋଜନ କରାଯାଇଥିବା ଆଲୋଚନା ହେଉଛି।

## ବନ୍ଧୁକଚାଳନାରେ ଓଡ଼ିଶା ପୋଲିସକୁ ସଫଳତା

କଟକ ଅଫିସ,୧୫।୧୨

ହରିୟାଣାର ମାନେଶ୍ୱରଠାରେ ଚାଲିଥିବା ୧୯ତମ ସର୍ବଭାରତୀୟ ପୋଲିସ ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳଗତ ଭିତ୍ତିରେ ତୃତୀୟ ସ୍ଥାନ ଅଧିକାର କରିଛି। ଚଳିତମାସ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ରାଜସ୍ଥାନ ପୋଲିସ ୧୭୦୬ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାମିଲନାଡୁ ପୋଲିସ ୧୬୭୦ ପଏଣ୍ଟ ସହ ଦ୍ୱିତୀୟ ଏବଂ ଓଡ଼ିଶା ପୋଲିସ ୧୬୬୨ ପଏଣ୍ଟ ପାଇ ତୃତୀୟସ୍ଥାନ ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ହାବିଲଦାର ଯୁବରାଜ ଥାପା ୫୦ମିଟର କାର୍ବାଇନ(ନିଲିଙ୍ଗ୍ ପୋଜିଶନ)ରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଯୁବରାଜ ଏବେ ଚନ୍ଦକା ଏସ୍ଓଜିରେ ହାବିଲ୍‌ଦାର ଭାବେ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ପୋଲିସର ଏହି ସଫଳତା ପାଇଁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ସବୁପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହିପ୍ରତିଯୋଗିତାରେ ୨୩ ରାଜ୍ୟ ପୋଲିସ ଦଳ ସହ ୮ କେନ୍ଦ୍ରୀୟ ପୋଲିସ ଦଳ ଭାଗ ନେଇଥିଲେ।

ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ

## ସେମିଫାଇନାଲରେ ଓଡ଼ିଆ ଦମ୍ପତି

ପୁରୀ ଅଫିସ,୧୫।୧୨

ରିୟଲିଟି ଶୋ ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ (ଆଇଜିଟି) ସେମିଫାଇନାଲରେ ପହଞ୍ଚିଛନ୍ତି ପୁରୀର ସୁଜାତା ରାୟ ଏବଂ ତାଙ୍କ ସ୍ୱାମୀ ଉମାକାନ୍ତ (ଗୁନା) ସାହୁ। ମାଲଖମ୍ବ ଗୁରୁ ମଧୁସୂଦନ ରାୟଙ୍କ ବଡ଼ଝିଅ ସୁଜାତା ଏବଂ ଜ୍ୱାଇଁ ଗୁନା ଆଇଜିଟିରେ ସଫଳ ହେବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ସେମାନେ ଓଡ଼ିଶାବାସୀଙ୍କ ସହଯୋଗ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି। ରବିବାର ରାତି ୧୦ଟାରେ କଲର୍ସ ଚ୍ୟାନେଲରେ ଆଇଜିଟି ସିଜନ-୮ର ସେମିଫାଇନାଲ ଏପିସୋଡ୍ ପ୍ରସାରିତ ହେବ। ସେମାନେ ଏରିୟଲ ପ୍ରବ୍ ପ୍ରଦର୍ଶିତ କରିବେ। ଓଡ଼ିଶାବାସୀ ଏବଂ ତାଙ୍କ ଶୁଭେଚ୍ଛୁ ଏହାକୁ ବିପୁଳ ସଂଖ୍ୟାରେ ଦେଖି ଭୋଟ ଦେବାକୁ ସେମାନେ ନିବେଦନ କରିଛନ୍ତି। voot ଆପ୍ଲିକେଶନ ଡାଉନ୍‌ଲୋଡ କରି କିମ୍ବା www.voot.com ଲଗଅନ୍ କରି ଭୋଟ ଦେଇପାରିବେ ବୋଲି ସୁଜାତା-ଗୁନା ଅନୁରୋଧ କରିଛନ୍ତି। ରବିବାର ରାତି ୧୦ଟାରୁ ସୋମବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଭୋଟିଂ ଲାଇନ ଖୋଲା ରହିବ।ଏହି ଅଭିଯାନ ସମ୍ପର୍କରେ ସୁଜାତା କହିଛନ୍ତି ଗତ ଅଗଷ୍ଟ ୩୦ରେ ଦିଲ୍ଲୀରେ ସେମାନେ ଅଡିଶନ ଦେଇଥିଲେ। ଏଥିରେ ଉଭୟେ ପୋଲ ମାଲଖମ୍ବ ପ୍ରଦର୍ଶନ କରି ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟରେ ସ୍ଥାନ ପାଇଥିଲେ। ମେଗା ଅଡିଶନରେ ପୋଲ ମାଲଖମ୍ବ ପ୍ରଦର୍ଶନ କରି ଜୁରି କିରଣ ଖେର, ମଲାଇକା ଆରୋରା ଏବଂ କରଣ ଜୋହରଙ୍କଠାରୁ ଷ୍ଟାଣ୍ଡିଂ ଓଭେଶନ ପାଇଥିଲେ।

## ଏନ୍‌କାଉଣ୍ଟର...

ହୋଇଯାଇ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲେ। ପୁଲୱାମା ଜିଲାର ଅନେକ ହତ୍ୟାକାଣ୍ଡରେ ଠୋକେର ସମ୍ପୃକ୍ତ। ଏନ୍‌କାଉଣ୍ଟର ବେଳେ ଜଣେ ସେନା ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇ ଯବାନ ଗୁରୁତର ହୋଇଛନ୍ତି। ଉତ୍ତେଜନା ବଢ଼ିବା ଆଶଙ୍କାରେ ସମଗ୍ର ଦକ୍ଷିଣ କଶ୍ମୀରର ୪ଟି ଜିଲାରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

ପୁଲୱାମା ଏନ୍‌କାଉଣ୍ଟରରେ ୭ ସାଧାରଣ ନାଗରିକ ନିହତ ହେବା ପ୍ରତିବାଦରେ ବିଚ୍ଛିନ୍ନତାବାଦୀ ସଂଗଠନ ପକ୍ଷରୁ ୩ ଦିନିଆ ବନ୍ଦ ଡାକରା ଦିଆଯାଇଛି। ସୟେଦ ଅଲି ଶାହ ଗିଲାନୀ, ମିରୱେଜ ଉମାର ଫାରୁକ ଏବଂ ମହମ୍ମଦ ୟାସିନ ମଲିକଙ୍କୁ ନେଇ ଗଠିତ ମିଳିତ ପ୍ରତିରୋଧ ନେତୃତ୍ୱ ବ୍ୟାନରରେ ଏହି ବନ୍ଦ ଡାକରା ଦିଆଯାଇଛି। ସୁରକ୍ଷା ବଳର ଗୁଳିମାଡ଼ରେ ୭ ନାଗରିକଙ୍କ ମୃତ୍ୟୁକୁ କଶ୍ମୀରର ରାଜନୈତିକ ଦଳଗୁଡିକ ପକ୍ଷରୁ ନିନ୍ଦା କରାଯାଇଛି। ରାଜ୍ୟପାଳ ଶାସନ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। କୌଣସି ତଦନ୍ତ ଦ୍ୱାରା ମୃତ ନାଗରିକଙ୍କ ଜୀବନ ଫେରିଆସିବ ନାହିଁ। ଗତ ୬ ମାସ ହେଲା ଦକ୍ଷିଣ କାଶ୍ମୀରରେ ଆତଙ୍କ ଜାରି ରହିଛି। ରାଜ୍ୟପାଳ ଶାସନରୁ ଆଉ କ'ଣ ଆଶାକରିବା ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଟୁଇଟ୍ କରିଛନ୍ତି। ଏନ୍‌କାଉଣ୍ଟରକୁ ଠିକ୍ ଢଙ୍ଗରେ ପରିଚାଳନା କରାଯାଇ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ସମାଲୋଚନା କରିଛନ୍ତି।

ଆତଙ୍କବାଦ ବନ୍ଧୁକରେ ନୁହେଁ, ମନ ଭିତରେ ରହିଛି ବୋଲି ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ କହିଛନ୍ତି। ତେଣୁ ଆତଙ୍କବାଦୀଙ୍କୁ ନିପାତ ନୁହେଁ, ରାଜ୍ୟରୁ ଆତଙ୍କବାଦର ମୂଳୋତ୍ପାଟନ ଉପରେ ସେ ପ୍ରାଥମିକତା ଦେଉଥିବା କହିଛନ୍ତି।

## ଶପଥ ନେଲେ...

ଖ୍ରୀଷ୍ଟିଆନବହୁଳ ଉତ୍ତରପୂର୍ବ ରାଜ୍ୟ ମିଜୋରାମର ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିଥିଲେ। ବିଗତ ୧୦ ବର୍ଷ ଧରି ରାଜ୍ୟରେ କଂଗ୍ରେସର ବିଫଳତା ହିଁ ତାଙ୍କୁ ତୃତୀୟଥର ମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବାକୁ ସୁଯୋଗ ଦେଇଛି। ବିକାଶ କ୍ଷେତ୍ରରେ ରାଜ୍ୟ ପଛୁଆ ରହିବା ଏବଂ ବେକାରି ସମସ୍ୟାକୁ ପ୍ରସଙ୍ଗ କରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ ଉଗ୍ରବାଦୀରୁ ରାଜନେତା ପାଲଟିଥିବା ୭୪ ବର୍ଷୀୟ ଭେଟେରାନ୍ ଜୋରାମଥାଙ୍ଗା। ରାଜ୍ୟର ପ୍ରତି ବର୍ଗର ଲୋକେ ତାଙ୍କୁ ଏଥିରେ ସମର୍ଥନ କରି ତାଙ୍କ ଦଳ (ଏମ୍‌ଏନ୍‌ଏଫ୍)କୁ ମୋଟ ୪୦ ଆସନରୁ ୨୬ରେ ବିଜୟୀ କରାଇଥିବା ରାଜନୈତିକ ବିଶେଷଜ୍ଞ ତଥା ଶିକ୍ଷାବିତ୍ କେ. ସାଇଲୋ କହିଛନ୍ତି।

ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ବେଳେ ଲାଲଡେଙ୍ଗାଙ୍କ ସେକେଣ୍ଡ-ଇନ୍-କମାଣ୍ଡର ଭାବେ ନିଜର ସାଙ୍ଗଠନିକ ଦକ୍ଷତାକୁ ଜାହିର କରିବା ପରେ ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ ଭାବେ ଏମ୍‌ଏନ୍‌ଏଫ୍‌ର ମୁଖିଆ ହୋଇଥିଲେ ଜୋରାମଥାଙ୍ଗା। ୧୯୫୯ରେ ଭୟଙ୍କର ମରୁଡ଼ି ଏବଂ ଏଥିରେ କେନ୍ଦ୍ରର ଅବହେଳାକୁ ପ୍ରସଙ୍ଗ କରି ଲାଲଡେଙ୍ଗାଙ୍କ ନେତୃତ୍ୱରେ ଏମ୍‌ଏନ୍‌ଏଫ୍ ୧୯୬୬ ମାର୍ଚ୍ଚ ୧ରେ ଭାରତଠାରୁ ସ୍ୱତନ୍ତ୍ର ହେବାକୁ ଅଭିଯାନ ଜୋର୍‌ଦାର୍ କରିଥିଲା। ସେହିବର୍ଷ ମଣିପୁର ୟୁନିର୍ଭସିଟି, ଇମ୍ଫାଲରୁ ଗ୍ରାଜୁଏଶନର ଫଳାଫଳ ଘୋଷଣା ଅପେକ୍ଷାରେ ରହିଥିବା ଜୋରାମଥାଙ୍ଗା ଏମ୍‌ଏନ୍‌ଏଫ୍‌ରେ ଯୋଗ ଦେଇଥିଲେ।

## ବିଦେଶୀ ପାଣ୍ଠିର...

ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ ୧୯୯୯ (ଏଫଇଏମ୍ଏ) ଅନୁଯାୟୀ ଏହାର ତଦନ୍ତ କରାଯିବ ବୋଲି ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ଯୌନଶୋଷଣ, ଧର୍ମାନ୍ତରୀକରଣ ଏବଂ ବିଦେଶୀ ପାଣ୍ଠି ସମ୍ପର୍କରେ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଏହାର ନକଲ ଏବଂ ଚାର୍ଜଶିଟ୍ ଦାଖଲ କରିବାକୁ ଇଡି ଯୁଗ୍ମ ନିର୍ଦ୍ଦେଶକ ଢେଙ୍କାନାଳ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ଇଡି ହେଉଛି କେନ୍ଦ୍ରୀୟ ସଂସ୍ଥା। କୌଣସି ବିଷୟରେ ତଦନ୍ତ କରିବା ନେଇ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଥମେ ଅବଗତ କରାଯାଇଥାଏ। ତଦନ୍ତ ସମ୍ପର୍କିତ କୌଣସି ସୂଚନା ଜିଲା ପୋଲିସ ବିଭାଗ ପାଖରେ ନ ଥିବା ଏସ୍‌ପି ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଶେଲ୍‌ଟର ହୋମରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ମାମଲାରେ ଅନୁଷ୍ଠାନ ମୁଖିଆ ଫୟାଜ ରେହମାନ, ତାଙ୍କ ସହଯୋଗୀ ଅଧିକାରୀ ଉଦିତ କୁମାର ଲିମା ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକଙ୍କୁ ପୋଲିସ ଗିରଫ କରିଛି। ଫୟାଜଙ୍କୁ ଦୁଇ ପର୍ଯ୍ୟାୟରେ ୫ଦିନିଆ ରିମାଣ୍ଡରେ ଆଣି ପୋଲିସ ଜେରା କରିଛି।

## ଜିଲାପାଳଙ୍କ...

ଜିଲାପାଳଙ୍କଠାରୁ ଏହି କ୍ଷମତା ଏନଜିଟି କାଢି ନେଇଛନ୍ତି । ଏସଆଇଇଏଏ ଠାରୁ

## ପ୍ରଥମ ପୃଷ୍ଠାରୁ...

୫୦ ହେକ୍ଟର ଯାଏ ସମସ୍ତ ଲଘୁ ଖଣି ଅଞ୍ଚଳକୁ ପରିବେଶ ମଞ୍ଜୁରୀ ଦେବେ। ୫ରୁ ୨୫ ହେକ୍ଟର ବି-୨ କାଟାଗୋରିକୁ ଏସଆଇଇଏଏ ମଞ୍ଜୁରୀ ଦେଉଥିଲେ। କେତେକ ସର୍ତ୍ତରେ ୨୫ରୁ ୫୦ ହେକ୍ଟର ବି-୧ କାଟାଗୋରି ଅଞ୍ଚଳକୁ ମଧ୍ୟ ଏସଆଇଇଏଏ ପରିବେଶ ମଞ୍ଜୁରୀ ଦେଉଥିଲେ। କାଟାଗୋରି ବି-୧ ପାଇଁ ଏଆଇଏ, ଇଏମପି ଏବଂ ଜନଶୁଣାଣିର ବ୍ୟବସ୍ଥା ରହିଥିଲା। ରାଜ୍ୟରେ ପ୍ରବଳ ବାଲି ଚୋରି ହେଉଛି । ପରିବେଶକୁ ବେଖାତିର କରି ଲିଜ୍‌ଧାରୀମାନେ ବାଲି ଉଠାଉଛନ୍ତି । ଏଥିଯୋଗୁ ପରିବେଶ ଓ ଜଳଚର ଜୀବଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଅତ୍ୟଧିକ ବାଲି ଖୋଳି ନେଇଯିବାରୁ ନଦୀରେ ଜଳ ଭୂଗର୍ଭକୁ ସଂଚରଣ ହୋଇ ପାରୁ ନ ଥିବାବେଳେ ନଦୀଗୁଡ଼ିକ ପ୍ରଭାବିତ ହେଉଛି। ଏଭଳି ବେଆଇନ କାରବାର ଉପରେ ରୋକ ଲଗାଇବାକୁ ଏନଜିଟିରେ ମାମଲା ଦାଏର କରାଯାଇଥିଲା। ଏହି ମାମଲାର ଶୁଣାଣି କରି କୌଣସି ଲଘୁଖଣିଜ ଅଞ୍ଚଳକୁ ଜିଲାପାଳ ପରିବେଶ ମଞ୍ଜୁରୀ ଦେଇ ପାରିବେ ନାହିଁ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏହାଛଡ଼ା ଯେଉଁ ଅଞ୍ଚଳରେ ବେଆଇନ ବାଲି ଉଠାଣ ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଯେଉଁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ସେ ଅଞ୍ଚଳ ପାଇଁ କେତେଟଙ୍କା ଜରିମାନା ଧାର୍ଯ୍ୟ କରାଯିବ ସେ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗାଇଡ ଲାଇନ ପ୍ରସ୍ତୁତ କରିବ। ଏ ଦିଗରେ ରାଜ୍ୟ ସରକାର କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେ ନେଇ ମନ୍ତ୍ରଣାଳୟକୁ ଜଣାଇବାକୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଦ୍ୱାଦଶ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଯାତ୍ରା ଆରମ୍ଭ କରି ଖୁସି ମନେଇବେ। ବକେୟା ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ। ଅଫିସ୍ କାମରେ ଯୁକ୍ତିଯୁକ୍ତ କଥା କହି ବିବାଦ ଭିତରକୁ ପଶିଯାଇପାରନ୍ତି।

**ବୃଷ**
ରାଶି ପାଇଁ ଚନ୍ଦ୍ରଙ୍କ ସ୍ଥିତି ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସାହାଯ୍ୟ, ସମର୍ଥନ ଲାଭ କରାଇବ। କୃତ୍ତିକା ନକ୍ଷତ୍ର ପାଇଁ ପରିସ୍ଥିତି ବିଶେଷ ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ବାରମ୍ବାର ଚେଷ୍ଟା ବିଫଳ ହେବାଯୋଗୁ ଟେନ୍‌ସନ ଲାଗି ରହିବ। ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ବୃଦ୍ଧି ପାଇ ଚିନ୍ତା ବଢ଼ାଇ ଦେଇପାରେ।

**ମିଥୁନ**
ରାହୁଙ୍କ ପ୍ରଭାବରେ ଆପଣଙ୍କ କଥାବାର୍ତ୍ତା ଓ ବ୍ୟବହାର ଅନ୍ୟମାନଙ୍କ ପସନ୍ଦଯୋଗ୍ୟ ନ ହେବାରୁ ସମସ୍ୟା ଉପୁଜିପାରେ। ବିଭିନ୍ନ ପ୍ରକାର ଧନ୍ଦା କରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି। ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମା, କ୍ରୀଡ଼ା, କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ନବମ ଭାବରେ ରାଶ୍ୟାଧିପତି ନୂଆ କାମ କରିବା ପାଇଁ ମନରେ ଭାବନା ଜାଗ୍ରତ କରିପାରନ୍ତି। ନିଜ ପରିସରରେ ସାଧାରଣ କଥାକୁ ବଡ଼ କରି ନିକଟସ୍ଥ ବ୍ୟକ୍ତି କଳହର ମାତ୍ରାକୁ ବଢ଼ାଇବେ। ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ହଠାତ୍ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ।

**ସିଂହ**
ଏକାଧିକ ଗ୍ରହ ପରିବାର ସ୍ଥାନରେ ପାପ ମଧ୍ୟସ୍ଥ ଯୋଗୁ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନେ ସନ୍ତୁଷ୍ଟ ହେବେ ନାହିଁ ବରଂ ନିନ୍ଦାଗାନ କରିବେ। ଘରେ ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ହସଖୁସିର ସୁଅ ଛୁଟିବ। ମାଲିମକଦ୍ଦମା, ଜମିଜମା ସମସ୍ୟା, ଚୁକ୍ତିପତ୍ର ପ୍ରଭୃତିରେ ସୁଫଳ ପାଇବେ।

**କନ୍ୟା**
ଧନ ସ୍ଥାନରେ ଶୁକ୍ର ବନ୍ଧୁଙ୍କ ଆଦର, ଅର୍ଥ, ସମ୍ମାନ ଓ ବିଳାସବ୍ୟସନ ପାଇଁ ବହୁତ ଭଲ ହେବ। ବହୁ ଦିନରୁ ଟଙ୍କା ବାକି ରଖିଥବା ଲୋକଟି ଆପଣଙ୍କୁ ଘରେ ଆସି ଟଙ୍କା ଦେଇଯାଇପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା**
ଶୁକ୍ର, ଶନି ସାଙ୍ଗକୁ ଚନ୍ଦ୍ର ଓ ରାହୁଙ୍କ ସ୍ଥିତି ବହୁ ଶୁଭଦାୟକ ରହିବେ। ଫଳରେ ଯାହା କଲେ ମଧ୍ୟ କୌଣସି କାମ ସ୍ଥଗିତ ରହିବ ନାହିଁ। କିନ୍ତୁ ହସ୍ତା ନକ୍ଷତ୍ର ସକାଶେ ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅବଶ୍ୟ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଭାଗ୍ୟାଧିପତି ଙ୍କ ଶୁଭ ସ୍ଥିତି ଆପଣଙ୍କ ମନକୁ ଖୁସି ରଖିବା ସହ ଅନୁରାଧା ପାଇଁ କାର୍ଯ୍ୟବ୍ୟସ୍ତତା ସୃଷ୍ଟି କରିବ। ଜ୍ୟେଷ୍ଠା ନକ୍ଷତ୍ର ଅଭାବ ଦୂରେଇବାର ପ୍ରୟାସକଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇନେବେ। କ୍ରୀଡ଼ା, କଳା ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ। ବିଭିନ୍ନ କୌଶଳ ଅବଲମ୍ବନକରି ଲକ୍ଷ୍ୟପୂରଣରେ ସମର୍ଥ ହୋଇପାରନ୍ତି।

**ଧନୁ**
ବନ୍ଧୁଙ୍କ ମନାନ୍ତର କାରଣରୁ ମନ ଭଲ ନ ଥିବା ହେତୁ କୌଣସି କାମରେ ମନଯୋଗୀ ରହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆମଦାନୀ କାରବାର କ୍ଷେତ୍ରରେ ବେଶ୍ ଖୁସୀ ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ତୃତୀୟ ସ୍ଥାନରେ ସପ୍ତମାଧିପତି ଆପଣଙ୍କୁ କୌଣସି ନୂତନ ଭାବନାରେ ନିମଜ୍ଜିତ କରାଇପାରେ। ଧର୍ମକାର୍ଯ୍ୟ, ଶୁଭ ଖବର ଓ ପାରିବାରିକ କ୍ଷେତ୍ରରେ ଅଗ୍ରଗାମୀ ହୋଇପାରନ୍ତି। ଧନିଷ୍ଠା ନକ୍ଷତ୍ର ସକାଶେ ସାଧାରଣ କଥାକୁ ନେଇ ସମ୍ପର୍କୀୟଙ୍କ ଆକ୍ଷେପୋକ୍ତି ମନରେ ଭାବାନ୍ତର ସୃଷ୍ଟି କରିବ। ବିଳାସବ୍ୟସନ ପ୍ରତି ବିଶେଷ ଅନୁରକ୍ତି ଜାଗ୍ରତହେବ।

**କୁମ୍ଭ**
ନିଜ ଭାବରୁ ଶୁକ୍ର ଅଷ୍ଟମସ୍ଥ ହେତୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ପର୍ଯ୍ୟଟନ, ଦୂରସ୍ଥାନକୁ ଯାତ୍ରା ନୂତନ କର୍ମନିଯୁକ୍ତି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଭୂସମ୍ପତ୍ତିକୁ କେନ୍ଦ୍ରକରି ପରିବାର ମଧ୍ୟରେ କଳହର ସୂଚନା ରହିଛି ।

**ମୀନ**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମାରେ ସଫଳତା ପାଇବେ। କିନ୍ତୁ ସଙ୍ଗଠନ, ଲେଖାପଢ଼ା ଓ ନୂତନ ସମ୍ପର୍କ ସ୍ଥାପନ କ୍ଷେତ୍ରରେ, କାରବାରରେ କିଛିଟା ସାମୟିକ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ ଓ ରାଜନୈତିକ କ୍ଷେତ୍ରରେ ସ୍ଥିତିକୁ ସୁଦୃଢ଼ ରଖିବାରେ ସମର୍ଥ ହେବେ।

ଆଜି ଧନୁ ସଂକ୍ରାନ୍ତି, ପହିଲି ଭୋଗ ଆରମ୍ଭ, ଖର ମାସ ଜନିତ ଅଶୁଦ୍ଧ କାଳ ଆରମ୍ଭ, ମାର୍ଗଶିର ଶୁକ୍ଳ ନବମୀ ରବିବାର, ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ମେଷ ରାଶିର ଘାତବାର, ଧନୁ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୩୮ମି. ଗତେ, ଘ୮।୫୮ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୦ମଧ୍ୟେ, ଘ୧।୦୧ମି. ଗତେ ଘ୨।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୪୫ମି. ଗତେ ଘ୫।୦୭ମି. ମଧ୍ୟେ ରାହୁକାଳ।

# ବନ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

**'ମହାବୀର' ମୃତ୍ୟୁ ଘଟଣା**

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ସାତକୋଶିଆରେ ମହାବଳ ବାଘ 'ମହାବୀର'କୁ ଶିକାରୀ ମାରିଛନ୍ତି। କିନ୍ତୁ ସମ୍ପୃକ୍ତ ଶିକାରୀଙ୍କୁ ନ ଧରି ଓ ଏହାର ଉପଯୁକ୍ତ ତଦନ୍ତ ନ କରି ବନ ବିଭାଗ ଅସୁସ୍ଥତା ଯୋଗୁ ବାଘର ମୃତ୍ୟୁ ହୋଇଥିବା କହିଥିଲା। ତେଣୁ ପ୍ରକୃତ ତଥ୍ୟ ଲୁଚାଇବା ଓ କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ ସୁପାରିସ କରିଛନ୍ତି। ଏ ନେଇ ଏନ୍‌ଟିସିଏ ପିସିସିଏଫ୍(ୱାଇଲ୍ଡଲାଇଫ୍)ଙ୍କୁ ଚିଠି ଲେଖିଛନ୍ତି।ଏଥିସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜୁନ୍ ୨୧ରେ କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ମହାବୀରକୁ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ଅଣାଯାଇଥିଲା। ନଭେମ୍ବର ୧୪ରେ ବାଘଟିର ଗଳିତ ମୃତଦେହ ଠାବ କରାଯାଇଥିଲା।




# ବ୍ରହ୍ମପୁର-ସୁରଟ ରେଳ, ବିମାନ ଚଳାଚଳ

# କେନ୍ଦ୍ରକୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗୁଜରାଟର ସୁରଟ ଗସ୍ତ କରିବେ। ଏହାର ଦୁଇ ଦିନ ପୂର୍ବରୁ ଅର୍ଥାତ ଶନିବାର ମୁଖ୍ୟମନ୍ତ୍ରୀ ସୁରଟରେ ରହୁଥିବା ଓଡ଼ିଆଙ୍କ ନିମନ୍ତେ ବିଭିନ୍ନ ସୁବିଧା ପାଇଁ କେନ୍ଦ୍ରକୁ ଚିଠି ଲେଖିଛନ୍ତି।

ବ୍ରହ୍ମପୁର-ସୁରଟ ମଧ୍ୟରେ ଦୈନିକ ଦୁଇଟି ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଅନୁରୋଧ କରାଯାଇଛି। ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଗଞ୍ଜାମ ଜିଲାର ପ୍ରାୟ ୭ ଲକ୍ଷରୁ ଅଧିକ ଓଡ଼ିଆ ସୁରଟରେ ବାସ କରୁଛନ୍ତି। ସେଠାରେ ଥିବା ଓଡ଼ିଆମାନେ ପାୱାରଲୁମ୍, ଡାଇଙ୍ଗ୍, ପେଣ୍ଟିଙ୍ଗ୍ ଏବଂ ହୀରା କାଟିବା ପରି ବ୍ୟବସାୟରେ ନିୟୋଜିତ ଅଛନ୍ତି। ବ୍ରହ୍ମପୁର ସହ ସୁରଟକୁ ଯୋଡିବା ପାଇଁ କୌଣସି ସିଧାସଳଖ ଟ୍ରେନ୍ ନାହିଁ। ତେଣୁ ଏହି ଦୁଇ ସହର ମଧ୍ୟରେ ଟ୍ରେନ୍ ଚଳାଚଳ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ଅଗଷ୍ଟ ୨୮ରେ ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଏକ ଚିଠି କେନ୍ଦ୍ରକୁ ଲେଖି ସାରିଛନ୍ତି। ସେହିପରି ଭୁବନେଶ୍ୱର ଏବଂ ସୁରଟ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଅନୁରୋଧ କରାଯାଇଛି। ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୪ରେ ମୁଖ୍ୟମନ୍ତ୍ରୀ ତାଙ୍କୁ ପତ୍ର ଲେଖିଥିଲେ।

ଉପରୋକ୍ତ ଦୁଇଟି ଚିଠି ବ୍ୟତୀତ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସୁରଟରେ ରହୁଥିବା ଓଡ଼ିଆଙ୍କ ପାଇଁ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା ନେଇ ଏକ ଏକର ଜମି ଦେବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ସେଠାରେ ଏକ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା ପାଇଁ ଚିନ୍ତା କରୁଛନ୍ତି। ଏହା ହୋଇପାରିଲେ ସେଠାରେ ଥିବା ଓଡ଼ିଆମାନେ ଉକ୍ତ କେନ୍ଦ୍ରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିପାରିବେ ବୋଲି କୁହାଯାଇଛି।

**■ ତିତ୍‌ଲି କ୍ଷତିପୂରଣ**

# ତୁରନ୍ତ ସହାୟତା ଯୋଗାଇବ କେନ୍ଦ୍ର

**■ ମୁଖ୍ୟମନ୍ତ୍ରୀଙ୍କୁ ରାଜନାଥଙ୍କ ପ୍ରତିଶ୍ରୁତି**

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଓ ପରବର୍ତ୍ତୀ ବନ୍ୟାଜନିତ କ୍ଷୟକ୍ଷତିର ଭରଣା ପାଇଁ କେନ୍ଦ୍ର ସରକାର ତୁରନ୍ତ ସହାୟତା ପ୍ରଦାନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବା ପରେ ରାଜନାଥ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ କୁହାଯାଇଛି।

ଓଡ଼ିଶାର ୧୭ଟି ଜିଲାର ୧୨୮ ବ୍ଲକର ପ୍ରାୟ ୬୦.୩୧ ଲକ୍ଷ ଲୋକ 'ତିତ୍‌ଲି' ଯୋଗୁ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର ଓ ପୁନର୍ଗଠନ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ପ୍ରାୟ ୨୭୭୯.୩୨ କୋଟି ଟଙ୍କା କ୍ଷୟକ୍ଷତିର ଆକଳନ କରାଯାଇଥିଲା। ଗତ ଅକ୍ଟୋବର ୧୮ ଏବଂ ଡିସେମ୍ବର ୧୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ୨୦୨୩.୧୩ କୋଟି ଟଙ୍କାର ସହାୟତା ରାଶି ମଗାଯାଇଥିଲା। ପ୍ରାଥମିକ ଭାବେ ୧୦୦୦ କୋଟି ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନକରିବାକୁମୁଖ୍ୟମନ୍ତ୍ରୀକହିଛନ୍ତି।

## ଶେଲ୍‌ଟର ହୋମ୍‌ରେ ଯୌନ ନିର୍ଯ୍ୟାତନା

# ବିଜେଡି-ଭାଜପା ମୁହାଁମୁହିଁ

**■ ଭାଜପା ସମ୍ବେଦନହୀନ: ବିଜେଡି**

**■ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଖବରଦାତା ସମ୍ମିଳନୀ: ଭାଜପା**

ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ଢେଙ୍କାନାଳ ଜିଲା ବେଲଟିକିରି ଶେଲ୍‌ଟର ହୋମ୍ ନାବାଳିକା ଯୌନ ନିର୍ଯ୍ୟାତନା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ବିଜୁ ମହିଳା ଜନତା ଦଳ ଓ ଭାଜପା ମହିଳା ମୋର୍ଚ୍ଚା ଏ ନେଇ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟ ସରକାର ଘଟଣାକୁ ସମ୍ବେଦନଶୀଳତାର ସହ ନେଇ ଆବଶ୍ୟକ ପଦକ୍ଷେପ ନେଉଥିବା କହିଛି ବିଜେଡି। ସେହିପରି ନିଜର ଦୋଷ ଲୁଚାଇବା ସହ ବିଜେଡି ପ୍ରକୃତ ଦୋଷୀଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଛି ଭାଜପା।

ବିଜୁ ମହିଳା ଜନତା ଦଳ ନେତ୍ରୀ କସ୍ତୁରୀ ମହାପାତ୍ର କହିଛନ୍ତି ଯେ, ଢେଙ୍କାନାଳ ବେଲଟିକିରି ଘଟଣା ଜଣାପଡିବା ପରେ ଆଇନ ଅନୁସାରେ ସମସ୍ତ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଉକ୍ତ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ଚାଲିଥିବା ଶେଲ୍‌ଟର ହୋମ୍‌ଗୁଡିକ ଯାଞ୍ଚ କରାଯାଉଛି। ଶିଶୁମାନଙ୍କୁ ଯୌନ ଅପରାଧରୁ ରକ୍ଷା କରିବା ପାଇଁ ଶିଶୁମାନଙ୍କ ସୁରକ୍ଷା ଆଇନ-୨୦୧୨ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଥିବା ୧୯ଟି ଶିଶୁ ଗୃହକୁ ୨୦୧୫ରୁ ୨୦୧୮ ମଧ୍ୟରେ ବନ୍ଦ କରାଯାଇଛି। ତେଣୁ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଦ୍ୱାରା ପରିଚାଳିତ ଶେଲ୍‌ଟୋର ହୋମ୍ ସରକାରୀ ଅନୁଦାନ ପାଇନାହିଁ ବୋଲି ମହାପାତ୍ର କହିଛନ୍ତି। ସେହିପରି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ ଯେଉଁଭଳି ଭାବେ କଡା ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି, ତାହା ଦୁର୍ଭାଗ୍ୟଜନକ। ଏହିସବୁ ଘଟଣାକୁ ରୋକିବା ପାଇଁ କେନ୍ଦ୍ର ପକ୍ଷରୁ ମଧ୍ୟ କୌଣସି ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇନାହିଁ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏ ସଂକ୍ରାନ୍ତ ଏକ ଗାଇଡ୍‌ଲାଇନ ଗତ ଜାନୁୟାରୀରେ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ମହିଳା ନେତ୍ରୀବୃନ୍ଦ।

ହେଲେ କେନ୍ଦ୍ର ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ ବୋଲି କସ୍ତୁରୀ କହିଛନ୍ତି। ସେହିପରି ଭାଜପା ଶାସିତ ରାଜ୍ୟ ଉତ୍ତର ପ୍ରଦେଶ ଏବଂ ବିହାରରେ ଏଭଳି ଘଟଣା ଅଧିକ ଘଟୁଛି, ତେଣୁ ଭାଜପା ନେତାମାନେ ସମ୍ବେଦନହୀନ ହୋଇ ରାଜନୀତି ନ କରିବାକୁ ବିଜେଡି ପକ୍ଷରୁ କୁହାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ମିନତି ବେହେରା ଓ କାର୍ଯ୍ୟକାରୀ ସଭାପତି ସୁଲୋଚନା ଦାସ ଉପସ୍ଥିତ ଥିଲେ।

ବିଜେଡିର ଏଭଳି ଆକ୍ଷେପର ଜବାବ ରଖିଛନ୍ତି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା। ସେ କହିଛନ୍ତି ଯେ, ଶେଲ୍‌ଟର ହୋମ୍‌ଗୁଡିକରେ ଚାଲୁଥିବା ନିର୍ଯ୍ୟାତନା, ଯୌନ ଶୋଷଣ ଏବଂ ଧର୍ମାନ୍ତରୀକରଣକୁ ଘଣ୍ଟ ଘୋଡାଇବା ପାଇଁ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇଛି। ଏହି ଘଟଣାରେ ଜନୈକ ଦଳୀୟ ମୁଖପାତ୍ରଙ୍କୁ ଘଣ୍ଟ ଘୋଡାଯାଉଛି। ବିଭାଗୀୟ ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ପ୍ରଭାତି କହିଛନ୍ତି।

**■ ବିମାନରେ ୩ ମାସର ଶିଶୁ ଅସୁସ୍ଥ**

## ଭୁବନେଶ୍ୱର ବିମାନବନ୍ଦରରେ ଜରୁରୀ ଅବତରଣ କଲା ଇଣ୍ଡିଗୋ

ଭୁବନେଶ୍ୱର, ୧୫।୧୨ (ବ୍ୟୁରୋ)

ଗୁଆହାଟୀରୁ ଚେନ୍ନାଇ ଯାଉଥିବା ଇଣ୍ଡିଗୋ ବିମାନ ୯୦୫ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ଏଥିରେ ଯାତ୍ରା କରୁଥିବା ଏକ ୩ ମାସର ଶିଶୁ ହଠାତ୍ ଅସୁସ୍ଥ ହୋଇଯିବାରୁ ବିମାନକୁ ଜରୁରୀ ଅବତରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିକଟରେ ଥିବାରୁ ବିମାନବନ୍ଦରର ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଯୋଗାଯୋଗ କରାଯାଇଥିଲା। ସିଗ୍‌ନାଲ ମିଳିବା ପରେ ସକାଳ ୯ଟା ୨୭ରେ ବିମାନକୁ ଜରୁରୀ ଅବତରଣ କରାଯାଇଥିଲା। ଏହାପରେ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଶିଶୁଟିକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଶିଶୁଟିକୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବିମାନଟି ଗୁଆହାଟୀରୁ ସକାଳ ୭ଟା ୭ରେ ଉଡ଼ାଣ କରି ଚେନ୍ନାଇରେ ୧୦ଟା ୩୦ରେ ପହଞ୍ଚିବାର ଥିଲା। କିନ୍ତୁ ଭୁବନେଶ୍ୱରରେ ଜରୁରୀ ଅବତରଣ ଯୋଗୁ ବିମାନଟି ପ୍ରାୟ ଦୁଇଘଣ୍ଟା ବିଳମ୍ବରେ ଚେନ୍ନାଇରେ ପହଞ୍ଚିଥିଲା।




# ଓଡ଼ିଶା ମହୋତ୍ସବରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ, ୧୫।୧୨

ଗଞ୍ଜାମ ଜିଲାରୁ ସୁରଟ ମୁହାଁ ହେଉଛନ୍ତି ମନ୍ତ୍ରୀ, ବିଧାୟକ ଏବଂ ବିଜେଡି କର୍ମୀ ଓ ନେତା। ଆସନ୍ତା ୧୭ ତାରିଖରେ ସେଠାରେ ହେବ ଓଡ଼ିଶା ମହୋତ୍ସବ। ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଠାରେ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧିତ କରିବେ।

ସୂଚନାଯୋଗ୍ୟ, ସୁରଟରେ କାର୍ଯ୍ୟରତ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଙ୍କ ମଧ୍ୟରୁ ଅଧିକାଂଶ ଗଞ୍ଜାମ ଜିଲାର। ସେମାନଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟରେ ସାମିଲ କରିବା ଲକ୍ଷ୍ୟ ରହିଛି। ତେଣୁ ଗତ ୩ ମାସ ମଧ୍ୟରେ ଗୋପାଳପୁର ବିଧାୟକ ପ୍ରଦୀପ କୁମାର ପାଣିଗ୍ରାହୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ ଓ ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓ ବହୁବାର ସୁରଟ ଯାଇ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ସଂଗଠିତ କରିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ଉଷା ଦେବୀ, ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରିୟାଂଶୁ ପ୍ରଧାନ, ନନ୍ଦିନୀ ଦେବୀ ଓ ଦେବରାଜ ମହାନ୍ତି ପ୍ରମୁଖ ପହଞ୍ଚିଛନ୍ତି। ରବିବାର ମନ୍ତ୍ରୀ ବିକ୍ରମ ଆରୁଖ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ସୁରଟ ପ୍ରବାସୀ ଓଡ଼ିଆ ସମାଜ ପକ୍ଷରୁ ଚଳିତବର୍ଷ ପ୍ରଥମ କରି ଓଡ଼ିଶା ମହୋତ୍ସବ ଆୟୋଜନ କରୁଥିବା କୁହାଯାଇଥିଲେ ମଧ୍ୟ ୨୦୧୯ ସାଧାରଣ ନିର୍ବାଚନକୁ ନଜର ରଖି ବିଜେଡି ପ୍ରାୟୋଜିତ କରୁଛି। ସେଠାର ଓଡ଼ିଆ ଶ୍ରମିକଙ୍କ ଭୋଟର ତାଲିକା ଗଞ୍ଜାମ ଜିଲାରେ ମଧ୍ୟ ରହିଛି। ମହୋତ୍ସବରେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। କେବଳ ୧୭ ତାରିଖ ଦିନକ ପାଇଁ ମହୋତ୍ସବ ହେବ ବୋଲି ଜଣାଯାଇଛି।

## କଂଗ୍ରେସ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ: ନବ

ଝାରସୁଗୁଡ଼ା ଅଫିସ, ୧୫।୧୨

ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଦଳବଦଳ କରିବା ନେଇ ଦୀର୍ଘଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ବିଧାୟକ ଦାସ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା, ତାହାକୁ ସେ ଖଣ୍ଡନ କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତି ଜାରି କରି ବିଧାୟକ ଦାସ କହିଛନ୍ତି, ସେ ଛାତ୍ର ଜୀବନରୁ କଂଗ୍ରେସ ସହ ଜଡ଼ିତ ଅଛନ୍ତି ଏବଂ ଆଗକୁ ମଧ୍ୟ ରହିଥିବେ। କଂଗ୍ରେସର ନୀତି ଆଦର୍ଶରେ ମୁଁ ଅନୁପ୍ରାଣୀତ। ମୋର ଅତୀତର କାର୍ଯ୍ୟ ଦ୍ୱାରା ଦଳ ମୋତେ ଓଡ଼ିଶା ପିସିସି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଛି। ଦଳ ତରଫରୁ ଯେତେବେଳେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହା ମୁଁ ନିଷ୍ଠାର ସହ ପାଳନ କରିଛି ଏବଂ ଆଗକୁ ମଧ୍ୟ କରିବି। କଂଗ୍ରେସ ଛାଡ଼ି ଅନ୍ୟ ଦଳକୁ ଯିବାର ପ୍ରଶ୍ନ ଉଠୁନାହିଁ ବୋଲି ବିଧାୟକ ଦାସ ଶୁକ୍ରବାର ପିସିସିକୁ ଅବଗତ କରିଥିବା ବେଳେ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଧାୟକଙ୍କ ଏହି ସ୍ୱଷ୍ଟୋକ୍ତି ପରେ ଓଡ଼ିଶା କଂଗ୍ରେସକୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା କୁହାଯାଉଛି।






ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। - ଶ୍ରୀଅରବିନ୍ଦ



# ହାଇକମାଣ୍ଡ



ଆକାର ପଟେଲ

ଯେତେବେଳେ ମୋତେ ୧୮ ବର୍ଷ ହେଲା ଓ ଭୋଟ ଦେବାର ଅଧିକାର ପ୍ରାପ୍ତ ହେଲି, ସେତେବେଳେ ସୁରତରୁ ପାର୍ଲାମେଣ୍ଟ ସଦସ୍ୟ ଥିଲେ ଭାଜପାର କାଶୀରାମ ରାଣା। ମୋତେ ୪୦ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ସୁରତର ଏମ୍‌ପି ଥିଲେ। ତୃଣମୂଳସ୍ତରରୁ ସେ ଜଣେ ଲୋକପ୍ରିୟ ନେତା ଥିଲେ, ଛଅଥର ଜିତିଥିଲେ ଏବଂ କେବେ ବି ହାରି ନ ଥିଲେ। ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟ୍‌ରେ ସେ ଜଣେ ମନ୍ତ୍ରୀ ମଧ୍ୟ ଥିଲେ। ବିନା କାରଣରେ ୨୦୦୮ରେ ତାଙ୍କୁ ଟିକେଟ୍‌ରୁ ବଞ୍ଚିତ କରାଗଲା ଏବଂ ତା'ର କିଛିବର୍ଷ ପରେ ତାଙ୍କର ମୃତ୍ୟୁ ଘଟିଲା। ତାଙ୍କ ବିଷୟରେ ଏଠାରେ ଉଲ୍ଲେଖ କରିବାର କାରଣ ଟିକିଏ ପରେ କହିବି।

ଯେଉଁଦିନ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭୋଟ ଗଣତି ହେଲା, ତାହା କଂଗ୍ରେସ ପାଇଁ ଏକ ସୁଦିନ ଥିଲା। ଠିକ୍ ତା' ପରଦିନ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ଯଥାଶୀଘ୍ର ନିରୂପିତ ହୋଇ ନ ପାରିବାରୁ ଏହା କଂଗ୍ରେସ ପାଇଁ ଗଣମାଧ୍ୟମରେ ସମାଲୋଚନାର ଖୋରାକ ଯୋଗାଇଲା। ଦଳ ପକ୍ଷରୁ ସଫେଇ ଦିଆଗଲା ଯେ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଭାଜପା କ୍ଷେତ୍ରରେ ତାହା ହିଁ ଘଟିଥିଲା, ତେଣୁ ଏହା କିଛି ନୂଆ କଥା ନୁହେଁ। କିନ୍ତୁ ଅନେକ ଲୋକ ଏହାକୁ ଅସ୍ୱାଭାବିକ ମନେକରିଛନ୍ତି।

ପ୍ରଥମତଃ ଆମେ ଜାଣୁ ଯେ କଂଗ୍ରେସର ଜଣେ ହାଇକମାଣ୍ଡ ଅଛନ୍ତି। ଏଠାରେ ହାଇକମାଣ୍ଡ କହିଲେ ଗାନ୍ଧୀ ପରିବାରର ମାଆ ଓ ପୁଅଙ୍କୁ ବୁଝାଏ, ଯେଉଁମାନେ ଦଳକୁ ନିୟନ୍ତ୍ରିତ କରନ୍ତି। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦିନକ ପରେ ଜଣାଗଲା ଯେ, ଏହି ହାଇକମାଣ୍ଡ ସର୍ବମୟ କର୍ତ୍ତା ନୁହନ୍ତି। ଯଦି ତାହା ହୋଇଥାନ୍ତା, ତେବେ ରାହୁଲ ଗାନ୍ଧୀ ତୁରନ୍ତ ନେତା ବାଛିଦେଇଥାନ୍ତେ ଏବଂ ଏ ପ୍ରସଙ୍ଗ ସେଇଠି ସରିଥାନ୍ତା। ତେଣୁ ମନେହେଲା ଯେମିତିକି ହାଇକମାଣ୍ଡଙ୍କର ସେତିକି କ୍ଷମତା ନାହିଁ। ତେବେ ଏହା ଏକ ଖରାପ କଥା ନୁହେଁ। କାରଣ ଏଥିରୁ ଜଣାପଡୁଛି, ଦଳ ଭିତରେ ଗଣତନ୍ତ୍ର ବୋଲି କିଛି ଅଛି ଏବଂ କଂଗ୍ରେସରେ ଗଣତନ୍ତ୍ର ନାହିଁ ବୋଲି ଯାହା କୁହାଯାଏ, ତାହା ଠିକ୍ ନୁହେଁ।

ଏହା ସହ ଯେପରି ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ, ହରିୟାଣାରେ ଏମ୍.ଏଲ୍. ଖଟ୍ଟର ଓ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ବିନା ଜନଅସନ୍ତୋଷରେ ମୁଖ୍ୟମନ୍ତ୍ରୀ ଭାବେ ବଛାଗଲା, ତାହାର ତୁଳନା କରନ୍ତୁ। ଏହିସବୁ ରାଜ୍ୟରେ ଦଳକୁ ଗଢ଼ିଥିବା ଦଳର ଅନେକ ପୁରୁଖା ନେତାଙ୍କୁ ଉପେକ୍ଷା କରି ଏମାନଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା, ଅଥଚ ସମସ୍ତେ ଏହାକୁ ମାନିନେବାକୁ ବାଧ୍ୟ ହେଲେ। କାଶୀରାମ ରାଣାଙ୍କ କ୍ଷେତ୍ରରେ ବି ତାହା ହିଁ ଘଟିଥିଲା, ଯାହାଙ୍କୁ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଥିବା ନରେନ୍ଦ୍ର ମୋଦି ଟିକେଟ୍ ଦେଲେ ନାହିଁ। ତେଣୁ ଏଥିରୁ ଜଣାପଡୁଛି ଯେ ଭାଜପାରେ ବି ହାଇକମାଣ୍ଡ ଅଛନ୍ତି, ଯିଏ ତାଙ୍କ ନିର୍ଦ୍ଦେଶକୁ ତଳ ସ୍ତରର ନେତାଙ୍କ ଉପରେ ଚାପିଦିଅନ୍ତି। ଆମେ କଂଗ୍ରେସକୁ ଏକଚ୍ଛତ୍ରବାଦୀ ଦଳ ବୋଲି କହୁ କାରଣ ଏହା ବଂଶାନୁକ୍ରମିକ। ମୁଁ ଏହାକୁ ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ବୋଲି କୁହେ, ଯେଉଁଠି ଗୋଟିଏ ପରିବାର ହାତରେ ସମସ୍ତ ଅଂଶଧନ ରହିଛି। ଅନ୍ୟ ପକ୍ଷରେ ଭାଜପା ହେଉଛି ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ପରି, ଯାହାର ଅଂଶଧନ ଜଣଙ୍କ ପାଖରେ ଠୁଳ ହୋଇ ନାହିଁ।

ନିକଟରେ ଘଟିଥିବା ଘଟଣାରୁ ସ୍ପଷ୍ଟ ଯେ, କଂଗ୍ରେସର 'ହାଇକମାଣ୍ଡ' ସମ୍ପର୍କରେ ଆମେ ଯାହା ଭାବୁଛୁ ତାହା ଠିକ୍ ହୋଇ ନ ପାରେ। ସମର୍ଥକମାନେ ତାଙ୍କ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଜୋରଦାର ଦାବି କରିବାର ଦୃଶ୍ୟ ଟିଭି ପରଦାରେ ଦେଖାଗଲା ବେଳେ ହାଇକମାଣ୍ଡଙ୍କ ନିଷ୍ପତ୍ତି ନେବା ତଥାପି ଶେଷ ହେଉ ନ ଥାଏ। ରାଜସ୍ଥାନରେ ଏହାକୁ ନେଇ ସମର୍ଥକମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଲା। ଏଥିରୁ ଜଣାଗଲା ଯେ କଂଗ୍ରେସରେ ପୂର୍ଣ୍ଣ ଏକାଧିପତ୍ୟ ବୋଲି କିଛି ନାହିଁ। ରାଜସ୍ଥାନରୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଆଲୋଚନା ପାଇଁ ଦିଲ୍ଲୀ ଡକାଗଲା। ସେମାନଙ୍କୁ କୁହାଗଲା, ଫେରିଯାଅ ; ପୁଣି ବାଟ ମଝିରୁ କୁହାଗଲା, ଫେରିଆସ। ଏଥିରୁ କ'ଣ ବୁଝାପଡୁଛି ? ସମ୍ଭବତଃ ହାଇକମାଣ୍ଡଙ୍କ ପାଇଁ ନିଷ୍ପତ୍ତି ନେବା କଷ୍ଟକର ଥିଲା କିମ୍ବା ତାଙ୍କ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିବ କି ନାହିଁ ସେ ନେଇ ସେ ସନ୍ଦିହାନ ଥିଲେ। ବୈଠକରେ ସୋନିଆ ଓ ପ୍ରିୟଙ୍କାଙ୍କ ଉପସ୍ଥିତି (ଯାହା ଗଣମାଧ୍ୟମରେ ପ୍ରକାଶ ପାଇଛି)ରୁ ସୂଚନା ମିଳୁଛି ଯେ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସେମାନଙ୍କ ସାହାଯ୍ୟ ଚାହୁଁଥିଲେ। ସେ ଏକା ନିଷ୍ପତ୍ତି ନେବାକୁ ଅସମର୍ଥ ଥିଲେ। ଏଥିରୁ ଜଣାପଡୁଛି ଯେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ କଂଗ୍ରେସର ଯେଉଁ ବିଜୟ ଘଟିଲା, ତାହା ଦିଲ୍ଲୀ ନେତୃତ୍ୱ ଉପରେ ନିର୍ଭରଶୀଳ ନ ଥିଲା।

ଏହା ହେଉଛି ଦୁଇ ଜାତୀୟ ଦଳ ଭିତରେ ଥିବା ପ୍ରଭେଦ। ଗୋଟିଏ ପଟେ ଭାଜପା ଧରିନେଇଛି ଯେ, ଦଳ ଜିତିବା ପାଇଁ ମୋଦିଙ୍କ ଅବଦାନ ସବୁଠୁ ଅଧିକ। ତେଣୁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନେବାରେ ତାଙ୍କର ଏକାଧିପତ୍ୟକୁ ସମସ୍ତେ ମାନିନେବା ଉଚିତ। ଅପରପକ୍ଷେ ରାହୁଲ ଗାନ୍ଧୀ ଯେଉଁ ଆଭିମୁଖ୍ୟ ଗ୍ରହଣ କଲେ ବା ଗ୍ରହଣ କରିବାକୁ ବାଧ୍ୟ ହେଲେ, ତାହା ତାଙ୍କ ପିତାଙ୍କଠାରୁ ଅଲଗା ଥିଲା। ରାଜୀବ ଗାନ୍ଧୀ ଆଭ୍ୟନ୍ତରୀଣ ପ୍ରସଙ୍ଗରେ ଅସନ୍ତୁଷ୍ଟମାନଙ୍କ ପ୍ରତି ଧମକପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ। କିନ୍ତୁ ରାହୁଲ ଗାନ୍ଧୀଙ୍କ ଧରଣ ଟିକେ ଅଲଗା। କୁହାଯାଉଛି ଯେ ରାହୁଲ ଚାହୁଁଥିଲେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଯଥାକ୍ରମେ ସଚିନ ପାଇଲଟ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ପରି ଯୁବ ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ। କିନ୍ତୁ ସେ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିଲେ ନାହିଁ। ଏଥିରୁ କଂଗ୍ରେସର ନେତୃତ୍ୱ, ଏହାର ଗଠନ ଓ ଏହାର ସୀମାବଦ୍ଧତା ବିଷୟରେ ଅନେକ କିଛି ଜାଣିହେଉଛି, ଯାହା ପୂର୍ବୋକ୍ତ 'ହାଇକମାଣ୍ଡ' ତତ୍ତ୍ୱଠାରୁ ଅଲଗା।

Email: aakar.patel@gmail.com

# ମଣିଷରୁ ଅମଣିଷ



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ନିଜର ସକଳ ସୃଷ୍ଟି ମଧ୍ୟରେ କେବଳ ମଣିଷ ଭିତରେ ଦିବ୍ୟ ଚେତନା ସଞ୍ଚାର କରି ସେ ଦିନ ସ୍ରଷ୍ଟା ବେଶ୍ ସନ୍ତୋଷ ପ୍ରକାଶ କରିଥିଲେ। ସେ ଦିନରୁ ଏ ଯାଏ ସମଗ୍ର ପ୍ରାଣିଜଗତ ମଧ୍ୟରେ ମଣିଷ ନିଜ ବୌଦ୍ଧିକ ବିକାଶ ତଥା ଚେତନାର ପରିପକ୍ୱ ପରିସ୍ଫୁଟନ ପାଇଁ ଶ୍ରେଷ୍ଠଜୀବ ଭାବେ ପରିଗଣିତ ହୋଇଆସୁଛି। ନିଜ ବୋଧଶକ୍ତି ମାଧ୍ୟମରେ ଅତୀତର ମଧୁର ସ୍ମୃତି ରୋମନ୍ଥନ କରି ରୋମାଞ୍ଚିତ ହେଉଛି ତ ଭବିଷ୍ୟତର ଅନାଗତ ଆଶଙ୍କାରେ ବି ଆତଙ୍କିତ ହେଉଛି। ଅଶ୍ରୁଳ ଅତୀତକୁ ମନେପକାଇ ନୀରବରେ ବାହୁନୁଛି ତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ମୁଗ୍ଧବିଭୋର ଅନୁଭବରେ ଜଡସଡ ହେଉଛି। ପୁଣି କେତେବେଳେ ଦାନବ ସାଜି ଅନ୍ୟ ତୁଣ୍ଡରୁ ଦାନା ଛଡାଉଛି ତ ଅନ୍ୟବେଳେ ଦେବତା ହୋଇ ଅନାଥର ନାଥ ହେଉଛି। ନିଜର ବଳିଦାନ ଦେଇ ଅନ୍ୟର ଜୀବନ ବଞ୍ଚାଉଛି ତ ନିଜେ ବଞ୍ଚିବା ପାଇଁ ନିର୍ବିକାରରେ ଅନ୍ୟର ଜୀବନ ନେଉଛି।

ବଡ଼ ବିଚିତ୍ର ଏଇ ମଣିଷର ଚରିତ୍ର। ପରସ୍ପର ବିପରୀତମୁଖୀ ବହୁବିଧ ଗୁଣ ଅବିଗୁଣର ଏକ ଅଦ୍ଭୁତ ସଂଯୋଗ କେବଳ ତା' ପାଖରେ ହିଁ ସମ୍ଭବ। ସେ ରାମ ହୋଇପାରେ, ରାବଣ ବି। ଯେତେବେଳେ ତା' ଆଖି ଦିଓଟିରୁ ସମଗ୍ର ଜଗତକୁ ନିଜର କରିନେବା ପାଇଁ ଏକ ଅବ୍ୟକ୍ତ ଅଙ୍ଗୀକାର ପ୍ରକାଶ ପାଉଥାଏ, ସେତେବେଳେ ଲାଗୁଥାଏ ସତେ ଯେମିତି ସେ ଈଶ୍ୱରୀୟ ଆତ୍ମାର ଏକ ଅମର ଅବତାର। ଅଥଚ ସେଇ ଆଖିରୁ ବି ନିଆଁ ଝରିପାରେ, ମୁହଁରୁ ଶୁଭିପାରେ ପ୍ରଳୟର ପ୍ରଳାପ। କାହିଁକି ଏପରି ହୁଏ, ପ୍ରତ୍ୟେକ ମଣିଷ ତ ଜନ୍ମ ମୁହୂର୍ତ୍ତରେ ଜଣେ ଜଣେ ଦେବଶିଶୁ। ଶୁଦ୍ଧ, ପବିତ୍ର, ସୁନ୍ଦର ଓ ପ୍ରଶାନ୍ତ। ଅଥଚ ବଡ଼ ହୋଇ ସେ ମଣିଷରୁ ଅମଣିଷ, ଦେବତାରୁ ଦାନବ ପାଲଟିଯାଏ କେମିତି ?

ପ୍ରଖ୍ୟାତ ଇଂଲିଶ୍ କଥାକାର ଓ. ହେନେରୀଙ୍କ ଏକ ସୁନ୍ଦର ଗଳ୍ପ ଏ ପ୍ରସଙ୍ଗରେ ପ୍ରଣିଧାନଯୋଗ୍ୟ। ଜଣେ ବିଶିଷ୍ଟ ଚିତ୍ରକର ଶାନ୍ତି, ମୈତ୍ରୀ, ସ୍ନେହ, ପ୍ରେମ, ବିଶ୍ୱାସ ଓ ସରଳପଣର ଏକ ପ୍ରତିଛବି ଆଙ୍କିବାକୁ ଏକ ବିଦ୍ୟାଳୟରେ ପହଞ୍ଚିଲେ। ତାଙ୍କର ବିଚାର ଥିଲା, ବିଦ୍ୟାଳୟର ନିଷ୍ପାପ କୋମଳମତି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏମିତି ଜଣେ ଥିବେ, ଯିଏ ହୋଇଥିବେ ଦେବଶିଶୁ, ଯାହାଙ୍କଠାରେ ଫୁଟିଉଠୁଥିବ ଈଶ୍ୱରସୁଲଭ ସ୍ୱର୍ଗୀୟ ଗୁଣରାଜି। ସେମିତି ଜଣେ ମିଳିଗଲା ପରେ ସେ ମନଧ୍ୟାନ ଦେଇ ତା'ର ଚିତ୍ର ଆଙ୍କିଲେ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କୁ ଦେଇଥିଲା ଶ୍ରେଷ୍ଠ ଚିତ୍ରକରର ପ୍ରସିଦ୍ଧି। ଏ ଘଟଣାର ବହୁ ବର୍ଷ ପରେ ଗୋଟିଏ ମଣିଷରୂପୀ ସଇତାନର ଚିତ୍ର ଆଙ୍କିବା ପାଇଁ ମନସ୍ଥ କରି ସେ ଏକ କାରାଗାରରେ ପହଞ୍ଚିଲେ। ଜଘନ୍ୟ ଅପରାଧ ଘଟାଇ କାରାକକ୍ଷରେ କାଳାତିପାତ କରୁଥିବା ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କ ମଧ୍ୟରୁ ସାତଜଣଙ୍କୁ ହତ୍ୟା କରିଥିବା ସବୁଠୁ ଭୟଙ୍କର ଅପରାଧୀଙ୍କୁ ମନାଇ ସେ ତା'ର ଚିତ୍ର ଆଙ୍କିଲେ। ରଙ୍ଗ ତୂଳୀର କାରିଗରି ମଧ୍ୟରୁ ଜନ୍ମ ନେଲା ଏକ ସଇତାନର ଚିତ୍ରପଟ। ଚିତ୍ରକର ଖୁସି ହୋଇଉଠିଲେ ଓ ସଜା କାଟୁଥିବା ଅପରାଧୀଟି ହାତରେ ତା'ର ପାରିଶ୍ରମିକ ବାବଦକୁ କିଛି ଅର୍ଥ ଧରାଇଦେଲେ। କଏଦୀ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲା ତିରିଶବର୍ଷ ତଳେ ଏକଦା ବିଦ୍ୟାଳୟରେ ମୋର ଚିତ୍ର ଆଙ୍କିଥିଲା ବେଳେ ମୋତେ ତ ଆପଣ ପଇସାଟିଏ ବି ଦେଇ ନ ଥିଲେ, ଆଜି କାହିଁକି ? ଚିତ୍ରକରଙ୍କୁ ଆକାଶରୁ ପଡିଲା ପରି ଲାଗିଲା। ତାଙ୍କୁ ବୁଝିବାକୁ ବିଳମ୍ବ ହେଲା ନାହିଁ ଯେ, ଆଜିର ଏ ସଇତାନଟି ହେଉଛି ସେ ଦିନର ସେଇ ଦେବଶିଶୁ।

ହେନେରୀଙ୍କ ଗଳ୍ପର ଏଇ ଦେବଶିଶୁକୁ ସଇତାନ କଲା କିଏ ? ଶୈଶବର ସଂସ୍କାର ମଧ୍ୟରେ ମଣିଷ ହୋଇ ଗଢିଉଠୁଥିବା ଶିଶୁଟି ବଡ଼ ହୋଇ ଅମଣିଷ ପାଲଟିଯାଏ କେମିତି ? ଦେବସୁଲଭ ଗୁଣରାଜିର ଏକ ମାନବ ବିଗ୍ରହ ଯେଉଁ ସମାଜରେ ବାସ କରେ, ତାହାର ପାରିପାର୍ଶ୍ୱିକ ପରିବେଷ୍ଟନୀ ତା' ପାଇଁ ବେଳେ ବେଳେ ଏମିତି ଦୁର୍ଭାଗ୍ୟ ସୃଷ୍ଟିକରେ ଯେ ସେ ଦିଗହରା ହୋଇବସେ। ସ୍ନେହ, ଶ୍ରଦ୍ଧା, ସଦିଚ୍ଛା, ସମ୍ବେଦନା ଆଦି ସଦ୍‌ଗୁଣ ବଦଳରେ ତା' ଭିତରେ ଅଙ୍କୁରିତ ହୁଏ ଈର୍ଷା, ଦ୍ୱେଷ ଓ ଘୃଣା। ଉଭେଇଯାଏ ତା' ମଧ୍ୟରୁ ସଂସ୍କାର ଓ ସଦାଚାର। ସେ ଆସ୍ତେ ଆସ୍ତେ ମାନବରୁ ଦାନବରେ ରୂପାନ୍ତରିତ ହୋଇଯାଏ।

ଆମ ରାଜ୍ୟର ଏକ ପ୍ରମୁଖ ସହରରେ ପ୍ରାୟ ଦୁଇବର୍ଷ ତଳେ ଘଟିଥିବା ଏକ ଘଟଣାଟିକୁ ଲକ୍ଷ୍ୟ କରାଯାଉ। ବି.ଏ. ପାସ୍ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ଜଣେ ଯୁବକ ନିଜ ସାନ ଭଉଣୀଙ୍କୁ ଧରି ସହରର ରାସ୍ତା ଉପରେ ଯାଉଥିଲା ବେଳେ ଦଳେ ଅସାମାଜିକ ଯୁବକ କମେଣ୍ଟ ମାରିଲେ। ସେମାନଙ୍କ ଅସଭ୍ୟ ଇଙ୍ଗିତ ଓ ଅଶାଳୀନ ମନ୍ତବ୍ୟର ପ୍ରତିବାଦ କଲେ ଯୁବକ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ରାସ୍ତାକଡର ରୋମିଓମାନେ ତାଙ୍କୁ ମାଡମାରି ରକ୍ତାକ୍ତ କରିଦେଲେ। ଆଇନର ଶାସନ ପ୍ରତି ଶ୍ରଦ୍ଧାଶୀଳ ସେଇ ଯୁବକ ନିଜ ରକ୍ତାକ୍ତ ଶରୀର ନେଇ ଭଉଣୀ ସାଙ୍ଗରେ ଥାନାକୁ ଗଲେ ଓ ଆକ୍ରମଣକାରୀଙ୍କ ବିରୋଧରେ ରିପୋର୍ଟ ଲେଖାଇଲେ। ସେ ଆଶା କରୁଥିଲେ, ଥାନାଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଓ ସେଇ ସମାଜବିରୋଧୀ ଯୁବକମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବେ। ମାତ୍ର ସାତଦିନ ବିତିଗଲେ ବି ସେଇ ଦୁର୍ଦ୍ଦାନ୍ତ ଯୁବକମାନଙ୍କୁ ରାସ୍ତା ଉପରେ ଛାତି ଫୁଲାଇ ବୁଲୁଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ। ସେ ଥାନାକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ଯାହା ଉତ୍ତର ମିଳିଲା, ତାହା ସେଇ ଦୁର୍ଦ୍ଦାନ୍ତମାନଙ୍କ ବ୍ୟବହାରଠୁ ବି ବଳିଗଲା। ତାଙ୍କୁ ଲାଗିଲା ଦ୍ୱିତୀୟଥର ପାଇଁ ତାଙ୍କ ଭଉଣୀଙ୍କ ଉପରେ ଯେମିତି ଅସଭ୍ୟତାର ଚାବୁକ ମାଡ ହେଉଛି। ତାହା ପୁଣି ଆଇନର ରକ୍ଷାକର୍ତ୍ତାଙ୍କ ଦ୍ୱାରା। କେବଳ ଏତିକି ନୁହେଁ, ପୋଲିସକୁ ପ୍ରଶ୍ନ ପଚାରିବାର ଦୁଃସାହସ ପାଇଁ ଥାନାରେ ବସିବାକୁ ପଡିଲା ଆଠଘଣ୍ଟା।

ଏ ଘଟଣାର ପରବର୍ତ୍ତୀ ଅଧ୍ୟାୟ ଅନୁଲ୍ଲେଖିତ ରହିବା ସର୍ବାଦୌ ବାଞ୍ଛନୀୟ। ତଥାପି କଥାଟିକୁ ସ୍ୱୟଂସମ୍ପୂର୍ଣ୍ଣ କରିବାକୁ ଯାଇ ଏତିକି କହିଲେ ଯଥେଷ୍ଟ ହେବ ଯେ ପୂର୍ବବର୍ତ୍ତୀ ଘଟଣାର ପ୍ରାୟ ଦୁଇମାସ ପରେ ସେହି ସହରରେ ଜନ୍ମନେଲା ଆଉ ଜଣେ ଅସାମାଜିକ ଯୁବକ, ଯିଏ ତା'ର ଅସାମାଜିକତାରେ ପୂର୍ବର ସମସ୍ତ ରେକର୍ଡ ଭଙ୍ଗକରି ସେଇ ଅସତ୍ୟ ସହରର ଅନ୍ଧାରି ଇତିହାସରେ ଯୋଗ କଲା ଆଉ ଏକ କଳା ଅଧ୍ୟାୟ। କାଲି ଯାଏ ଶାନ୍ତ, ଶିଷ୍ଟ, ନମ୍ର ଓ ଭଦ୍ର ଭାବେ ସମାଜର ଶ୍ରଦ୍ଧାଭାଜନ ହୋଇଥିବା ଜଣେ ଉଚ୍ଚାକାଙ୍କ୍ଷୀ ଯୁବକ ଆଜି ହଠାତ୍ ଅଶାନ୍ତ, ଅସ୍ପୃଶ୍ୟ ଓ ଉଦଣ୍ଡ ଅସାମାଜିକ ଜୀବଟିରେ ପରିଣତ ହୋଇଗଲା।

ଉଦ୍ଦାମ ଯୁବଶକ୍ତିର ବିଶୃଙ୍ଖଳିତ ଅଭ୍ୟୁତ୍ଥାନ ବର୍ତ୍ତମାନ ବୋଧହୁଏ ଆମ ସାମାଜିକ ଜୀବନ ପାଇଁ ସବୁଠୁଁ ବିପଜ୍ଜନକ ଆହ୍ୱାନ। ସକଳ ପ୍ରକାର ନୈତିକତା ଓ ସାମାଜିକତାକୁ ପ୍ରତିହତ କରି ଏମାନେ ନିଜ ଶକ୍ତି ବିନିମୟରେ ସମାଜକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରନ୍ତି। ଅଙ୍କୁଶବିହୀନ ଜୀବନଯାପନ କରି ଏମାନେ ପ୍ରତିକ୍ଷଣ ସୁସ୍ଥ ସାମାଜିକ ପରମ୍ପରା ଉପରେ ହାତୁଡି ପିଟି ଚାଲନ୍ତି। ହାତରେ ଛୁରି, ଭୁଜାଲି, ବମ୍, ବନ୍ଧୁକ ଧରି ଆତଙ୍କ ସୃଷ୍ଟି କରୁଥିବା ଏହି ଯୁବକମାନଙ୍କ ପାଶବିକ ଆଚରଣ ଉପରେ ଲଗାମ ଲଗାଇବାକୁ ନା ତାଙ୍କ ପରିବାରର ସାମର୍ଥ୍ୟ ଥାଏ ନା ଆଇନର ! ଅତଏବ ଏମାନେ ପାଲଟିଯାଆନ୍ତି ସମାଜର ଅଶୁଭ ସଂକେତ, ଯେମିତି ଅଦମ୍ୟ, ସେମିତି ଅପ୍ରତିହତ।

ଏମାନଙ୍କୁ ଦୋଷ ଦେବା ପୂର୍ବରୁ କେଉଁ ପରିସ୍ଥିତିରେ ପଡି ଏମାନେ ମଣିଷରୁ ଅମଣିଷ ହେଲେ, ସେ ସମ୍ପର୍କରେ ଆମ ସମାଜପତିମାନେ କେବେ ଚିନ୍ତା କରିଛନ୍ତି କି ? ଇଞ୍ଜିନିୟରିଂ ପଢିବାକୁ ଯାଇଥିବା ଜଣେ ମେଧାବୀ ଛାତ୍ର ତା' ବାପାମା' ଏବଂ ଜ୍ଞାତିପରିଜନମାନଙ୍କ ଆଖିରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଖେଳାଇଥାଏ। ଅଥଚ ମାସ କେଇଟା ଯାଇ ନ ଥିବ, ର୍‍ୟାଗିଂ ନାମକ ଏକ ଉଦଣ୍ଡ ରାକ୍ଷସର ସାମନା କରି ନ ପାରି ସେ ପଢ଼ା ଛାଡି ଫେରି ଆସିବ। ଏକ ସମ୍ଭାବନାର ଅପମୃତ୍ୟୁ ଘଟାଇ ପାଲଟିଯିବ ଏକ ଭୟଙ୍କର ରାକ୍ଷସ। ତା' ବୟସର ଅନ୍ୟ ଯୁବକମାନେ କିଛି ଗଢିବାର ଶପଥ ନେଇ ଜୀବନ ନିର୍ମାଣରେ ଆଗେଇ ଯାଉଥିଲା ବେଳେ ସେ କିନ୍ତୁ ନିଜ ଚାରିପଟର ଦୁନିଆକୁ ଭାଙ୍ଗିରୁଜି ଧ୍ୱଂସ କରିଦେବାକୁ ତତ୍ପର ହୋଇଉଠିବ। କାହିଁକି ଘଟେ ଏପରି ବିଘଟନ ? ଏମାନେ କ'ଣ ଜନ୍ମ ସମୟରୁ ନିଜ ଲଲାଟରେ ଅଶୁଭ ପୁତ୍ରର ସଙ୍କେତ ବହନ କରି ପୃଥିବୀକୁ ଆସିଥାନ୍ତି ନା ଅନ୍ୟ କେହି ଅଦୃଶ୍ୟ ଆତତାୟୀ ଏମାନଙ୍କୁ ଅନ୍ଧାରି ଗହ୍ୱରକୁ ନିକ୍ଷେପ କରିଦିଅନ୍ତି ?

ସକଳ ପ୍ରକାର ଅସଦାଚାରରେ ବ୍ରତୀ ଥିବା ଭୟଙ୍କର ଅସାମାଜିକ ଯୁବକଟି ତା'ର ନିଃସଙ୍ଗ ମୁହୂର୍ତ୍ତରେ କେବେ କ'ଣ ଭାବୁ ନ ଥିବ ତା' ଜୀବନଯାତ୍ରାର ଶେଷ ପରିଣତି ସମ୍ପର୍କରେ। ଅନାଚାରରେ ବ୍ୟାପୃତ ତା' ଜୀବନ ସମାଜ ପାଇଁ ଯେ ଏକ ଅଭିଶପ୍ତ ଆଇନା, ଏକଥା କ'ଣ ସେ ନିଜକୁ ନିଜେ ବୁଝାଉ ନ ଥିବ ? ସଦାଚାରର ସ୍ୱାଦ ସର୍ବଦା ଅମୃତମୟ। ମଣିଷ ଯଦି ଥରେ ଜାଣନ୍ତା ଯେ ଭଲ କାମରେ କେତେ ଆନନ୍ଦ, ତା' ହେଲେ ଖରାପ କାମ କରି ଅମଣିଷ ବୋଲାଇବାକୁ ସେ ମନ ବଳାନ୍ତା ନାହିଁ। ଅନ୍ୟାୟ, ଅନାଚାରର ବିଷ ପିଆଇ ଯେଉଁ ସମାଜ ଦିନେ ଜଣକୁ ବିଷାକ୍ତ କରି ଦେଇଥିଲା, ତାକୁ ଆଉ ଥରେ ଅମୃତର ଦୁନିଆକୁ ଫେରାଇ ଆଣିବା ଯେ ସମାଜର ଦାୟିତ୍ୱ, ଏ କଥା ଆମ ସମାଜପତିମାନେ କେବେ ବୁଝିବେ କେଜାଣି।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ସାମ୍ବାଦିକରୁ ସାହିତ୍ୟିକ

ବ୍ୟକ୍ତିତ୍ୱ



ଅମିତାଭ ଘୋଷ

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଭାରତୀୟ ଜ୍ଞାନପୀଠ ପକ୍ଷରୁ ପ୍ରତିବର୍ଷ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଆସୁଛି। ୧୯୬୧ ମସିହାଠାରୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଚଳିତଥର ଇଂଲିଶ୍ ଭାଷାରେ ପ୍ରଥମ ଥର ପାଇଁ ଅମିତାଭ ଘୋଷଙ୍କ ନାମ ଘୋଷଣା ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟକୃତି ଚର୍ଚ୍ଚାକୁ ଆସିଛି।

ଅମିତାଭ ୧୧ ଜୁଲାଇ, ୧୯୫୬ରେ ପଶ୍ଚିମବଙ୍ଗର କଲିକତା (ବର୍ତ୍ତମାନ କୋଲକାତା)ରେ ଜନ୍ମଗ୍ରହଣ କରିଥିଲେ। ଡୁନ୍ ସ୍କୁଲରେ ପଢୁଥିବା ବେଳେ ତାଙ୍କ ଛାତ୍ରଜୀବନ ସୃଜନମନସ୍କ ହୋଇଥିଲା। ସେତେବେଳେ ତାଙ୍କ ସହପାଠୀ ଭାବେ ବିଶିଷ୍ଟ ଲେଖକ ବିକ୍ରମ ସେଠ୍ ଏବଂ ରାମଚନ୍ଦ୍ର ଗୁହା ଥିଲେ। ଅମିତାଭ ଡୁନ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସେଣ୍ଟ ଷ୍ଟିଫେନ୍ସ କଲେଜ ଓ ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସରୁ ଉଚ୍ଚଶିକ୍ଷା ଲାଭ କରିଥିଲେ। ଛାତ୍ରାବସ୍ଥାରେ ସେ ଅତ୍ୟନ୍ତ ମେଧାବୀ ଥିବାରୁ ଡି.ଫିଲ୍. ପାଇଁ ସେ ଇନ୍‌ଲାକ୍ସ ଫାଉଣ୍ଡେଶନ ସ୍କଲାରଶିପ୍ ପାଇଥିଲେ। ଫଳରେ ସେ ଅକ୍ସଫୋର୍ଡର ସେଣ୍ଟ ଏଡ୍‌ମଣ୍ଡ ହଲ୍‌ରେ ସୋସିଆଲ ଆନ୍ଥ୍ରୋପଲୋଜିରେ ଡିଗ୍ରୀ ହାସଲ କଲେ। ଏହା ପରେ ସେ ଇଂଲିଶ୍ ଦୈନିକ 'ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଯୋଗ ଦେଇଥିଲେ। ସମୟକ୍ରମେ ସେ କୋଲକାତାସ୍ଥିତ ସେଣ୍ଟର ଫର୍ ଷ୍ଟଡିଜ୍ ଇନ୍ ସୋସିଆଲ୍ ସାଇନ୍‌ସେସ୍ ଏବଂ ତ୍ରିଭାନ୍ଦ୍ରମ୍‌ର ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଷ୍ଟଡିଜ୍‌ରେ ଫେଲୋ ଥିଲେ। ୧୯୯୯ରେ ଅମିତାଭ ନ୍ୟୁୟର୍କର ସିଟି ୟୁନିଭର୍ସିଟି ଅଧୀନ କୁଇନ୍ସ କଲେଜରେ ତୁଳନାତ୍ମକ ସାହିତ୍ୟରେ ପ୍ରଫେସର ଭାବେ ଯୋଗ ଦେଇଥିଲେ। ୨୦୦୫ରୁ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଇଂଲିଶ୍ ବିଭାଗରେ ଅତିଥି ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରି ବିଶ୍ୱସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଏହି ସମୟ ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ଅଭିନବ ପରୀକ୍ଷାନିରୀକ୍ଷା କରି ସେ ସୃଜନଶୀଳତାରେ ଏକ ଭିନ୍ନ ଶୈଳୀ ସୃଷ୍ଟି କରିଛନ୍ତି। ଏପରିକି ଭାରତକୁ ଆସି 'ସି ଅଫ୍ ପପିଜ୍', 'ରିଭର୍ ଅଫ୍ ସ୍ମୋକ୍' ଏବଂ 'ଫ୍ଲଡ୍ ଅଫ୍ ଫାୟାର' ନାଟକ ରଚନାରେ ନିଜକୁ ନିୟୋଜିତ କରିଥିଲେ। ଐତିହାସିକ ସମୟର ଘଟଣାକ୍ରମକୁ ଆଧୁନିକ ଶୈଳୀରେ ସୃଜନ ଛୁଆଁ ଦେଇ ସେ ଯେଉଁ ଧାରା ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଅନ୍ୟ ଲେଖକଙ୍କଠାରୁ ନିଆରା କରିଦେଇଛି। ଭାରତୀୟ କଥାବସ୍ତୁକୁ ଗଭୀର ଅନୁଧ୍ୟାନ କରି ଇଂଲିଶ୍ ସାହିତ୍ୟ ମାଧ୍ୟମରେ ତାହାକୁ ବିଶ୍ୱ ଦରବାରରେ ଯେଭଳି ସେ ପରିସ୍ଫୁଟନ କଲେ, ତାହା ତାଙ୍କୁ ୨୦୦୭ରେ ଭାରତର ଚତୁର୍ଥ ବେସାମରିକ ସମ୍ମାନ 'ପଦ୍ମଶ୍ରୀ'ରେ ଭୂଷିତ କରିଥିଲା। ଏଥିସହିତ ତାଙ୍କ ସୃଜନପତ୍ରରେ ଆଉ ଏକ ଫର୍ଦ୍ଦ ୨୦୦୯ରେ ଯୋଡ଼ି ହୋଇଯାଇଥିଲା। ସେ 'ରୟାଲ ସୋସାଇଟି ଅଫ୍ ଲିଟରେଚର'ରେ ଫେଲୋ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଅମିତାଭ ଫୋର୍ଡ ଫାଉଣ୍ଡେଶନ ଆର୍ଟ ଅଫ୍ ଚେଞ୍ଜ୍ ଫେଲୋ ଭାବେ ନାମିତ ହୋଇଥିଲେ। ଅମିତାଭଙ୍କ ସୃଜନ ଦରବାରକୁ ଦେଖିଲେ 'ସ୍ୟାଡୋ ଲାଇନ୍ସ', 'ଦି ଗ୍ଲାସ୍ ପ୍ୟାଲେସ୍', 'ଦି ହଙ୍ଗ୍ରି ଟାଇଡ୍' ଏବଂ 'ଇବିସ୍ ଟ୍ରିଲୋଜି' ପାଠିକାପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି। ଅମିତାଭଙ୍କ ପୁସ୍ତକ ଜାତୀୟ ଓ ଅନ୍ତର୍ଜାତୀୟ ସାହିତ୍ୟ ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଚାଲିଛି। ଅଦ୍ୟାବଧି ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମ୍ୟାନ୍ ବୁକର୍ ପୁରସ୍କାର ଲାଗି ୨୦୦୮ରେ ତାଙ୍କ ପୁସ୍ତକ 'ସି ଅଫ୍ ପପିଜ୍' ଏବଂ ୨୦୧୧ରେ 'ରିଭର୍ ଅଫ୍ ସ୍ମୋକ୍' ପୁସ୍ତକଟି ମ୍ୟାନ୍ ଏସିଆନ୍ ଲିଟେରାରି ପୁରସ୍କାର ଲାଗି ତାଲିକାଭୁକ୍ତ ହେବା ତାଙ୍କୁ ଇଂଲିଶ୍ ସାହିତ୍ୟ ପରିମଣ୍ଡଳରେ ନୂଆ ପରିଚିତି ସୃଷ୍ଟି କରିଥିଲା। ଏବେ ସେ ଇଂଲିଶ୍ ଭାଷାରେ ପ୍ରଥମେ ଜ୍ଞାନପୀଠ ପାଇ ଯେଉଁ ନୂଆ ଧାରା ଆରମ୍ଭ କଲେ, ତାହା ସୃଜନମନସ୍କ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ। ଅମିତାଭଙ୍କ ପାରିବାରିକ ଜୀବନ କହିଲେ ଲେଖିକା ସହଧର୍ମିଣୀ ଦେବରା ବେକର୍ ଏବଂ ଦୁଇ ସନ୍ତାନ ଲିଲା ଓ ନାୟନ ରହିଛନ୍ତି। ସେ ଏବେ ଆମେରିକାର ନ୍ୟୁୟର୍କରେ ବାସ କରୁଥିଲେ ମଧ୍ୟ ଭାରତୀୟ ଉପମହାଦେଶର କଳା, ସଂସ୍କୃତି ଓ ସାହିତ୍ୟ ତାଙ୍କୁ ଆକୃଷ୍ଟ କରିଚାଲିଛି।

-ଜିତେନ୍ଦ୍ର

## ଏଇ ଭାରତରେ

ଆମ ଦେଶର ଅନେକ ଲୋକ ପ୍ରକୃତିକୁ ଦେବତା ଭାବି ପୂଜା କରିଥାଆନ୍ତି। ଲୋକଙ୍କ ଧର୍ମୀୟ ଭାବନା ଏତେ ଦୃଢ଼ ଯେ, ଏଠାରେ ପଥରକୁ ପୂଜା କଲେ ବି ସେ ଦେବତା ପାଲଟି ଯାଆନ୍ତି। ତେବେ ମନୋବାଞ୍ଛା କେତେଦୂର ପୂରଣ ହୁଏ କେବଳ ସମ୍ପୃକ୍ତ ବ୍ୟକ୍ତି ହିଁ କହିପାରେ। ଗୋବରରେ ପ୍ରଭୁ ଗଣେଶଙ୍କ ପୂଜା କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଗୋବରରେ ସାକ୍ଷାତ ମା' ଲକ୍ଷ୍ମୀ ବାସ କରନ୍ତି ବୋଲି କୁହାଯାଏ। ମଧ୍ୟପ୍ରଦେଶର ଅଗର ମାଲ୍‌ୱା ଜିଲା ନଲଖେଡାଠାରେ ଥିବା ମନ୍ଦିରରେ ରହିଛି ଗୋବରରେ ତିଆରି ଏକ ଗଣେଶ ମୂର୍ତ୍ତି। ଏହି ମୂର୍ତ୍ତି ୫ଶହ ବର୍ଷର ପୁରୁଣା ବୋଲି ସ୍ଥାନୀୟ ଲୋକେ କହନ୍ତି। ଉକ୍ତ ମନ୍ଦିରରେ ଗଣେଶଙ୍କୁ ନଡିଆ ଚଢ଼ାଇଲେ ସମସ୍ତ କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଗଣେଶଙ୍କଠାରେ ମୁକୁଟ, ଗଳାହାର ସମେତ ଅନ୍ୟାନ୍ୟ ଅଳଙ୍କାର ଲାଗି ହୋଇଛି। ଏଠାକୁ ଆସୁଥିବା ଭକ୍ତଙ୍କ ବିଶ୍ୱାସ ରହିଛି ଯେ, ଉକ୍ତ ମନ୍ଦିରରେ ପୂଜାର୍ଚ୍ଚନା କଲେ ଶ୍ରୀଗଣେଶଙ୍କ ସହିତ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ମିଳିଥାଏ। ତେଣୁ ଏଠାରେ ପ୍ରତିଦିନ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ।

### ଚିରନ୍ତନୀ

ତ୍ୟାଗର ମହିମା ଯେଣୁ ଏ ଦେଉଳ ଘୋଷଇ ପବନେ,
ତ୍ୟାଗର ଜୟ ପତାକା ଉଡ଼ାଉଛି ଅନନ୍ତ ଗଗନେ।
ବିରାଟ ଯେ ଆତ୍ମା ଏହି ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି ନମ୍ର ମୋର ଚିତ୍ତ,
ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର
ବାରମ୍ବାର ! (ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୩

- ବିଶ୍ୱ ବାଣିଜ୍ୟ ଓ ଶୁଳ୍କ ରାଜିନାମା 'ଗାଟ୍'କୁ ବିଶ୍ୱର ଅନ୍ୟତମ ବୃହତ ବାଣିଜ୍ୟ ଶକ୍ତି ୟୁରୋପୀୟ ସମୁଦାୟ (ଇ.ସି.)ର ଅନୁମୋଦନ।
- ଘରୋଇ କ୍ଷେତ୍ରରେ ମିଳିତ ଉଦ୍ୟୋଗରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭାରତ ଓ ମାଲେସିଆ ମଧ୍ୟରେ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ।
- ମାନିଲାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୪ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su|do|ku | ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | D | B | 1 | 5 | 3 | 6 | A | 7 | 4 | C | 9 | 0 | E | 8 |
| E | C | 0 | 8 | A | D | 2 | 4 | 5 | 1 | 7 | B | 6 | 9 | 3 |
| 9 | 3 | 5 | 7 | 0 | B | 1 | 8 | E | 6 | 2 | D | 4 | C | A |
| 1 | 4 | 6 | C | 9 | 2 | 0 | 3 | D | E | A | 8 | 5 | 7 | B |
| 8 | 7 | A | 4 | 6 | E | B | C | 9 | 0 | 3 | 5 | 2 | D | 1 |
| 4 | 9 | 2 | 5 | C | 7 | D | 1 | A | 3 | 0 | E | B | 8 | 6 |
| 5 | 0 | E | 9 | D | 8 | 3 | 6 | C | B | 4 | 1 | A | 2 | 7 |
| 3 | 8 | C | E | B | 0 | 5 | 7 | 4 | 2 | 6 | A | 9 | 1 | D |
| A | B | 1 | 3 | 2 | 6 | 9 | 0 | 8 | 5 | D | 7 | C | 4 | E |
| D | 6 | 7 | A | 1 | 4 | E | 2 | B | 9 | 8 | C | 3 | 0 | 5 |
| B | 2 | 8 | 0 | 3 | C | A | 5 | 1 | 7 | E | 4 | D | 6 | 9 |
| C | E | 4 | B | 8 | 5 | 7 | D | 2 | A | 9 | 6 | 1 | 3 | 0 |
| 7 | 1 | 3 | 2 | E | A | 4 | 9 | 6 | D | 5 | 0 | 8 | B | C |
| 0 | A | D | 6 | 7 | 9 | 8 | B | 3 | C | 1 | 2 | E | 5 | 4 |
| 6 | 5 | 9 | D | 4 | 1 | C | E | 0 | 8 | B | 3 | 7 | A | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡମୁକ୍ତ ବିଦ୍ୟାଳୟ

ମହାଶୟ,

ଧରିତ୍ରୀ (୪।୧୨)ରେ ପ୍ରକାଶିତ ଲେଖା ପୂର୍ଣ୍ଣାଙ୍ଗ ନୁହେଁ। ଏଥିରେ ସୋନାମିକା ମ୍ୟାଡମ୍ କିଛି ଛାତ୍ରୀଛାତ୍ରଙ୍କ କଥା ଲେଖିବାକୁ ଭୁଲିଗଲେ, ଯେଉଁମାନେ ବିଦ୍ୟାଳୟ ସ୍ତରରୁ ଗୁଣ୍ଡା ହେବାକୁ ଶିଖୁଛନ୍ତି। ସ୍କୁଲରେ ଗୋଷ୍ଠୀ ବନାଇ ଗଣ୍ଡଗୋଳ କରି ଶିକ୍ଷକମାନଙ୍କୁ ଧମକାଉଛନ୍ତି। ଦଣ୍ଡମୁକ୍ତ ବିଦ୍ୟାଳୟ ଓ ଜୁଭେନାଇଲ ଆଇନ ଯୋଗୁ ସେମାନଙ୍କର କିଛି ହେଉନାହିଁ। ପରେ ସେମାନେ ସମାଜରେ ଅରାଜକତା ସୃଷ୍ଟି କରୁଛନ୍ତି। ତେଣୁ ଶିକ୍ଷକମାନଙ୍କୁ ପୁଣିଥରେ ଦଣ୍ଡ ଦେବାର ସୀମିତ ଅଧିକାର ଦିଆଯାଉ।

କାଳୀ ପ୍ରସନ୍ନ ଦାଶ, ଅବକାଶ ଲେନ୍, ପୁରୀ

### ସଂରକ୍ଷଣକୁ ସଂକୁଚିତ କରାଯାଉ

ସଂରକ୍ଷଣ ନିୟମରେ ଅନୁସୂଚିତ ଜାତି ଏବଂ ଉପଜାତିର ବ୍ୟକ୍ତିବିଶେଷଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରଥମେ ଏହାର ଅବଧି ୧୦ ବର୍ଷ ଥିଲା। କାଳକ୍ରମେ ତାହା ବଢ଼ି ବଢ଼ି ୭୦ ବର୍ଷ ଟପି ସାରିଲାଣି। ଯେ ପର୍ଯ୍ୟନ୍ତ ସେମାନେ ଅନ୍ୟମାନଙ୍କ ସମକକ୍ଷ ନ ହୋଇଛନ୍ତି ସେ ପର୍ଯ୍ୟନ୍ତ ଏ ନିୟମ ବଳବତ୍ତର ରହିବା ଉଚିତ। ଯେଉଁ ପରିବାରକୁ ଏ ସୁବିଧା ମିଳିଛି ସେମାନେ ନିଜ ପିଲାଙ୍କୁ ମଣିଷ କରନ୍ତୁ। ପରେ ସଂରକ୍ଷଣରୁ ସେମାନଙ୍କୁ ବାଦ୍ ଦିଆଯାଉ। ସଫଳତା ପାଇଥିବା ପରିବାରକୁ ସଂରକ୍ଷଣରୁ ବାଦ ଦେଇ ସଂରକ୍ଷିତବର୍ଗର ଅନ୍ୟ ପରିବାରକୁ ସେହି ସୁଯୋଗ ଦିଆଗଲେ ସମସ୍ତ ଅନୁସୂଚିତ ଜାତି ଏବଂ ଜନଜାତିର ଲୋକ ଅନ୍ୟମାନଙ୍କର ସମକକ୍ଷ ହୋଇପାରିବେ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

DSPL-298

3T (ଟ୍ରାନ୍ସପେରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ)

ଆମ ମୁଖ୍ୟମନ୍ତ୍ରୀଙ୍କ ଶାସନର ମନ୍ତ୍ର ଏବେ କେନ୍ଦ୍ରୀଭୂତ ହୋଇଛି ଏକ ନୂଆ ଉପକ୍ରମରେ

# ପିଠା
# PEETHA

PEOPLES EMPOWERMENT ENABLING
TRANSPARENCY AND ACCOUNTABILITY



ଓଡ଼ିଶାବାସୀଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ସହିତ ସେମାନଙ୍କ ହକ୍ ସେମାନଙ୍କ ନିକଟରେ ସିଧାସଳଖ ପହଞ୍ଚାଇବା ପାଇଁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ନୂଆ କାର୍ଯ୍ୟକ୍ରମ 'ପିଠା'।

ରାଜ୍ୟର ସମସ୍ତ ୩୧୪ ଟି ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ପ୍ରତି ମାସ ୧୫ ରୁ ୨୦ ତାରିଖ ମଧ୍ୟରେ ପିଠା କ୍ୟାମ୍ପର ଆୟୋଜନ କରାଯାଇ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ସଂପର୍କରେ ସଚେତନତା ସହିତ ଲୋକାଭିମୁଖୀ ସେବାଗୁଡିକ ସିଧାସଳଖ ହିତାଧିକାରୀଙ୍କୁ ପହଞ୍ଚାଇ ଦିଆଯିବ।

- ମଧୁବାବୁ ପେନ୍‌ସନ୍ ଯୋଜନା
- ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା
- ବାର୍ଦ୍ଧକ୍ୟ ଭତ୍ତା
- ଆମ ଏଲ୍ଇଡି
- ଖାଦ୍ୟ ସୁରକ୍ଷା
- ନିର୍ମାଣ ଶ୍ରମିକ ସହାୟତା ଯୋଜନା
- ମିଶନ୍ ଶକ୍ତି
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
- ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା
- ବିଜୁ ପକ୍କାଘର ଯୋଜନା
- କଳିଙ୍ଗ ଶିକ୍ଷା ସାଥୀ
- ବିଜୁ ଯୁବ ସଶକ୍ତିକରଣ ଯୋଜନା
- ମେଧାବୃତ୍ତି

19001/13/0022/1819

## ସଂକ୍ଷେପରେ

### ବାଲି ବୋଝେଇ ଟ୍ରାକ୍ଟର ଜବତ



**ବରୀ,୧୫।୧୨(ସ୍ୱ.ପ୍ର.):** ବରୀ କଳାମାଟିଆ ରାସ୍ତାର କେଁ କରଡା ଛକ ନିକଟରେ ଶନିବାର ବରୀ ଭାରପ୍ରାପ୍ତ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ଅଚାନକ ଚଢ଼ାଉ କରି ନମ୍ବରବିହୀନ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ପ୍ରକାଶ ଯେ, ଦୈନିକ ଶହ ଶହ ସଂଖ୍ୟାରେ ଚୋରା ବାଲି ଚାଲାଣ ହେଉଛି। ଏ ନେଇ ତହସିଲ ପକ୍ଷରୁ ଚଢ଼ାଉ ଜାରି ରହିଛି ବୋଲି ତହସିଲଦାର ସାଣ୍ଡିଲ ସୂଚନା ଦେଇଛନ୍ତି। ଗାଡ଼ି ନଂ, ଫିଟ୍‌ନେସ୍ ଓ କାଗଜପତ୍ର ଯାଞ୍ଚ କରାଯିବ ବୋଲି କହିଛନ୍ତି।

### ଖପରାନାଳ ବନ୍ଧର ସୁଦୃଢ଼ୀକରଣ

**ଜେନାପୁର,୧୫।୧୨(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଣ୍ଟିଆ ପଞ୍ଚାୟତର ଘାସିବର ନିକଟ ଖପରାନାଳ ବନ୍ଧର ସୁଦୃଢ଼ୀକରଣ ଶିଳାନ୍ୟାସ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ୧୨ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ୧୩ନମ୍ବର ଜୋନ୍‌ର ନିରଞ୍ଜନ ରାଉତ, ୧୫ନମ୍ବର ଜୋନ୍‌ର ମମତା ଦଣ୍ଡପାଟ, ସରପଞ୍ଚ ମନୋରଞ୍ଜନ ପ୍ରଧାନ, ଗିରିଧାରୀ ଜେନା, ରାଜକିଶୋର ମହାନ୍ତି, ପର୍ଯ୍ୟବେକ୍ଷକ ଦିଲ୍ଲୀପ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ ସଂଘର ମିଳିତ ବୈଠକ

**କୋରେଇ,୧୫।୧୨(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ଓଟିନ୍ଦା ୟୁଜିଏମଇ ସ୍କୁଲରେ ନିମ୍ନ ମାଧମିକ ଶିକ୍ଷକ ସଂଘ ଓ କୋରେଇ ୟୁଜିଏମଇ ସଂଘର ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ବିଜୟ କୁମାର ଶତପଥୀ ଅଧକ୍ଷତା କରିଥିଲେ। କୋରେଇ ସମ୍ପାଦକ ରତ୍ନାକର ପଲେଇ, ୟୁଜିଏମଇ ସମ୍ପାଦକ ଇନ୍ଦ୍ରମଣି ମହାକୁଡ, ଜିଲା ସମ୍ପାଦକ ବିକ୍ରମ କୁମାର ଦାସ, ଜିଲା ଉପସଭାପତି ଅରୁଣ କୁମାର ଜେନା, ସହସମ୍ପାଦକ ମନୋଜ କୁମାର ବାରିକ, ବରିଷ୍ଠ ଶିକ୍ଷକ ଭୋଳାନାଥ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରମୋଦ ମଲ୍ଲିକ, ନିତ୍ୟାନନ୍ଦ ମଲିକ, ପ୍ରଭାତ ବେହେରା, ମିନତୀ ହୋନାଗା, ରାଜଶ୍ରୀ ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ■ ରସୁଲପୁର ବ୍ଲକରେ ପିଠା କାର୍ଯ୍ୟକ୍ରମ

# ନୂଆ ହିତାଧିକାରୀଙ୍କୁ ସରକାରୀ ସୁବିଧା ଉପଲବ୍ଧ

**ରସୁଲପୁର,୧୫।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶନିବାର ପିଠା(ପିପୁଲ୍ସ ଏମ୍ପାୱାରମେଣ୍ଟ ଏନାବ୍ଲିଂ ଟ୍ରାନ୍ସପାରେନ୍ସ ଆଣ୍ଡ ଆକାଉଣ୍ଟେବିଲିଟି) ଯୋଜନା ଜରିଆରେ ନାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଯୋଜନା ଜରିଆରେ ନୂତନ ହିତାଧିକାରୀଙ୍କୁ ସରକାରୀ ସୁବିଧା ମିଳିଛି। ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ଏଦିଗରେ ଜନସଚେତନତା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯାଇପାରି ନାହିଁ। ଫଳରେ ବହୁ ଗରୀବ ଜନସାଧାରଣ ସେମାନଙ୍କ ଅଭିଯୋଗ କରିବାର ସୁଯୋଗ ହରାଇଛନ୍ତି। ଏହି କାଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଆସନ୍ତା ୩ମାସ ପର୍ଯ୍ୟନ୍ତ ଚାଲିବ। ନୂତନ ବର୍ଷରେ ଯୋଗ୍ୟ ହିତାଧରକାରୀଙ୍କୁ ପୁଣି ଅଭିଯୋଗ କରିବାର ସୁଯୋଗ ରହିଛି। ଏହିକ୍ରମରେ ଅତଲାପୁର ପଞ୍ଚାୟତରେ ଆୟୋଜିତ ପିଠା କାର୍ଯ୍ୟକ୍ରମକୁ ବିଡିଓ ଉମାକାନ୍ତ ପରିଡା ଉଦ୍‌ଘାଟନ କରିଥିଲେ। ଏବିଡିଓ ଅସିତ୍ କୁମାର ପାତ୍ର, ପ୍ରଗତି ସାହାୟକ ପ୍ରତିଶ୍ ରଂଜନ ସ୍ୱାଇଁ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ, ଏସଡିଓ ସୁଦିପ୍ତ ବିଶ୍ୱାଳ, ଯୁବନେତା ପ୍ରକାସ ଚନ୍ଦ୍ର ସାମଲ, ସରପଞ୍ଚ ପ୍ରଫୁଲ୍ଲ ସାହୁ, ସମିତିସଭ୍ୟ ଲକ୍ଷ୍ମୀଧର ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ବିଭିନ୍ନ ଯୋଜନାରେ ଅଭିଯୋଗକାରୀଙ୍କ ନାମ ପଞ୍ଜିକରଣ କରିଥିଲେ। ଏହି ଅବସରରେ ୨୮ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା, ଜଣକୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା। ସେହପରି ସିଂହାପୁର ପଞ୍ଚାୟତରେ ସରପଞ୍ଚ ଆରତୀ ପହି, ସମିତିସଭ୍ୟ ପ୍ରଦୀପ୍ତ ନାୟକ, ଯନ୍ତ୍ରୀ ପଦ୍ମନାଭ ଖଣ୍ଡେଇ, ନିର୍ବାହୀ ଅଧିକାରୀ ବିପିନ ନାୟକ, ଯୁବନେତା ଅନନ୍ତ କିଶୋର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଠାରେ ୫ଟି ବିଭାଗରେ ଜନସାଧାରଣଙ୍କଠାରୁ ଅଭିଯୋଗ ଗ୍ରହଣ କରାଯାଇଥିଲା। ମଧୁବାବୁ ପେନସନ୍ ଯୋଜନାରେ ୨ଜଣ, ଦିବ୍ୟାଙ୍ଗ ଭତ୍ତା ୨୩ଜଣ, ୫ପରିବାରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ଅର୍ଥଗାଁ ପଞ୍ଚାୟତୟରେ ୪୪ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା, ୫ପରିବାରକୁ ବିଦ୍ୟୁତ ସଂଯୋଗ, ବାହାଦଲାପୁର ପଞ୍ଚାୟତରେ ୨୪ଜଣଙ୍କୁ ଭତ୍ତା, ୪୧ପରିବାରକୁ ବିଦ୍ୟୁତ୍ ସଂଯୋଗ, ବନ୍ଧଡିହ ପଞ୍ଚାୟତରେ ୪ଜଣଙ୍କୁ ଭତ୍ତା, ୪୨ଜଣଙ୍କୁ ବିଦ୍ୟୁତ୍ ସଂଯୋଗ, ବାରବାଟୀ ପଞ୍ଚାୟତରେ ୫୦ଜଣଙ୍କୁ ଭତ୍ତା, ୭ ପରିବାରକୁ ବିଦ୍ୟୁତ୍ ସଂଯୋଗ, ଭୋଟକା ପଞ୍ଚାୟତରେ ୩୭ଜଣଙ୍କୁ ଭତ୍ତା, ୧୬ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବାନେଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାଙ୍କ ପକ୍ଷରୁ ପିଠା ପ୍ରସ୍ତୁତ କରାଯାଇ ପ୍ରଦର୍ଶନୀ କରାଯାଇଥିଲା।



ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପିଠା ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

# ଜମି ସୁରକ୍ଷା କମିଟି ପକ୍ଷରୁ ଜରୁରିକାଳୀନ ବୈଠକ

**ଯାଜପୁରରୋଡ,୧୫।୧୨(ନି.ପ୍ର.)**

ବ୍ୟାସନଗର ଜମି ସୁରକ୍ଷା କମିଟି ପକ୍ଷରୁ ଶନିବାର ଅପରାହ୍ନରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଣ୍ଡମାଳ, ଚୋରଦା, ରମ୍ଭାସ ଓ ଉମାପଦା ମୌଜାର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବ୍ୟାସନଗର ସହରାଞ୍ଚଳରେ ଜମାବନ୍ଦୀ ଏବଂ ଜଙ୍ଗଲ କିସମ ଜମିକୁ ନେଇ ବନ୍ଦୋବସ୍ତ ଅଧିକାରୀ, କଟକ ଏବଂ ବ୍ୟାସନଗର ତହସିଲଦାର, ରେଭିନ୍ୟୁ ବୋର୍ଡରେ ଅନେକ ମାମଲା ରୁଜୁ କରିଛନ୍ତି। କମିଟି ତରଫରୁ ରୁଜୁ ହୋଇଥିବା ମାମଲାଗୁଡିକୁ ପ୍ରତ୍ୟାହାର କରିବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ଗତ ଜୁଲାଇ ୨୦୧୭ରେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। ରାଜସ୍ୱ ମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଆଲୋଚନା ବେଳେ ଯାଜପୁର ଜିଲାପାଳ, ଉପଜିଲାପାଳ, ବ୍ୟାସନଗର ତହସିଲଦାର ଏବଂ ଜମି ସୁରକ୍ଷା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ରାଜସ୍ୱ ମନ୍ତ୍ରୀ ଜିଲାପାଳଙ୍କୁ ଏକ କମିଟି ଗଠନ କରି ଉକ୍ତ ମାମଲାଗୁଡିକର କାଗଜପତ୍ର ଯାଞ୍ଚ କରି ସରକାରଙ୍କୁ ୨ ମାସ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳ ମୁଣ୍ଡମାଳ ମୌଜା ବ୍ୟତୀତ ଅନ୍ୟ ୩ ମୌଜାର କାଗଜପତ୍ର ଯାଞ୍ଚ କରିନାହାନ୍ତି। କମିଟି ସଭ୍ୟମାନେ ବାରମ୍ବାର ତହସିଲଦାର ଏବଂ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସୂଚନାଯୋଗ୍ୟ, ବ୍ୟାସନଗର ପୌରାଞ୍ଚଳରେ ୫୦୦୦ରୁ ଉର୍ଦ୍ଧ୍ୱ ମାମଲା ତହସିଲଦାରଙ୍କ ପକ୍ଷରୁ ଦାଖଲ ହୋଇଛି ଏବଂ ୪୦,୦୦୦ରୁ ଉର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ହେଲେ ରେକର୍ଡ ଯାଞ୍ଚର କାରଣ ଜଣାପଡୁନାହିଁ। ଆଗାମୀ ୧୫ ଦିନ ମଧ୍ୟରେ ଯଦି କୌଣସି ପଦକ୍ଷେପ ନିଆ ନ ଯାଏ, ତେବେ ଜନସାଧାରଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ଲକସ୍ତରୀୟ ଶିଶୁ ଉତ୍ସବ ୨୦୧୮

**ବରୀ,୧୫।୧୨(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ଆମ୍ରକାନନ ନୋଡାଲ ଶିକ୍ଷାନିକେତନ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ -୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ମାଧ୍ୟମରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଶିଶୁଙ୍କ ପ୍ରତିଭା ଅନ୍ୱେଷଣ କରାଯାଇଥିଲା। ଓଷ୍ଟାର ପୂର୍ବତନ ସଭାପତି ତଥା ଶିକ୍ଷକ ନେତା ଲୋକନାଥ ଦାସ ଉତ୍ସବ ଉଦ୍‌ଘାଟନ କରିଥିଲେ। ବରୀ ବ୍ଲକ ଓଷ୍ଟା ସଭାପତି ସମ୍ଭୁନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ରାଜ୍ୟ ସହ ସମ୍ପାଦକ ନିର୍ମଳ କୁମାର ଜେନା, ଯାଜପୁର ଶାଖା ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କର୍ଣ୍ଣଚନ୍ଦ୍ର ଘଡେଇ, ଶଙ୍କର୍ଷଣ ସାହୁ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇ ଶିଶୁ ହସିଲେ ଦୁନିଆ ହସେ ବୋଲି କହିଥିଲେ। ଏଥିରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇ କେତେଜଣ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ଉତ୍ସବ ପାଇଁ ମନୋନୀତ କରାଯାଇଛି। ସୁବାସ ବିଶ୍ୱାଳ, ଆଶୋକ ସାମଲ, ରବୀନ୍ଦ୍ର କୁମାର ପତି, ସଂଘମିତ୍ରା ସାମଲ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ରସୁଲପୁର ତହସିଲଦାରଙ୍କ ଚଢ଼ାଉ

# ୪ ଲଘୁ ଖଣିଜ ସାମଗ୍ରୀ ବୋଝେଇ ଗାଡ଼ି ଜବତ

**ରସୁଲପୁର,୧୫।୧୨(ଡି.ଏନ୍.ଏ.)**

ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ଗତ କିଛିଦିନ ଧରି ଲଗାତର ଭାବରେ ବିଭିନ୍ନ ସ୍ଥାନରେ ଥିବା ବେଆଇନ ଲଘୁ ଖଣିଜ ସାମଗ୍ରୀ ଉତ୍ତୋଳନ ସ୍ଥଳ ଓ ପରିବହନରେ ବ୍ୟବହୃତ ଯାନବାହନ ଉପରେ ଚଢାଉ ଜାରି ରଖିଛନ୍ତି। ଶନିବାର ଚଢାଉର ୪ର୍ଥ ଦିବସରେ ତହସିଲଦାର ପଣ୍ଡା ୧୬ନଂ ଜାତୀୟ ରାଜପଥ ଉପରେ ଯାତାୟତ କରୁଥିବା ଟିପ୍ପ ବୋଝେଇ ୪ଚକିଆ ଗାଡି ଗୁଡିକୁ ଅଟକାଇ ଜରିମାନା ଆଦାୟ କରିଛନ୍ତି। ଗୋଟିଏ ଟ୍ରାକ୍ଟର ସମେତ ୩ଟି ୬ଚକିଆ ଟିପ୍ପ ବୋଝେଇ ଟ୍ରକକୁ ଜବତ କରିଛନ୍ତି। ଉକ୍ତ ୪ଟି ଗାଡିର କାଗଜପତ୍ରକୁ ଯାଞ୍ଚ କଲାରୁ ବେଆଇନ ଭାବରେ ଲଘୁ ଖଣିଜ ସାମଗ୍ରୀ ପରିବହନ ହେଉଥିବା ନେଇ ଜଣାପଡ଼ିଥିଲା। ସେମାନଙ୍କଠାରୁ ତହସିଲଦାର ୭୩ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତହସିଲ୍‌ଦାରଙ୍କ ଏହି ନିୟମିତ ଚଢ଼ାଉରେ ଲଘୁ ଖଣିଜ ମାଫିଆଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଶନିବାର ଚଢ଼ାଉରେ ତହସିଲଦାର ପଣ୍ଡା, ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧ ଷଡ଼ଙ୍ଗି, ରମେଶ ସାହୁ, ସନ୍ତୋଷ ପରିଡା ଓ କୁଆଖିଆ ପୋଲିସ ସାମିଲ୍ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତୀଲୋ ! ସ୍ତେଇ ହଉଛୁ କେତେ ?**
**ତୋ ଘର ନିଆଁ ଅଣ୍ଟିରେ ପୂରେଇ,**
**ଖଟେଇ ହଉଚୁ ମତେ ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତକୁ ହେଲା ସତର;**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଞ୍ଜିଲା,**
**ମଲିଟି ମୁହିଁ ଏଥର ।**

ଶାଶୁ ବୋହୂ କି ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ନ ପଡ଼ିଲେ ପରିବାରରେ ନାନା ଅଶାନ୍ତି ଘଟିଥାଏ। ମନ ସହ ମନ ନ ମିଶିବା ଫଳରେ ନାନା ବିଶୃଙ୍ଖଳା ଘଟିବା ସ୍ଥିର ନିଶ୍ଚିତ ହୋଇଯାଇଥାଏ। ଯେତେବେଳେ ଉଭୟ ଶାଶୁ ଓ ନଣନ୍ଦ ମିଶି ମିଛ ସତ କହି ନାନା ଅତ୍ୟାଚାର କରିବସନ୍ତି ସେତେବେଳେ ବିଚାରୀ ବୋହୂ ପକ୍ଷେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ

**ଚଣ୍ଡିଖୋଲ,୧୫।୧୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ନିକଟ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଜନସାଧାରଣଙ୍କୁ ଶକ୍ତି ସଂରକ୍ଷଣ ଉପରେ ସଚେତନ କରିବା ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ପରିଭ୍ରମଣ କରି ଶକ୍ତି ସଂରକ୍ଷଣ ସମ୍ପର୍କିତ ସ୍ଲୋଗାନ ଦେଇ ପ୍ରଚାରପତ୍ର ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସନାତନ ଦାସଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ବନପାଳ ଶଶିକାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ ଓ ଏହାର ସୁରକ୍ଷା କରାଗଲେ ପ୍ରାକୃତିକ ଶକ୍ତି ସଂରକ୍ଷଣ ହୋଇପାରିବ ବୋଲି କହିଥିଲେ। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ନାୟକ, ନୋଡାଲ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବାରିକ, ସିଆରସିସି ସୁବର୍ଣ୍ଣ କେଶରୀ ମିଶ୍ର ଓ ସରପଞ୍ଚ ଚାଚାଲିନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଆଦିତ୍ୟ ସାହୁ, ସାର୍ଥକ କୁମାର ଜେନା, ଅଭିଜିତ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ। 0% ସୁଧ 45% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା। A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରି ସମାଧାନ
9982292667
8239254882

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ଜଳିଗଲା ଅଢେଇ ଏକର ପାଚିଲା ଧାନ

**ବାଲିକୁଦା,୧୫।୧୨(ସ୍ୱ.ପ୍ର.):** ବାଲିକୁଦା ତହସିଲ ବଡ଼ଗାଁ ପଞ୍ଚାୟତର ବଡ଼ରୋଡଙ୍ଗ ଗ୍ରାମରେ ଶନିବାର ଅଢେଇ ଏକର ପାଚିଲା ଧାନ ଫସଲ ଜଳିଯାଇଛି। ଏଥିରେ ୫ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁ ଲିଭାଇବାକୁ ଯାଇ ଗ୍ରାମର ମହେଶ୍ୱର ଷଡଙ୍ଗୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ପ୍ରହ୍ଲାଦ ନାୟକଙ୍କ ୧୦, ପଦ୍ମନାଭ ଷଡଙ୍ଗୀଙ୍କ ୧୨, ଯଜାତି ଓଝାଙ୍କ ୧୨, ଜୟକୃଷ୍ଣ ଷଡ଼ଙ୍ଗୀଙ୍କ ୮, ବୀର ବାରିକଙ୍କ ୮ ଗୁଣ୍ଠ ଜମିରେ ହୋଇଥିବା ଧାନ ଫସଲ ଜଳିଯାଇଛି। କେହି ଦୁର୍ବୃତ୍ତ ପାଚିଲା ଧାନ ବିଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ପାରାଦୀପ,୧୫।୧୨(ସ୍ୱ.ପ୍ର.):** ସ୍ଥାନୀୟ ମଧୁବନ ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଛି। ଇନ୍‌ସାଫ୍ ନାମକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ, ବନ୍ଦର ପରିବେଶ ପରାମର୍ଶଦାତା ଜିତ୍‌ଶତ୍ରୁ ମହାନ୍ତି, ଡା. ଦେବଦତ୍ତ ସାମନ୍ତରାୟ, ବିଜ୍ଞାନ ଶିକ୍ଷକ ରୋହିତ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଅଧିକ ବିଦ୍ୟୁତ୍ ବ୍ୟବହାରର କୁପ୍ରଭାବ ସମ୍ପର୍କରେ କହିଥିଲେ। ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ୩ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ଜ୍ୟୋତିର୍ମୟୀ ଗୋଚ୍ଛାୟତ, କୁନି ଜେନା ଓ ମୌସୁମୀ ବେହେରା।

### କରତୁଠାରେ କଂଗ୍ରେସ କର୍ମୀ ସମାବେଶ

**କୁଜଙ୍ଗ,୧୫।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପାଟପୁର ପଞ୍ଚାୟତ କରତୁଠା ଗ୍ରାମରେ କଂଗ୍ରେସର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ପିସିସି ସମ୍ପାଦକ ପ୍ରମୋଦ କିଶୋର ଜେନା ଯୋଗଦେଇ ୩ ରାଜ୍ୟରେ କଂଗ୍ରେସର ବିଜୟ ନେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଦଳକୁ ମଜଭୁତ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପିସିସି ଅନୁସୂଚିତ ସେଲ୍‌ର ଅଧ୍ୟକ୍ଷ ବିଭୂ ପ୍ରସାଦ ତରାଇ ଯୋଗଦେଇ କର୍ମୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଜିଲା ଉପସଭାପତି ସନ୍ତୋଷ କୁମାର ଦାଶ, କିଷାନ ସେଲ ସମ୍ପାଦକ ବିଶ୍ୱନାଥ ପାଣି, ବିପିନ ବିଶ୍ୱାଳ, ସାରଦା ପ୍ରସନ୍ନ ଦାସ ପ୍ରମୁଖ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କହିଥିଲେ। ବାବାଜୀ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ସମାବେଶରେ ଉମେଶ ଚନ୍ଦ୍ର ନାୟକ, ଭିକାରୀ ବିଶ୍ୱାଳ, ପ୍ରଫୁଲ୍ଲ ମଲ୍ଲ, ବୀରବର ଦାସ, ଯଶୋବନ୍ତ ନାୟକ, ସରୋଜ ବିଶ୍ୱାଳ, ନିମାଇଁ ସ୍ୱାଇଁ, ବିଭୂତି ଜେନା, ଗିରିଧାରୀ ଲେଙ୍କା, ରମାକନ୍ତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

### ପିଠା କାର୍ଯ୍ୟକ୍ରମର ଶୁଭାରମ୍ଭ

**ବାଲିଆ/ବିରିଡ଼ି,୧୫।୧୨(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ପିଠା ଶୁକ୍ରବାର ବିରିଡ଼ି ବ୍ଲକର ୩ ପଞ୍ଚାୟତରେ ଶୁଭାରମ୍ଭ ହୋଇଛି। କୁଳ କଇଜଙ୍ଗା ପଞ୍ଚାୟତରେ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ ଉଦ୍‌ଘାଟନ କରିଥିଲେ। ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ସମିତିସଭ୍ୟ ରାଜକିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବୁଢାପଡ଼ା ପଞ୍ଚାୟତରେ ସରପଞ୍ଚ ପୁଷ୍ପପ୍ରକାଶ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଠାରେ ବ୍ଲକ ଅଧ୍ୟକ୍ଷ ଭୋଇ, ଉପାଧ୍ୟକ୍ଷା ସାହୁଙ୍କ ସମେତ ସମିତିସଭ୍ୟା ପ୍ରେମଲତା ସାହୁ, ସାମାଜିକ କର୍ମୀ ନିହାର ରଞ୍ଜନ ସ୍ୱାଇଁ, ତ୍ରିଲୋଚନ ସାହୁ, ସନାତନ ସାହୁ, ବିଜୟ କୁମାର ସାହୁ, ସନାତନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ସଭାପତି ସୁରଜ ବିଶ୍ୱାଳ ଓ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ସେହିପରି ଅଲାଣ୍ଡୋ ପଞ୍ଚାୟତରେ ସରପଞ୍ଚ ରୀତା ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ପରିଚାଳନା କରିଥିଲେ। ବୁଢାପଡା ପଞ୍ଚାୟତରେ କୁଞ୍ଜବିହାରୀ ସାହୁ ଓ ଅନାମ ବେହେରା, କୁଳକଇଜଙ୍ଗା ପଞ୍ଚାୟତରେ ବିପିନି କୁମାର ପାତ୍ରଙ୍କୁ କଳାକାର ଭତ୍ତା ପ୍ରଦାନ କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ହାତ ତିଆରି ପିଠା ବଣ୍ଟନ କରାଯାଇଥିଲା।

■ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ବେଆଇନ ଫି ଆଦାୟ ମାମଲା

# ଉପଜିଲାପାଳଙ୍କୁ ଗିରଫ ନିର୍ଦ୍ଦେଶ

**ଜଗତ୍‌ସିଂହପୁର ଅଫିସ,୧୫।୧୨**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଠାରୁ ବେଆଇନ ଫି ଆଦାୟ କରୁଥିବା ସମ୍ପର୍କରେ ୨୦୧୫ରେ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ମହାବିଦ୍ୟାଳୟ ଗଭର୍ନିଂ ବଡି ସଭାପତି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ଜାନୁୟାରୀ ୪ ତାରିଖରେ ତାଙ୍କୁ ଗିରଫ କରି ମଞ୍ଚରେ ହାଜର କରାଇବାକୁ ଜଗତ୍‌ସିଂହପୁର ଥାନା ଆଇଆଇସିଙ୍କୁ ମଞ୍ଚ ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଏସ୍‌ପିଙ୍କ ଜରିଆରେ ପଠାଯାଇଥିବା ସୂଚନା ମିଳିଛି।

୨୦୧୫ରେ ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା ସମ୍ପାଦକ ଗୋବିନ୍ଦ ଓଝାଙ୍କ ଅଭିଯୋଗ ଉପରେ ଏନେଇ ମାମଲା ସଂଖ୍ୟା ୯୮/୨୦୧୫ ରୁଜୁ ହୋଇଥିଲା। ଏହାପରେ ୧୯୮୬ ଖାଉଟି ସୁରକ୍ଷା ଆଇନ ଦଫା ୭୦ ସିଆର୍‌ପିସି ସହ ଦଫା ୨୭ ବଳରେ ଉପଜିଲାପାଳଙ୍କୁ ଏକାଧିକବାର ନୋଟିସ୍ ହୋଇଥିଲା। କିନ୍ତୁ ସେ ମଞ୍ଚରେ ପକ୍ଷ ରଖିବା ତ ଦୂରର କଥା ହାଜର ହୋଇ ନ ଥିଲେ। ୧୭।୪।୧୭ରେ ମଞ୍ଚ ପକ୍ଷରୁ ଥିବା ନିର୍ଦ୍ଦେଶ ପାଳନ କରି ନ ଥିବା ଦୋଷରେ ଉପଜିଲାପାଳଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ୨୮।୩।୧୮ରେ ଖାଉଟି ସୁରକ୍ଷା ଆଇନ ୧୯୮୬ ଦଫା ୨୭ ବଳରେ ଉପଜିଲାପାଳଙ୍କୁ କାହିଁକି ଦଣ୍ଡିତ କରା ନ ଯିବ ବୋଲି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହାସତ୍ତ୍ୱେ ଉପଜିଲାପାଳ ନୀରବ ରହିଥିଲେ। ପରେ ଉପଜିଲାପାଳ କୋର୍ଟ ନିର୍ଦ୍ଦେଶ ଅବମାନନା କରିଥିବା ଦର୍ଶାଇ ଅଭିଯାନ ସମ୍ପାଦକ ଓଝା ପୁଣି ମଞ୍ଚରେ ଅଭିଯୋଗ କରିଥିଲେ। ଏହି ଦରଖାସ୍ତ ସଂଖ୍ୟା ଥିଲା ୭/୨୦୧୮। ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ମଞ୍ଚ ପକ୍ଷରୁ ଉପରୋକ୍ତ ନିର୍ଦ୍ଦେଶ ହୋଇଛି। ଏଥିରେ କୁହାଯାଇଛି ଯେ, ଉପଜିଲାପାଳଙ୍କୁ ଜାମିନ ଦିଆଯାଇ ପାରିବ। କିନ୍ତୁ ୩ ହଜାର ଟଙ୍କା ସହ ଜରିମନା ବାବଦ ୨୦୦ ଏହିପରି ମୋଟ୍ ୩,୨୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଜାମିନ ମିଳିବ। ୨ ଜଣ ଜାମିନଦାର ବ୍ୟକ୍ତିଗତ ମୁଚାଲିକାରେ ଉପଜିଲାପାଳଙ୍କୁ ଜାମିନରେ ନେଇପାରିବେ। ସେମାନେ ପ୍ରତ୍ୟେକ ୧,୬୦୦ ଟଙ୍କା ହିସାବରେ ବେଲ ବଣ୍ଡ ଦାଖଲ କରିବାକୁ ପଡ଼ିବ। ଥାନାରୁ ଜାମିନରେ ଯିବାକୁ ହେଲେ ଏହି କାଗଜପତ୍ର ଆଇଆଇସିଙ୍କ ନିକଟରେ ଦାଖଲ କରିବାକୁ ହେବ। ଆଇଆଇସି ସମାନ ଦିନ ଅର୍ଥାତ୍ ୪।୧।୧୯ରେ ଏହି କାଗଜପତ୍ର ମଞ୍ଚରେ ଦାଖଲ କରିବେ। ଉପଜିଲାପାଳଙ୍କୁ ଗିରଫ କରାଯିବା ନିର୍ଦ୍ଦେଶକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଜଣେ ଦାୟିତ୍ୱବାନ ଅଧିକାରୀ ଯଦି ଆଇନର ଅବମାନନା କରିବେ ତେବେ ସାଧାରଣ ଲୋକ କ'ଣ କରିବେ ବୋଲି କୁହାଯାଉଛି। ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀଙ୍କ ଅଭିଯୋଗ ହେଲା, ମଞ୍ଚରେ ଉପଜିଲାପାଳ ହାଜର ନ ହେବା ପରୋକ୍ଷରେ ମହାବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ବାରି ହେଉଛି। ଏହି ମାମଲାର ବିଚାର କରି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, ୨୦୧୫ରେ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଲାଇବ୍ରେରୀ, କମନ ରୁମ୍, ପରିଶ୍ରାଗାର ଆଦି ନ ଥିଲା। ଖେଳ ସାମଗ୍ରୀ ନ ଥିବାରୁ ଛାତ୍ରୀଛାତ୍ରମାନେ କ୍ରୀଡା ସୁଯୋଗରୁ ବଞ୍ଚିତ ହେଉଥିଲେ। ଅଧ୍ୟାପିକା, ଅଧ୍ୟାପକ, ଡେମନ୍‌ଷ୍ଟ୍ରେଟର୍ ନ ଥିବାରୁ ଶିକ୍ଷାଦାନ ଗୁରୁତର ଭାବରେ ବ୍ୟାହତ ହୋଇଥିଲା। ଏଥିସହ ଅନେକ ସୁବିଧା ଦେବା ନାଁରେ ମହାବିଦ୍ୟାଳୟ ପକ୍ଷରୁ ଫି ଆଦାୟ ହେଉଥିଲା। ଏନେଇ ଲୋକେ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଗଭର୍ନିଂ ବଡି ସଭାପତି ତଥା ଉପଜିଲାପାଳଙ୍କ ନିକଟରେ ଏକାଧିକବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଇ ନ ଥିଲା। ଅନ୍ୟପକ୍ଷରେ ଉପଜିଲାପାଳ ସ୍ୱାଇଁ କହିଛନ୍ତି ଯେ, ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ।

## ଟ୍ରକ୍ ଟର୍ମିନାଲ ନିର୍ମାଣକୁ ବିରୋଧ, ହୋଇପାରିଲାନି ସର୍ଭେ

**କୁଜଙ୍ଗ,୧୫।୧୨(ସ୍ୱ.ପ୍ର.)**

ମରିବୁ ପଛେ ଭୂତମୁଣ୍ଡାଇ ଅଞ୍ଚଳରେ ଟ୍ରକ୍ ଟର୍ମିନାଲ କରାଇଦେବୁ ନାହିଁ। ଏମିତିରେ ପ୍ରତିଦିନ ଏହି ଅଞ୍ଚଳରେ ବହୁ ସଡ଼କ ଦୁର୍ଘଟଣା ଘଟୁଛି। ଟ୍ରକ୍ ଟର୍ମିନାଲ ହେଲେ ଅଧିକ ଦୁର୍ଘଟଣା ହେବା ସହ ପରିବେଶ ନଷ୍ଟ ହେବ ଓ ବହୁ ଦୁଃରାରୋଗ ଦେଖାଦେବ। ଭୁତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ସମେତ ସ୍ଥାନୀୟ ଲୋକଙ୍କ ଏଭଳି ବିରୋଧ ଯୋଗୁ ଶନିବାର ଏଠାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ସର୍ଭେ କରିବାକୁ ଆସିଥିବା ଦଳ ଫେରିଯାଇଛନ୍ତି। ପ୍ରକାଶ ଯେ, ଏଠାରେ ସୁପର ସ୍ପେଶିଆଲିଟି ହସପିଟାଲ ନିର୍ମାଣ ପାଇଁ ଉଭୟ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡା ଜିଲାବାସୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ୬ ମାସ ହେଲା ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଏଥିପାଇଁ ଜୋରଦାର ଆନ୍ଦୋଳନ କରାଯାଉଛି। କିନ୍ତୁ ଏଥିପ୍ରତି ଗୁରୁତ୍ୱ ନ ଦେଇ ସେହି ସ୍ଥାନରେ ଟ୍ରକ୍ ଟର୍ମିନାଲ କରିବାକୁ ଯୋଜନା ହୋଇଛି। ଏଥିପାଇଁ ଶନିବାର ସର୍ଭେ ସଂସ୍ଥାର ଏକ ଟିମ୍ ସର୍ଭେ କରିବାକୁ ଆସିଥିଲେ। ସେମାନେ ଜଗତି ଗଡ଼ା ନିକଟରେ ସର୍ଭେ କରୁଥିବାବେଳେ ସରପଞ୍ଚ ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ଶରତ ଖଟେଇ, ଆଞ୍ଚଳିକ ସୁରକ୍ଷା ସମିତି ଆବାହକ ମଣ୍ଡଳୀ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ, ବସନ୍ତ ସ୍ୱାଇଁ ପ୍ରମୁଖ ବିରୋଧ କରିଥିଲେ। ତେଣୁ ସର୍ଭେ କରି ନ ପାରି ଉକ୍ତ ଦଳ ଫେରିଥିଲା। ପୁନର୍ବାର ଅପରାହ୍ନ ୩ଟାରେ ସେମାନେ ଅନ୍ୟ ଏକ ସ୍ଥାନରେ ସର୍ଭେ କରୁଥିବାବେଳେ ଆଞ୍ଚଳିକ ସୁରକ୍ଷା ସମିତିର ସଭ୍ୟା ସଭ୍ୟମାନେ ବିରୋଧ କରିଥିଲେ। ସୂଚନାଯୋଗ୍ୟ, ଏହି ସ୍ଥାନ ମେଡିକାଲ ନିର୍ମାଣ ପାଇଁ ଉପଯୁକ୍ତ ହୋଇଥିବାବେଳେ ଏଠାରେ ଟ୍ରକ୍ ଟର୍ମିନାଲ ହେଲେ ବହୁ ସମସ୍ୟା ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ ଜିଲାପାଳଙ୍କଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀମାନଙ୍କୁ ଅଭିଯୋଗ କରିଆସୁଛନ୍ତି।

## ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଜବ୍‌କାର୍ଡଧାରୀ

**ବିରିଡ଼ି,୧୫।୧୨(ଡି.ଏନ.ଏ.)**


ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ ଜଣାଉଛନ୍ତି ଜବ୍‌କାର୍ଡଧାରୀ ଓ ଭାଜପା ନେତା।

ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ମଜୁରି ମିଳିନାହିଁ। ଏହାର ପ୍ରତିବାଦରେ ଭାଜପା ନେତୃତ୍ୱରେ ଜବ୍‌କାର୍ଡଧାରୀମାନେ ଶନିବାର ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି। ଏହି ସମୟରେ ବିଡିଓ ଅନୁପସ୍ଥିତ ଥିଲେ। ଭାଜପା ନେତା ରମାକାନ୍ତ ଭୋଇ, ପୁରଣ ମଣ୍ଡଳ ସଭାପତି ଆଲୋକ କୁମାର ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସାହିଦା ଖାତୁନ୍, ଓବିସ ମୋର୍ଚ୍ଚା ସଭାପତି ନରେଶ ଓଝା, ତଫସିଲଭୁକ୍ତ ଜାତି ମୋର୍ଚ୍ଚା ସଭାପତି ବିଶ୍ୱଭୂଷଣ ମଲ୍ଲିକଙ୍କ ସହିତ ଜବ୍‌କାର୍ଡଧାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଆସି କର୍ମଚାରୀଙ୍କୁ ବାହାରକୁ ଯିବା ପାଇଁ କହିଥିଲେ। ପରେ ମୁଖ୍ୟ ଫାଟକରେ ତାଲା ପକାଇ ଜଗି ରହିଥିଲେ। ୧ ଘଣ୍ଟା ପରେ ବିରିଡ଼ି ଥାନା ଅଧିକାରୀ ରଞ୍ଜିତ କୁମାର ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାରେ ବିଡିଓଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲାଯାଇଥିଲା। ସୂଚନାଯୋଗ୍ୟ, ୨୦୧୬ରେ ଗୋପୀନାଥପୁର ପଞ୍ଚାୟତର ୮୫ ଶ୍ରମିକ ୮ ସପ୍ତାହ କାର୍ଯ୍ୟ କରିଥିଲେ ସୁଦ୍ଧା ମଜୁରୀ ପାଇନାହାନ୍ତି।

## ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା

**ବାଲିଆ,୧୫।୧୨:** ବିରିଡ଼ି ବ୍ଲକ ୨୨ମୌଜାର ମଙ୍ଗୁଳି ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ପୂର୍ବତନ ସିଡିଏମ୍‌ଓ ଡା. ପୂର୍ଣ୍ଣାନନ୍ଦ ଓଝା, ବିଷ୍ଣୁ ଚନ୍ଦ୍ର ପାଇକରାୟ, ଏମ୍‌ପିଙ୍କ ପ୍ରତିନିଧି ଗୟାଧର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥଲେ। ଉମେଶ ମହାନ୍ତି, ମନୋରଞ୍ଜନ ବାରିକ, ଅଂଶୁମାନ ପରିଡ଼ା, ଶୁଲୋଚନା ମହାନ୍ତି, ପ୍ରଦୀପ୍ତ ଭୋଇ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 238 of 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 **...Applicant**

**-Versus-**

**Chandram Munda** **...Defendant**

To,
1. **Chandram Munda,** S/o-Jayaram Munda, At: Deheripali, Budharaja, Dist.: Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 238 of 2018** in the Court of Debts Recovery Tribunal at Cuttack for a recovery of **Rs.16,65,980.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **28th day of Nov. 2018.**

**Sd/- Registrar (I/C)**
**Debts Recovery Tribunal**

## ତଅଁରାରେ ଭତ୍ତା, ପିଠା ବଣ୍ଟନକୁ ନେଇ ହୋହଲ୍ଲା

**ରଘୁନାଥପୁର,୧୫।୧୨(ଡି.ଏନ୍.ଏ.)**

ପୀଠା ଯୋଜନା ରଘୁନାଥପୁର ବ୍ଲକର ୪ ପଞ୍ଚାୟତରେ ଆରମ୍ଭ ହୋଇଛି। ତେବେ ତଅଁରା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମରେ ବିଶୃଙ୍ଖଳା ଦେଖାଦେଇଛି। ଏକସମୟରେ ଭତ୍ତା ଓ ପିଠା ବଣ୍ଟନ ହେବାରୁ ଲୋକଙ୍କ ମଧ୍ୟରେ ହୋହଲ୍ଲା ହୋଇଥିଲା। ଶେଷରେ ସରପଞ୍ଚ କବିତା ନାୟକ ପିଠା କିଣି ଲୋକଙ୍କୁ ବାଣ୍ଟିଥିଲେ। ଶନିବାର ଭତ୍ତା ବଣ୍ଟନ ତାରିଖ ଥିବାରୁ କାର୍ଯ୍ୟନିର୍ବାହୀ ଅଧିକାରୀ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗୁ ଭତ୍ତା ବାଣ୍ଟୁଥିଲେ। ପଞ୍ଚାୟତରେ ସରକାରଙ୍କ ପିଠା ଯୋଜନା ହେଉଥିବାରୁ ଭତ୍ତାଧାରୀଙ୍କୁ ବିଡିଓ ତଥା ପ୍ରଶାସନିକ ଅଧିକାରୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା। କେତେକ ହିତାଧିକାରୀ ଅପେକ୍ଷା ନ କରି ଚାଲିଯିବାରୁ ସେଠାରେ ଥିବା ଯୁବଗୋଷ୍ଠୀ ପ୍ରଶାସନିକ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ଭତ୍ତା ବଣ୍ଟନ ବନ୍ଦ ରହୁ ବୋଲି କହିଥିଲେ। ଅଧିକାଂଶ ଲୋକ ଭତ୍ତା ପାଇ ଚାଲିଯାଉଥିବାରୁ ସେମାନଙ୍କ ପାଇଁ ହୋଇଥିବା ଖାଦ୍ୟ ଓ ଏସ୍‌ଏଚ୍‌ଜି ଗୋଷ୍ଠୀରୁ ଆସିଥିବା ପିଠା କିଏ ଖାଇବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏଭଳି ବାଦବିବାଦ ଚାଲିବାରୁ ବିଡିଓ ପଳାଇଥିଲେ। ପରେ ଏସଏଚଜି ଗୋଷ୍ଠୀର ମୁଖ୍ୟ ଶାନ୍ତିଲତା ଦ୍ୱିବେଦୀ ଓ ବିଡିଓଙ୍କ ପକ୍ଷରୁ କିଣାଯାଇଥିବା ୫ଶହ ପିଠାକୁ ବାଣ୍ଟି ଦିଆଯାଇଥିଲା। ତଥାପି ଅନେକ ଲୋକ ପିଠା ନ ପାଇବାରୁ ସରପଞ୍ଚ ନାୟକ ଏସଏଚଜି ଗୋଷ୍ଠୀରୁ ପିଠା କିଣି ଲୋକଙ୍କୁ ବାଣ୍ଟିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ବ୍ଲକର ସାଦେଇପୁର, ରେଢୁଆ ଓ ରାଢ଼ଙ୍ଗ ପଞ୍ଚାୟତରେ ମଧ ପିଠା କାର୍ଯ୍ୟକ୍ରମ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ, ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଓ ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ଅତିଥିରୂପେ ଯୋଗଦେଇଥିଲେ। ଜିଲାସ୍ତରରୁ ଅବଜରଭର ଓ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ବିଭିନ୍ନ ପଞ୍ଚାୟତକୁ ପରିଦର୍ଶନରେ ଆସିଥିଲେ।

**ପୂର୍ବ ତଟ ରେଳପଥ**
**ଟ୍ରାକ୍ ଫିଟିଙ୍ଗ୍ ଗୁଡ଼ିକର ଇ-କ୍ରୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ : ECoRCONTP181909 ତା. 11.12.2018 ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ **http://www.ireps.gov.in** ଜରିଆରେ **ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲ ରେ ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ** ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।

PR-94/CB/18-19 ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / TP, ଭୁବନେଶ୍ୱର

**CENTRAL ELECTRICITY SUPPLY UTILITY OF ODISHA**
2nd Floor, IDCO Towers, Janapath, Bhubaneswar-751022, Odisha

**PUBLIC NOTICE**

**Publication of Applications u/S. 64(2) of the Electricity Act, 2003 read with Reg. 53(7) of the OERC (Conduct of Business) Regulations, 2004 for approval of Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2019-20 filed by Central Electricity Supply Utility of Odisha (CESU) before the Odisha Electricity Regulatory Commission, Bhubaneswar-21.**

1. **The Central Electricity Supply Utility of Odisha (CESU), a deemed Distribution Licensee under Sec. 14 of the Electricity Act, 2003** has submitted its Application to the Odisha Electricity Regulatory Commission on **30.11.2018** for approval of its **Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2019-20**, which has been **registered as Case No.77/2018.** The application has been filed under Section 62 and other applicable provisions of the Electricity Act, 2003 read with OERC (Terms and Conditions for Determination of Wheeling Tariff & Retail Supply Tariff) Regulations, 2014 and OERC (Conduct of Business) Regulations, 2004. The Commission has decided to dispose of the case through a public hearing.

2. Copies of the aforesaid filing together with supporting materials are available with the Chief Executive Officer of Central Electricity Supply Utility of Odisha, Bhubaneswar and all Executive Engineers in charge of Distribution Divisions viz. (i) B.C.D.D.-I, Bhubaneswar, (ii) B.C.D.D-II, Bhubaneswar, (iii) Bhubaneswar Electrical Divn., Bhubaneswar, (iv) C.D.D-I, Cuttack, (v) C.D.D-II, Cuttack, (vi) Cuttack Electrical Divn., Cuttack, (vii) Puri Electrical Divn., Puri, (viii) Khurda Electrical Divn., Khurda, (ix) Balugaon Electrical Division, Balugaon, (x) Nayagarh Electrical Divn., Nayagarh, (xi) Nimapara Electrical Divn, Nimapara, (xii) Kendrapara Electrical Divn. No.I, Kendrapara, (xiii) Kendrapara Electrical Divn. No.II, Marsaghai, (xiv) Jagatsinghpur Electrical Divn., Jagatsinghpur, (xv) Paradeep Electrical Division, Paradeep, (xvi) Athagarh Electrical Divn., Athagarh, (xvii) Salipur Electrical Divn., Salipur, (xviii) Talcher Electrical Divn., Chainpal, (xix) Dhenkanal Electrical Divn., Dhenkanal and (xx) Angul Electrical Divn., Angul.

3. (a) Interested persons may inspect/peruse the relevant records pertaining to the matter enumerated in Para (1) above and take note thereof at the offices mentioned at Para (2) above during office hours on or before **16.01.2019** by making a plain paper application to any one of the aforesaid authorities. Alternately, the above public notice along with the details of filing and relevant matters may be downloaded from the Central Electricity Supply Utility's website **www.cescoorissa.com** as well as the Commission's website **www.orierc.org**.

(b) A summary of the proposal will be posted in the Commission's website after **11.01.2019** for general reference.

4. Salient features of the Revenue Requirement and Tariff Application shall be available during office hours to the interested persons from the offices mentioned at Para (2) above on payment of the photocopying charges (Rs.50/-) on or before **16.01.2019**.

The said salient features as submitted by the licensee include :-

(i) write up on the application, (ii) calculation of expected revenue from existing and proposed tariff, (iii) Information on subsidy, (iv) calculation of revenue requirement, (v) balance sheet, (vi) profit & loss account.

5. A full set of the Aggregate Revenue Requirement and determination Wheeling Tariff & Retail Supply Tariff for the Financial Year **2019-20** application can also be obtained during office hours from the offices mentioned at Para (2) above on payment of the photocopying charges, (Rs.200/-) only on or before **16.01.2019.**

6. Suggestions/objections, if any, together with supporting materials may be filed before the SECRETARY, ODISHA ELECTRICITY REGULATORY COMMISSION, PLOT NO.4, CHUNOKOLI, SAILASHREE VIHAR, BHUBANESWAR-751021 in person or through Registered Post/Courier Services only so as to reach him on or before **16.01.2019 positively.** A copy of the said suggestions/objections along with relevant documents shall also be served on the undersigned.

(a) The suggestions/objections should be filed in seven copies and should carry full name and postal address with PIN Code of the person/ organizations/ institutions sending the suggestions/objections and shall be supported by an affidavit.

(b) There shall be clear indication if the suggestions/objections are being filed on behalf of any organization/institution representing any category of consumers. It should also be specifically mentioned, if it is to be heard in person by the Commission.

(c)Suggestions/objections received after the date mentioned above or those which will prove deficient on any or more of the above points may not be admitted for hearing. Only those objections/suggestions supported through affidavit will be taken up for hearing.

7. As directed by the Commission, the date & place of public hearing shall be duly published in the newspaper and also be communicated to the parties whose objections are admitted.

**Chief Executive Officer,**
**Dated : 15.12.2018** **Central Electricity Supply Utility of Odisha**

**Note :** i)The above public notice is also available in Central Electricity Supply Utility's website **www.cescoorissa.com** as well as in Commission's website **www.orierc.org**.
ii) In case of any ambiguity in the notice published in the Odia language, the notice published in English language may be referred for authenticity.

## ଶାରଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ତିର୍ତ୍ତୋଲ,୧୫।୧୨(ଡି.ଏନ.ଏ.)**

ତିର୍ତ୍ତୋଲ ନିକଟ ପାଳନ୍ଦା ଖେଳପଡିଆରେ ଚାଲିଥିବା ମା'ଶାରଳା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଜଗତ୍‌ସିଂହପୁରର ଗୋରେଖନାଥ ସ୍ପୋର୍ଟିଂ ୯ରନରେ ଯାଜପୁରର ବିଟିସିସିକୁ ହରାଇ ଚାମ୍ପିୟନ ହୋଇଛି। ଟସ ଜିତି ଜଗତ୍‌ସିଂହପୁର ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭାରରେ ୭ ଉଇକେଟ ହରାଇ ୮୧ ରନ କରିଥିଲା। ଜବାବରେ ଯାଜପୁର ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ କରିବାକୁ ସମର୍ଥ ହୋଇଥିଲା। ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ମଦନ ମୋହନ ବେହେରା ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ବିଭୁକଲ୍ୟାଣ ମହାପାତ୍ର ଓ କାର୍ତ୍ତିକ ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ରାଜଶ୍ରୀ ମଲ୍ଲିକ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରନର୍ସ ଦଳକୁ ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ଓ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ରନର୍ସ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ତିର୍ତ୍ତୋଲ ସରପଞ୍ଚ ମନୋରଞ୍ଜନ ମହାପାତ୍ର, ବିମଳ ମହାପାତ୍ର ପରିଚାଳନା କରିଥିଲେ।

## ଆତ୍ମରକ୍ଷା କୌଶଳ ଉଦ୍‌ଘାଟିତ



ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି।

**ରଘୁନାଥପୁର,୧୫।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତରେ ଆୟୋଜିତ ଶିବିରରେ ପ୍ରତିଷ୍ଠାତା ସଦସ୍ୟା ଗୀତା ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଂଯୋଜକ ଭଗବାନ ଦାସ, ଅଧ୍ୟାପିକା ବିରସ କୁମାରୀ ନାୟକ, ଯାଜ୍ଞସେନୀ ରାଉତ, ସୌମ୍ୟା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୨ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ମାଷ୍ଟର ଟ୍ରେନର ରେଖାରାଣୀ ମଲିକ ଓ ରଶ୍ମିତା ବିଶ୍ୱାଳ ତାଲିମ ପ୍ରଦାନ କରିବେ। ଅଧ୍ୟାପକ ବଳାରମ ସାମଲ ଅତିଥି ପରିଚୟ ଓ ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**OFFICE OF THE**
**ACCOUNTANT GENERAL (G&SSA), ODISHA, BHUBANESWAR**
(INDIAN AUDIT AND ACCOUNTS DEPARTMENT)
(GOVERNMENT OF INDIA)
No.- Welfare (AU)/A&ARC/IV/18/18-19/497 Dated: 13.12.2018

**NOTICE INVITING TENDER**

Office of the Accountant General (G&SSA), Odisha, Bhubaneswar invites sealed tenders from reputed and experienced contractors for the Construction of asphalt base Synthetic Tennis Court. Interested and qualified vendors may see the details on website https://www.agodi.cag.gov.in/agodisha/tender.jsp.

*Sr. Deputy Accountant General/ Admn.*

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 319/2018**
**BETWEEN**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 **...Applicant**

**AND**

**M/s. Sai Poultry Farm and others** **...Defendants**

To,
1. **M/s. Sai Poultry Farm,** At: Khaliapali, Janhapada, P.O.: Attabira, Dist.: Bargarh, Represented through its proprietress Smt. Reddy Sati Ratnam.
2. **Smt. Reddy Sati Ratnam,** W/o- Reddy Jai Babu, At/P.O.: Kuruan, P.S/Dist.: Bargarh.
3. **Sri Reddy Jai Babu,** S/o- Reddy Olia Sadhu, At/P.O.: Kuruan, Dist.: Bargarh.
4. **Smt. Penumurti Sridebi,** W/o- Penumurty Veer Raju, At/P.O.: Babebira Canal, Attabira, Dist.: Bargarh.
5. **Sri Penumurty Veer Raju,** S/o- P. Janakia Rama Rao, At/P.O.: Babebira Canal, Attabira, Dist.: Bargarh.
6. **Smt. Meka Yerabeni,** W/o- M. Trimurty, At/P.O.: Adgaon, Attabira, Dist.: Bargarh.
7. **Smt. Reddy Laxmi,** W/o- Reddy alia Sadhu, At/P.O.: Kuruan, Dist.: Bargarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 319 / 18** in the Court of Debts Recovery Tribunal at Cuttack for a recovery of **Rs.71,97,785.16** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2018.**

**Sd/- Registrar (I/C)**
**Debts Recovery Tribunal**

## ସଂକ୍ଷେପରେ

### ମଦ, ଗଞ୍ଜେଇ ଜବତ ୨ ଗିରଫ

**ବିରିଡ଼ି,୧୫।୧୨(ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ଅବକାରୀ ବିଭାଗ ମୋବାଇଲ ସ୍କ୍ୱାର୍ଡ ଶନିବାର ସକାଳେ ବିରିଡ଼ି ଥାନା ଅଞ୍ଚଳରେ ଚଢ଼ାଉ କରି ମଦ ଓ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏହି ଥାନା ଅଧୀନ ସଢ଼େଇ ଶାସନ ଗ୍ରାମର ସୁବାସ ନାୟକଙ୍କଠାରୁ ୪ କେଜି ଗଞ୍ଜେଇ, ୧୫୦୦ ଟଙ୍କା ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା ନଂ. ୧୦୩/୧୮ ରୁଜୁ ହୋଇଛି। ସେହିପରି ଶଙ୍ଖାରି ସାହିର ପ୍ରମୋଦ ଦଳେଇଙ୍କଠାରୁ ୧୪ ବୋତଲ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ପ୍ରତାପ ଦାସ ଓ ସବ୍‌ଇନ୍ସପେକ୍ଟର ରଞ୍ଜିତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

### ପିଠା କାର୍ଯ୍ୟକ୍ରମ ଆରମ୍ଭ

**ଏରସମା,୧୫।୧୨(ସ୍ୱ.ପ୍ର.):** ଏରସମା ବ୍ଲକର ୪ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଛି। ପଲିକଣ୍ଟାରେ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପଜିଲାପାଳ ମହେନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଡିଓ କୈଳାସ ବେହେରା, ଏବିଡିଓ ବିଜୟ କେତନ ଚୌଧୁରୀ, ସମିତି ସଭ୍ୟ ନିମାଇଁ ଖଣ୍ଡୁଆଳ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ଚନ୍ଦ୍ର କୁଅଁର, ଏରସମା ବ୍ଲକ କଳାକାର ସଂଘ ସଭାପତି ଧିରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଛି। ସରପଞ୍ଚ ସନ୍ତୋଷ କୁମାର ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ବହୁ ହିତାଧିକାରୀଙ୍କୁ କଳାକାର ଭତ୍ତା ଓ ମଧୁ ବାବୁ ଭତ୍ତା ପ୍ରଦାନ କରାଯାଇଥିଲା। ଆଇସିଡିଏସ ସୁପରଭାଇଜର ସନ୍ଧ୍ୟାରାଣୀ ଦାସ, ପିଏ ଲୋପାମୁଦ୍ରା ନାୟକ, ଏମବିକେ ସଂଘମିତ୍ରା ଦାସ, ନାଏବ ସରପଞ୍ଚ ସନ୍ଧ୍ୟାରାଣୀ ବେଉରା, ବ୍ଲକ ଏସସିଓ ବିଜୟ ପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ପରିଜା, ସମିତିସଭ୍ୟା ସାଗରିକା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପରେ ହେବ ସୁପର ସ୍ପେଶିଆଲିଟି ହସ୍ପିଟାଲ

**ପାରାଦୀପ,୧୫।୧୨(ସ୍ୱ.ପ୍ର.)**

- ଚଳିତମାସ ଶେଷ ସୁଦ୍ଧା ନିର୍ମାଣ ଆରମ୍ଭ
- ୪୦୦ ଶଯ୍ୟା ସହ ଅତ୍ୟାଧୁନିକ ଚିକିତ୍ସା ସେବା
- ୨୦୦ କୋଟିର ବ୍ୟୟବରାଦ

ପାରାଦୀପ ଓ କୁଜଙ୍ଗ ଅଞ୍ଚଳରେ ଦୀର୍ଘଦିନ ହେଲା ଯେଉଁ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଦାବି ହେଉଥିଲା, ତାହା ଏବେ ସାକାର ହେବାକୁ ଯାଉଛି। ଚଳିତମାସ ଶେଷ ସୁଦ୍ଧା ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ଖୋଦ୍ ପାରଦୀପ ବନ୍ଦର କର୍ତ୍ତୃପକ୍ଷ ଆରମ୍ଭ କରିବେ ବୋଲି ଶୁକ୍ରବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସରିବା ପରେ ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୨୦୦କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ ୮.୪୫ ଏକର ଜାଗା ବନ୍ଦର ପ୍ରଶାସନ ଯୋଗାଇ ଦେବ। ବନ୍ଦର ଚିକିତ୍ସାଳୟର ୬୪ ଶଯ୍ୟାକୁ ବୃଦ୍ଧି କରାଯାଇ ୪୦୦ କରାଯିବ। ଏହି ହସ୍ପିଟାଲ ପରିଚାଳନା ପାଇଁ ପିପିପି ମୋଡରେ ୩୦ ବର୍ଷିୟା ଚୁକ୍ତି ହେବ। ୩୦ ବର୍ଷ ପୂରଣ ପରେ ପୁଣି ୩୦ ବର୍ଷ ପାଇଁ ନବୀକରଣ କରାଯିବ। ଏହି ହସ୍ପିଟାଲରେ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ରହିବ। ହସ୍ପିଟାଲର ଦୃଢ଼ ଭିତ୍ତିଭୂମି ସ୍ୱରୂପ ଭବିଷ୍ୟତରେ ତାହାକୁ ମେଡିକାଲ କଲେଜ କରାଯିବାର ପ୍ରସ୍ତାବ ରହିଛି। ଏହା ବନ୍ଦର କର୍ମଚାରୀଙ୍କ ସମେତ ଆଖପାଖର ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ ରହିବ ବୋଲି କୁହାଯାଇଛି। ୨୦୧୫ ଜୁଲାଇ ୧୦ରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ ପାରାଦୀପ ଗସ୍ତ ଅବସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ଏଥିପାଇଁ ୩ ବର୍ଷ ହେଲା ସର୍ଭେ କରାଯାଇ ରିପୋର୍ଟ ଆସିବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବନ୍ଦର ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ମିଶ୍ର କହିଛନ୍ତି। ତେବେ ଉକ୍ତ ହସ୍ପିଟାଲ କେବେ କାର୍ଯ୍ୟକ୍ଷମ ହେବ ତାହା କୁହାଯାଇନାହିଁ।

# ଏମ୍‌ସିଏଚ୍ ବିଲ୍ଡିଂକୁ ସବୁଜ ସଙ୍କେତ

**ଜଗତ୍‌ସିଂହପୁର ଅଫିସ,୧୫।୧୨**

**ଜିଲା ମୁଖ୍ୟ ଚିକିତ୍ସାଳୟ**
- ନିର୍ମାଣ ହେବ ୧୦୦ ଶଯ୍ୟା ବିଶିଷ୍ଟ ବିଲ୍ଡିଂ
- ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀଙ୍କୁ ପଦକ୍ଷେପ ନେବାକୁ ଚିଠି

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମାତୃ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) ବିଲ୍ଡିଂ ନିର୍ମାଣ ପାଇଁ ବର୍ଷାଧିକ କାଳ ଦାବି ହୋଇଆସୁଥିଲା। ବିଳମ୍ବ ସତ୍ତ୍ୱେ ନିକଟରେ ଏହାକୁ ଅନୁମୋଦନ ମିଳିଛି। ଖୁବଶୀଘ୍ର ୧୦୦ ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍ ବିଲ୍ଡିଂ ନିର୍ମାଣ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏହି ବିଲ୍ଡିଂ ନିର୍ମାଣ ପାଇଁ ୩ ବର୍ଷ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ଜମି ସମସ୍ୟା ଥିଲା। ତେଣୁ ଚିକିତ୍ସାଳୟକୁ ଲାଗି ଥିବା ଜଳସେଚନ ବିଭାଗ କର୍ମଚାରୀଙ୍କ କ୍ୱାର୍ଟର୍ସ ଜମି ଦଖଲ ପାଇଁ ତତ୍କାଳୀନ ଜିଲାପାଳ ପଦକ୍ଷେପ ନେଇଥିଲେ। ମୋଟ ଜମିରୁ କିଛି ଏମ୍‌ସିଏଚ୍ ବିଲ୍ଡିଂ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏଥିରେ ଥିବା କ୍ୱାର୍ଟର୍ସ ଭଙ୍ଗା ଯାଇଥିଲା। ସର୍ତ୍ତ ଥିଲା ଜଳସେଚନ ବିଭାଗ କର୍ମଚାରୀଙ୍କ ପାଇଁ ଅନ୍ୟତ୍ର କ୍ୱାର୍ଟର୍ସ ନିର୍ମାଣ ହେବ। ଜମି ସମସ୍ୟା ଦୂର ହୋଇଥିଲେ ସୁଦ୍ଧା ଅନୁଦାନ ଆସିବାରେ ବିଳମ୍ବ ହୋଇଥିଲା। ରାଜ୍ୟ ସରକାର କେନ୍ଦ୍ର ଅନୁଦାନ ଉପରେ ନିର୍ଭର କରି ସମୟ ଗଡାଇ ଚାଲିଥିଲେ। ନିକଟରେ ୧୭ କୋଟି ଟଙ୍କା ଅନୁଦାନ ଆସିଛି। ତେଣୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ଶନିବାର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବିଲ୍ଡିଂ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଚିଠି କରିଛନ୍ତି। ଉକ୍ତ ଚିଠି ସହ ଭୁବନେଶ୍ୱରସ୍ଥିତ କାର୍ଯ୍ୟନିର୍ବାହୀ ଆର୍କିଟେକ୍ଟଙ୍କ ନିକଟରୁ ହସ୍ତଗତ ହୋଇଥିବା ବିଲ୍ଡିଂ ପ୍ଲାନ ମଧ୍ୟ ଦିଆଯାଇଛି।






# ବିଭିନ୍ନ ସ୍ଥାନରେ ପିଠା ଯୋଜନା ଶୁଭାରମ୍ଭ




ଡେରାବିଶଠାରେ ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଡେରାବିଶ, ୧୫।୧୨ (ସ୍ୱ.ପ୍ର.)–** ଡେରାବିଶ ବ୍ଲକ ଅଧୀନ ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କ ପୀଠା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବିଡ଼ିଓ ଗୋପବନ୍ଧୁ ଭୋସାଗର ସମ୍ମାନିତ ଅତିଥିଭାବେ ଯୋଗଦେଇ ନୂତନ ଯୋଜନା ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ଚଇନି ଅତିଥିଭାବେ ଯୋଗଦେଇଥିଲେ । ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜିତ କୁମାର ଜେନା ପରିଚାଳନା କରିଥିଲେ ।

**ରାଜକନିକା, (ଡି.ଏନ୍.ଏ.)–** ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତରେ ଶନିବାର ରାଜ୍ୟସରକାରଙ୍କ ପିଠା ଯୋଜନା ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟସରକାରଙ୍କ ୨୬ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜକନିକା ପଞ୍ଚାୟତ ସମିତିର ଅଧ୍ୟକ୍ଷା ସାବିତ୍ରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବରେ ରାଜକନିକା ବ୍ଲକ ଉନ୍ନୟନ ଅଧିକାରୀ ଡି.ଏସ ଶୁଭଦର୍ଶୀ ଯୋଶୀ, ଚରପଡା ପଞ୍ଚାୟତର ସରପଞ୍ଚ ସ୍ୱର୍ଣ୍ଣଲକ୍ଷ୍ମୀ ବଳ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ବଟକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରି ଷ୍ଟଲମାନଙ୍କରେ ପ୍ରଦର୍ଶିତ କରିଥିଲେ।

**ପାଟକୁରା(ଡି.ଏନ୍.ଏ.)–** ଗରଦପୁର ବ୍ଲକ ଅଧୀନ ପାଟକୁରା ପଞ୍ଚାୟତର 'ପିଠା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାଟକୁରା ସ୍କୁଲ ପଡିଆରେ ବ୍ଲକ ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଗତି ସହାୟକ ପ୍ରମୋଦ କୁମାର ଦାସ ଅଧ୍ୟକ୍ଷତାରେ କରିଥିଲେ। ଜିଲା ପରିଷଦ ସଦସ୍ୟା ଅହଲ୍ୟା ଲେଙ୍କା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ସୁଷମା ମଲ୍ଲିକ,ସାମାଜିକ କର୍ମୀ ଯଶୋବନ୍ତ ମହାନ୍ତି, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଓ ସରପଞ୍ଚ ସୂର୍ଯ୍ୟମଣୀ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ ।

**ମହାକାଳପଡା, (ଡି.ଏନ୍.ଏ.)–**ମହାକାଳପଡା ବ୍ଲକର ୫ ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ 'ପିଠା' ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଳିପାଳ, ରାଜଗଡ, ଅଳାଇଲ, ବିଜୟ ନଗର ଓ ଦେଉଳପଡା ଆଦି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ପିଠା ପ୍ରସ୍ତୁତ କରି ଷ୍ଟଲମାନଙ୍କରେ ପ୍ରଦର୍ଶିତ କରିଥିଲେ। କେନ୍ଦ୍ରାପଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ ପରିଡା, ବିଡିଓ କୈଳାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳ, ପ୍ରାକ୍ତନ ଅଧ୍ୟକ୍ଷା ସରୋଜିନୀ ସେଠୀ ବିଭିନ୍ନ ପଞ୍ଚାୟତଗସ୍ତ କରି ଲୋକଙ୍କୁ ରାଜ୍ୟସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# କୁଶିଆପାଳ ସମବାୟ ସମିତିରେ ମଣ୍ଡିର ଶୁଭାରମ୍ଭ

**ଡେରାବିଶ,୧୫।୧୨(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତିରେ ୨୦୧୮–୧୯ ବର୍ଷ ପାଇଁ ଧାନକ୍ରୟ ମଣ୍ଡିକୁ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଶୁଭାରମ୍ଭ କରିଛନ୍ତି । ଏହି ଉପଲକ୍ଷେ ସମବାୟ ସମିତି ସଭାପତି ସରୋଜକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ସଭାରେ ଜିଲା ଯୋଗାଣ ଅଧିକାରୀ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ନିର୍ଦ୍ଦେଶକ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ ସମ୍ମାନିତ ଅତିଥି ଭାବେ ଜିଲା ସହକାରୀ ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶାଖା ପରିଚାଳକ ରବିନ୍ଦ୍ର କୁମାର ବିଶ୍ୱାଳ, ସହକାରୀ ଜିଲା ଯୋଗାଣ ଅଧିକାରୀ ସସ୍ମିତା ସାହୁ, ଏସ୍ଆର୍ ମନୋରଞ୍ଜନ ସାହୁ ଯୋଗଦେଇଥିଲେ । ଚାଷୀମାନେ ମଣ୍ଡିକୁ ସରକାର ଧାର୍ଯ୍ୟ କରିଥିବା ଏଫ୍ଏକ୍ୟୁ ମାନର ଧାନ ଆଣି କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ନେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ । ଖରାପ କିସମର ଧାନ ଆଣିଲେ ଚାଷୀ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସଭାରେ ଉପସ୍ଥିତ ଥିବା ସହକାରୀ ଉପନିବନ୍ଧକ ସୁବୁଦ୍ଧି ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ତେବେ ଆଜି ସୁଦ୍ଧା ସମିତିରେ ୪୫୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବିଷୟରେ ସଭାପତି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମିତି ପରିଚାଳନା ପରିଷଦର ଉପସଭାନେତ୍ରୀ ପୁଷ୍ପାଞ୍ଜଳି ପାତ୍ର, ସଭ୍ୟ ଚିତ୍ତରଞ୍ଜନ ମଲ୍ଲ, କେଲୁ ଚରଣ ନାଥ, ରଶ୍ମିରଞ୍ଜନ ରାଉତ, ପତିତପାବନ ବାରିକ, ନିରଞ୍ଜନ ମହାରଣାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ ଦାସ ସମିତି ପକ୍ଷରୁ ଚଳିତବର୍ଷ ପାଇଁ ଧାର୍ଯ୍ୟ କରାଯାଇଥିବା ଧାନ ସଂଗ୍ରହ ଉପରେ ସୂଚନା ଦେଇଥିଲେ। ମାନସ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।






## ସଂକ୍ଷେପରେ

### ଜିଲା ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ଆଲୋଚନା

**କେନ୍ଦ୍ରାପଡା ଅଫିସ, ୧୫।୧୨:** କେନ୍ଦ୍ରାପଡା ଜିଲା ଅର୍ଥନୈତିକ ସ୍ୱାବଲମ୍ବୀରେ ପଛୁଆ । ବିଭିନ୍ନ ଉନ୍ନୟନ ଯୋଜନା କାଯର୍ୟକାରୀ କ୍ଷେତ୍ରରେ ବାଧା ସୃଷ୍ଟି ହେଉଛି । ଏହାର ପ୍ରଗତି ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଜିଲା ବିକାଶ ସାମୁଖ୍ୟ ପକ୍ଷରୁ ଜିଲାପାଳଙ୍କ ସହ ଶନିବାର ଆଲୋଚନା ହୋଇଥିଲା ।
ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିମଳ, ପାନୀୟ ଜଳ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ରେଳପଥ, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ଆଦି ସମ୍ପର୍କରେ ଆଲୋଚନା ହେବା ସହ ୨୦୨୫ ସୁଦ୍ଧା କେନ୍ଦ୍ରପଡା ଜିଲାର ଭିଜନ ଡକୁମେଣ୍ଟ ପ୍ରସ୍ତୁତ ପାଇଁ ନିବେଦନ କରାଯାଇଥିଲା । ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାରେ ସାମୁଖ୍ୟର ସଭାପତି ଡ. ଅଲେଖ ଚନ୍ଦ୍ର ପଢିହାରୀ, ସମ୍ପାଦକ ଅଜୟ ସାମଲ, ଶିକ୍ଷାବିତ ନନ୍ଦ କିଶୋର ପରିଡା ପ୍ରମୁଖ ଯୋଗଦେଇଥିଲେ ।

### ବଳାତ୍କାର ଅଭିଯୋଗ

**ମହାକାଳପଡା, ୧୫।୧୨ (ଡି.ଏନ୍.ଏ.):** ମହାକାଳପଡା ବ୍ଲକ ସୁନୀତ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ପଞ୍ଚାୟତରେ ପୁଅ ବିରୋଧରେ ଜଣେ ମା' ତନ୍ତିଆପାଳ ଥାନାରେ ଶୁକ୍ରବାର ବଳାତ୍କାର ଅଭିଯୋଗ ଆଣିଛନ୍ତି। ନିଶାଗ୍ରସ୍ତ ଅବସ୍ଥା ପୁଅ ଏପରି କାଣ୍ଡ କରିଥିବା ନେଇ ପୀଡିତା ମା'ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ-୩୮/୧୮) ରୁଜୁ କରାଯାଇ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ବାଲିପାଟଣା ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ



**ପଟ୍ଟାମୁଣ୍ଡାଇ,୧୫।୧୨(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣା ଗ୍ରାମବାସୀଙ୍କ ଉଦ୍ୟମରେ ଓଢଣୀ ଷଷ୍ଠୀ ତିଥିରେ ସ୍ଥାପିତ ରାଧାକୃଷ୍ଣ ମନ୍ଦିରର ୯ମ ବାର୍ଷିକ ଉତ୍ସବ ଗୁରୁବାର ସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିର କମିଟି ପକ୍ଷରୁ ପୂଜ୍ୟପୂଜାର ପରମ୍ପରା ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଏହି ଅବସରରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ ରଞ୍ଜନ ପରିଡା, ସରପଞ୍ଚ ସନ୍ଧ୍ୟାରାଣୀ ଜେନା, କେନ୍ଦ୍ରାପଡା ସ୍ୱୟଂ ଶାସିତ କଲେଜ ପ୍ରାଧାପକ ଅଜୟ କୁମାର ରାଉତ, ପଟ୍ଟାମୁଣ୍ଡାଇ ଥାନା ଏସଆଇ ସୁଦର୍ଶନ ସାହୁ ପ୍ରମୁଖଙ୍କୁ ମନ୍ଦିର କମିଟି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରା ଯାଇଥିଲା । ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପାରେଶ୍ୱର ନାୟକ ଓ ପରମେଶ୍ୱର ନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପୂଜା କମିଟିର ସଦସ୍ୟ ଅମର ନାୟକ, ଅନନ୍ତ ନାୟକ, ପ୍ରଭାକର ନାୟକ, ଜୟନ୍ତ ନାୟକ, ପ୍ରଭାତ ନାୟକ, ଉଦୟ ସାହୁଙ୍କ ସମେତ ଗ୍ରାମର ମୁରବୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।

### କୋଇଲିପୁରରେ ପିଠା କାର୍ଯ୍ୟକ୍ରମ

**ରାଜନଗର,୧୫।୧୨(ଡିଏନଏ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ପିଠା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ସରପଞ୍ଚ ରଶ୍ମିତା ପ୍ରତିହାରୀ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଡିଓ ମନ୍ଦରଧର ମହାଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା କିଭଳି ସାଧାରଣ ଜନତାଙ୍କ ନିକଟତର ହେବ ଓ ସରକାରୀ ଯୋଜନାରୁ ବାଦ ପଡିଥିବା ଲୋକମାନେ ଆଇନ ମୁତାବକ ସହଯୋଗ ପାଇବେ, ସେ ସଂପର୍କରେ ହିତାଧିକାରୀଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ଯୋଗଦେଇ ବିଭିନ୍ନ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରବୀନ୍ଦ୍ର ଜେଠୀ, ନିରୂପମା ନାଥ, କୁଳମଣି ସେଠୀ, ବିଶ୍ୱରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶି ବଣ୍ଟନ କରିଥିଲେ।

## ■ ଖୋଲିଲା ସରକାରୀ ଧାନମଣ୍ଡି

# ବିକ୍ରି ପାଇଁ ଧାର୍ଯ୍ୟ ଲକ୍ଷ୍ୟ କମ୍ ଥିବାରୁ ଚିନ୍ତାରେ ଚାଷୀ

**କେନ୍ଦ୍ରାପଡା ଅଫିସ, ୧୫।୧୨**

**୧୭ ଲକ୍ଷ ବଦଳରେ କ୍ରୟ ହେବ ୫ ଲକ୍ଷ କୁଇଣ୍ଟାଲ ଧାନ**

କେନ୍ଦ୍ରାପଡା ଜିଲାରେ ଜମଧର, କୁଶିଆପାଳ ଆଦି ସ୍ଥାନରେ ଶନିବାରଠାରୁ ସରକାରୀ ଧାନମଣ୍ଡି ଖୋଲିଛି । ଜିଲାପାଳ ଦାଶରଥି ଶତପଥୀ ଜିଲାର ବିଭିନ୍ନ ଧାନମଣ୍ଡି ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷେ ସରକାରୀମଣ୍ଡିରେ ଧାନ କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ କମ୍ ରହିଥିବା ଅଭିଯୋଗ ହୋଇଛି। ଏହାଛଡା ଚାଷୀ ପଞ୍ଜିକରଣ ସମସ୍ୟା ଯୋଗୁ ବହୁ ଚାଷୀ ବଳକା ଧାନ ବିକ୍ରୟ କରିବାରୁ ବଞ୍ଚିତ ହେବେ ବୋଲି କୃଷକ ନେତାମାନେ କହିଛନ୍ତି। ଚଳିତ ବର୍ଷ ଜିଲାରେ ୧ ଲକ୍ଷ ୫୨ ହଜାର ହେକ୍ଟର ଖରିଫ ଚାଷ ହୋଇଛି । ଗତ ସେପ୍ଟେମ୍ବରରେ ଲଗାଣ ବର୍ଷା ଯୋଗୁ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଏବେ ଧାନ ବିକ୍ରୟ କରି ଚାଷୀମାନେ କ୍ଷତି ଭରଣା କରିବା ପାଇଁ ଚିନ୍ତା କରୁଛନ୍ତି। ମାତ୍ର ଜିଲା ପ୍ରଶାସନ ପକ୍ଷରୁ ବିକ୍ରି ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଚାଷୀଙ୍କ ସମସ୍ୟା ବଢ଼ାଇ ଦେଇଛି। ଚଳିତ ବର୍ଷ ଜିଲାରେ ଚାଷୀଙ୍କ ୧୭,୩୯,୫୭୯ କୁଇଣ୍ଟାଲ ବଳକା ଧାନ ବିକ୍ରୟ ହୋଇ ପାରିବ ବୋଲି କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି । ତେବେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କଠାରୁ ମାତ୍ର ୫ ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡି ଜରିଆରେ କ୍ରୟ ଲାଗି ଜିଲା ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି । ଜିଲାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଚଳିତ ବର୍ଷ ଖରିଫ ଚାଷ କରିଥିବା ବେଳେ ଅଦ୍ୟାବଧି ଧାନ ବିକ୍ରୟ ପାଇଁ କେବଳ ୪୦,୦୪୧ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଛନ୍ତି । ଏସମ୍ପର୍କରେ ଜିଲା ଚାଷୀ ଶ୍ରମିକ ସଂଘ ସମ୍ପାଦକ କୃତ୍ତିବାସ ଦାସ କୁହନ୍ତି ଯେ, ସରକାରଙ୍କ ଧାନ କ୍ରୟ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ଚାଷୀଙ୍କ ପାଇଁ କାଳ ହୋଇଛି । ଏଥିପାଇଁ ଚାଷୀ ବାଧ ହୋଇ ଅମଳ ସମୟରୁ ବ୍ୟବସାୟୀଙ୍କୁ କ୍ଷତିରେ ଧାନ ବିକ୍ରି କରି ଦେଉଛନ୍ତି । ଧାନର ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ହୋଇଥିବା ବେଳେ ବ୍ୟବସାୟୀଙ୍କୁ ୧୨ଶହରୁ ୧୪ଶହ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଫଳରେ ଚାଷୀ ଖରିଫ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ସେହିପରି କୃଷକନେତା ବିଧୁଭୂଷଣ ମହାପାତ୍ର କୁହନ୍ତି , ସରକାରଙ୍କ ନିୟମ ମୁତାବକ ଧାନ ବିକ୍ରୟ ପାଇଁ ଚାଷୀଙ୍କୁ ନିଜର ନାମ ପଞ୍ଜୀକରଣ କରିବାକୁ ପଡିବ। ତେବେ ଏଥିପ୍ରତି ଯଥେଷ୍ଟ ସଚେତନତା ସୃଷ୍ଟି କରାଯାଇନାହିଁ । ପଞ୍ଜିକରଣକୁ ନେଇ ଚାଷୀ ସଚେତନ ନ ଥିବାରୁ ୩ ଲକ୍ଷ ଚାଷୀଙ୍କ ମଧ୍ୟରୁ ମାତ୍ର ୪୦ ହଜାର ନାମ ପଞ୍ଜିକୃତ କରିଛନ୍ତି । ଏହାର ସୁଯୋଗ ନେଉଛନ୍ତି ବ୍ୟବସାୟୀ । ଏହି ବ୍ୟବସାୟୀ ଅଳ୍ପ ମୂଲ୍ୟରେ ଧାନ କିଣି ମଣ୍ଡିରେ ବିକି ଲାଭବାନ ହେଉଛନ୍ତି । ୨୦୧୬ରେ ମାର୍କଫେଡ ଦୁର୍ନୀତିରେ ଏପରି ପ୍ରାୟ କୋଟିଏ ଟଙ୍କା ମିଲର ଓ କେତେଜଣ ରାଜନେତା ହଡପ କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ଏବେବି ଭିଜିଲାନ୍ସ ବିଭାଗ ତଦନ୍ତାଧୀନ ରହିଛି । ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ କୁହନ୍ତି, ଚାଷୀଙ୍କ ବଳକା ଧାନ ବିକ୍ରୟରେ କୌଣସି ସମସ୍ୟା ହେବ ନାହିଁ। ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ପରବର୍ତ୍ତି ସମୟରେ ସମସ୍ତ ବଳକା ଧାନ ବିକ୍ରୟ ପାଇଁ ସୁଯୋଗ ସୃଷ୍ଟି କରାଯିବ। ଏଥିସହ ପ୍ରତ୍ୟେକ ଧାନମଣ୍ଡିରେ କ୍ୱାଲିଟି କଣ୍ଟ୍ରୋଲ ଟିମ୍ ଓ ଜିଲାସ୍ତରୀୟ ୨ ସ୍କ୍ୱାଡ୍ ଟିମ୍ ନିୟୋଜିତ କରାଯାଇଛି। ଫଳରେ ଧାନ ବିକ୍ରୟ ସମୟରେ କୌଣସି କାଟଛାଣ୍ଟ ସମସ୍ୟା ରହିବ ନାହିଁ ।

## ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ରାଜକନିକା, ୧୫।୧୨(ଡି.ଏନ୍.ଏ.)**



ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ରାଜକନିକା ବ୍ଲକ ଅନ୍ତର୍ଗତ ବାରାହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟରେ ଗତ ନଭେମ୍ବର ୨ରୁ ଚାଲିଥିବା ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ପକ୍ଷରୁ ଚାଲିଥିବା ଏହି ଶିବିରରେ ମହାବିଦ୍ୟାଳୟର ୧୨୦ଜଣ ଛାତ୍ରୀ ଭାଗନେଇଥିଲେ । ଟ୍ରେନର ମଞ୍ଜୁଲତା ସେନାପତି ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବ କଲେଜ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାଧ୍ୟାପିକା ସ୍ମୃତି ମଞ୍ଜରୀ ବିଶ୍ୱାଳ ଓ ମୁଖ୍ୟବକ୍ତାଭାବେ ବରିଷ୍ଠ ଖବରଦାତା ଶିବରାମ ଦାସ ଯୋଗଦେଇଥିଲେ। ଛାତ୍ରୀମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ବିକାଶ ହେଲେ ଦେଶ ଓ ସମାଜର ପରିବର୍ତ୍ତନ ଘଟିବ ବୋଲି ଏହି ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଆର୍ଯ୍ୟବାଳା ନାୟକ ତାଲିମ ଶିବିରର ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ପରମେଶ୍ୱର ଦାସ ଧନ୍ୟବାଦ ଦେଇଥିଲେ। ପରେ ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ ।

## ଅତିରିକ୍ତ ଶାସନ ସଚିବଙ୍କ ସମୀକ୍ଷା ବୈଠକ

**କେନ୍ଦ୍ରାପଡା ଅଫିସ, ୧୫।୧୨**

ଜିଲା ଶିକ୍ଷା ବିଭାଗ କାର୍ଯ୍ୟର ସମୀକ୍ଷା ଶନିବାର ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଗଙ୍ଗାଧର ସାହୁ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷାର ଭିତ୍ତିଭୂମୀ, ଶିକ୍ଷକଙ୍କ ସମସ୍ୟା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଓ ପେନସନ ମାମଲାର ସମୀକ୍ଷା ହୋଇଥିଲା । ଏଥିରେ ଅତିରିକ୍ତ ଶାସନ ସଚିବ ସାହୁ ଶିକ୍ଷା ବିଭାଗ କାର୍ଯ୍ୟକ୍ରମର ରିପୋର୍ଟ ଅନଲାଇନରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକରେ ଡିଇଓ କଳ୍ପନା କୁମାରୀ ବେହେରା, ସମସ୍ତ ବିଇଓ, ଏବିଇଓ, ସର୍ବଶିକ୍ଷା ଅଭିଯାନର କର୍ମଚାରୀ ଓ ବିଆରସିସିମାନେ ଯୋଗ ଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୬।୧୨।୨୦୧୮ (ରବିବାର)**
■ ପୁନର୍ବାସ ସମର୍ଥ ସମ୍ମାନ ଉତ୍ସବ।
**ସ୍ଥାନ**– ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୯ଟା।
■ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ।
**ସ୍ଥାନ**–ବିଜୁ ପଟ୍ଟନାୟକ ଷ୍ଟାଡିୟମ,ସାରଙ୍ଗ,କେନ୍ଦ୍ରାପଡା, **ସମୟ**–ଅପରାହ୍ନ ୩ଟା
■ ରାଜ୍ୟସ୍ତରୀୟ ପାଲା ପ୍ରତିଯୋଗିତା।
**ସ୍ଥାନ**–କୁଆଁରପାଳ ଚଣ୍ଡୀ ମନ୍ଦିର, କୁରୁଜଙ୍ଗା, ମାର୍ଶାଘାଇ,**ସମୟ**–ଅପରାହ୍ନ ୫ଟା
■ ପିଠା ଯୋଜନା କାର୍ଯ୍ୟକ୍ରମ।
**ସ୍ଥାନ**–ଅଙ୍ଗୁଳାଇ,ଆଇଡିପୁର,ମଣିକୁଣ୍ଡା, ବଛରାଇ,**ସମୟ**–ପୂର୍ବାହ୍ନ ୧୦ଟା।
■ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା
**ସ୍ଥାନ**–ନମୌଜା ହାଇସ୍କୁଲ, କଳାଡିଆ, ଆଳି, **ସମୟ**–ପୂର୍ବାହ୍ନ ୧୦ଟା।

**୧୭।୧୨।୨୦୧୮ (ସୋମବାର)**
■ ମିଳିତ ଜନଶୁଣାଣି ଶିବିର।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦.୩୦ ମିନିଟ ।
■ ପିଠା ଯୋଜନା କାର୍ଯ୍ୟକ୍ରମ।
**ସ୍ଥାନ**– କୁହୁଡି ଦଶୀପୁର, ବଟିରା, ଦୁମୁକା, **ସମୟ**– ପୂର୍ବାହ୍ନ ୧୦ଟା।

**୧୮।୧୨।୨୦୧୮ (ମଙ୍ଗଳବାର)**
■ ଜିଲାସ୍ତରୀୟ ବିଡି ଶ୍ରମିକ ଉନ୍ନୟନ ସମ୍ପର୍କରେ ସମୀକ୍ଷା ବୈଠକ।
**ସ୍ଥାନ**–ଜିଲାପାଳ କାର୍ଯ୍ୟାଳୟ। **ସମୟ**–ପୂର୍ବାହ୍ନ ୧୦ଟା।
■ ପିଠା ଯୋଜନା କାର୍ଯ୍ୟକ୍ରମ। **ସ୍ଥାନ**–ଜଳପୋକ, ବନ୍ଧକଟା, ଜମପଡା, ମେହେନ୍ଦିନଗର, ଶିଳିପୁର, **ସମୟ**– ପୂର୍ବାହ୍ନ ୧୦ଟା।

**୧୯।୧୨।୨୦୧୮ (ବୁଧବାର)**
■ ମହାକାଳପଡା ବ୍ଲକ ଜଙ୍ଗଲ ଅଧିକାର ସମ୍ପର୍କିତ ଜନ ଶୁଣାଣି ଶିବିର।
**ସ୍ଥାନ**–ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦ଟା।
■ ପିଠା ଯୋଜନା କାର୍ଯ୍ୟକ୍ରମ।
**ସ୍ଥାନ**–ଆଖୁଆଦକ୍ଷିଣୀ, ରାଘବପୁର, ପରକୁଳା, ତାଳସଙ୍ଗା, ଅନ୍ତେଇ, କରିଲୋପାଟଣା, **ସମୟ**– ପୂର୍ବାହ୍ନ ୧୦ଟା।

**୨୦।୧୨।୨୦୧୮ (ଗୁରୁବାର)**
■ ବ୍ଲକ ଅଞ୍ଚଳ ଉନ୍ନୟନ ସମୀକ୍ଷା ବୈଠକ।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ରାଜନଗର, **ସମୟ**–ପୂର୍ବାହ୍ନ ୧୦ଟା।
■ ପିଠା ଯୋଜନା କାର୍ଯ୍ୟକ୍ରମ।
**ସ୍ଥାନ**–ମଙ୍ଗରାଜପୁର, ବେରୁହାଁ, **ସମୟ**–ପୂର୍ବାହ୍ନ ୧୦ଟା।
■ ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ।
**ସ୍ଥାନ**–କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ**–ଅପରାହ୍ନ ୫ଟା।

**୨୧।୧୨।୨୦୧୮ (ଶୁକ୍ରବାର)**
■ ପଲ୍ଲୀଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବ।
**ସ୍ଥାନ**–କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ**–ଅପରାହ୍ନ ୫ଟା।
■ ବ୍ଲକ ଅଞ୍ଚଳ ଉନ୍ନୟନ ସମୀକ୍ଷା ବୈଠକ।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ଗରଦପୁର, **ସମୟ**–ପୂର୍ବାହ୍ନ ୧୦ଟା।

**୨୨।୧୨।୨୦୧୮ (ଶନିବାର)**
■ ପଲ୍ଲିଶ୍ରୀ ମେଳା ଓ ଜିଲା ସାଂସ୍କୃତିକ ଉତ୍ସବର ଦ୍ୱିତୀୟ ଦିନ।
**ସ୍ଥାନ**–କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, **ସମୟ**– ଅପରାହ୍ନ ୫ଟା।
■ ପଣ୍ଡୁ ପୂର୍ଣ୍ଣମୀ ଉପଲକ୍ଷେ ବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ।
**ସ୍ଥାନ**– ଇଚ୍ଛାପୁର, କେନ୍ଦ୍ରାପଡା, **ସମୟ**– ସନ୍ଧ୍ୟା ୬ଟା।

## 'ମାର୍ଶାଘାଇ ଓ ହିନ୍ଦୁଳିଆ ପଞ୍ଚାୟତରେ ପିଠା' କାର୍ଯ୍ୟକ୍ରମ

**ମାର୍ଶାଘାଇ,୧୫।୧୨(ଡିଏନ୍ଏ)**



କାର୍ଯ୍ୟକ୍ରମରେ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ କରିଥିବା ପିଠା ଷ୍ଟଲ ।

ଆମ ଗାଁ, ଆମ ବିକାଶର ଉପଯୋଜନା 'ପିଠା' ଶନିବାରଠାରୁ ମାର୍ଶାଘାଇ ବ୍ଲକରେ ଆରମ୍ଭ ହେଉଛି । ବ୍ଲକ ଅଞ୍ଚଳରେ ପ୍ରତିମାସ ୧୫ ରୁ ୨୦ ତାରିଖ ମଧ୍ୟରେ ପିଠା କ୍ୟାମ୍ପ କାର୍ଯ୍ୟକାରୀ ହେବ । ଶନିବାର ମାର୍ଶାଘାଇ ଓ ହିନ୍ଦୁଳିଆ ପଞ୍ଚାୟତରେ ଏହି କ୍ୟାମ୍ପର ଆୟୋଜନ କରାଯାଇ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନା ସଂପର୍କରେ ସଚେତନ କରାଯାଇଛି । ମାର୍ଶାଘାଇ ପଞ୍ଚାୟତ ପରିସରରେ ସରପଞ୍ଚ ସରିତା ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳାନା କରିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ବ୍ଲକ ପିଏ ପ୍ରଶାନ୍ତ ଜେନା କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ହିନ୍ଦୁଳିଆ ପଞ୍ଚାୟତ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ ରଶ୍ମିରେଖା ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଶାନ୍ତ କୁମାର ସାହୁ ପରିଚାଳନା କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ବ୍ଲକର କନିଷ୍ଠ ଯନ୍ତ୍ରୀ ଜ୍ୟୋତିମୟୀ ସାହୁ କାର୍ଯ୍ୟ ତଦାରଖ କରିଥିଲେ। ୧୬ ତାରିଖରେ ପିଠା କ୍ୟାମ୍ପ ଅଙ୍ଗୁଳାଇ ଓ ମଣିକୁଣ୍ଡା, ଆଇଡିପୁର ଓ ବଛରାଇ ପଞ୍ଚାୟତ, ୧୭ ତାରିଖରେ କୁହୁଡି, ଦଶିପୁର ଓ ବଟିରା ପଞ୍ଚାୟତ, ୧୮ରେ ଜଳପୋକ, ବନ୍ଧକଟା, ଜମପଡା, ମେହେନ୍ଦିନଗର ଓ ଶିଳିପୁର ପଞ୍ଚାୟତ, ୧୯ରେ ଆଖୁଆ ଦକ୍ଷିଣୀ,ରାଘବପୁର, ପରକୂଳା, ତାଳସଙ୍ଗା, ଅନ୍ତେଇ ଓ କରିଲୋପାଟଣା, ୨୦ ତାରିଖରେ ମଙ୍ଗରାଜପୁର ଓ ବେରୁହାଁ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଯୋଜନାରେ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରାଯାଇ ସଙ୍ଗେ ସଙ୍ଗେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । 'ପିଠା'କାର୍ଯ୍ୟକ୍ରମ ମାର୍ଶାଘାଇ ବ୍ଲକର ୨୪ ଗୋଟି ପଞ୍ଚାୟତରେ ୩ ମାସ ଧରି କାର୍ଯ୍ୟକାରୀ ହେବ । ଏହି କାର୍ଯ୍ୟକ୍ରମକୁ 'ପିଠା' କୁହାଯାଉଥିବାରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପିଠା ତିଆରି କରି କାର୍ଯ୍ୟକ୍ରମ ସମୟରେ ପଞ୍ଚାୟତଗୁଡିକରେ ବିକ୍ରି କରି ଲାଭାଂଶ ନିଜ ଗୋଷ୍ଠୀରେ ବିନିଯୋଗ କରିବେ । ଏହି କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି ।


## ଗୁରୁତ୍ୱପୂର୍ଣ୍ଣ ସୂଚନା

ତା.୨୭.୧୨.୨୦୧୮ରିଖ ପର୍ଯ୍ୟନ୍ତ
ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର-ଟିଟିଲାଗଡ଼ ସେକ୍ସନରେ ବଲାଙ୍ଗୀର ଓ ଭଏଁସାପାଲି ମଧ୍ୟରେ ନୂଆ ଲାଇନ୍ ଓ ବଲାଙ୍ଗୀର ଓ ଦେଓଗାଁ ରୋଡ଼ ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିରାପତ୍ତା ସମ୍ପର୍କିତ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍‌ଗୁଡ଼ିକର ବାତିଲ୍ / ଆଂଶିକ ବାତିଲ୍ ।

**ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ବାତିଲ ହେବା ତାରିଖ |
|---|---|---|
| 58301/58303 | ସମ୍ବଲପୁର-କୋରାପୁଟ/ଜୁନାଗଡ଼ ରୋଡ଼ ପାସେଞ୍ଜର | 15.12.2018 ରୁ 25.12.2018 |
| 58302/58304 | କୋରାପୁଟ/ଜୁନାଗଡ଼ ରୋଡ଼-ସମ୍ବଲପୁର ପାସେଞ୍ଜର | 16.12.2018 ରୁ 26.12.2018 |

**ଆଂଶିକ ବାତିଲ୍ ହେଉଥିବା ଟ୍ରେନ୍ ସମୂହ :**

| ଟ୍ରେନ୍ ନଂ. | ଟ୍ରେନ୍‌ର ନାମ | ଷ୍ଟେସନ୍ ମଧ୍ୟରେ ଆଂଶିକ ବାତିଲ | ଆଂଶିକ ବାତିଲ ହେବା ତାରିଖ |
|---|---|---|---|
| 58213/ 58214 | ଟିଟିଲାଗଡ଼-ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର | ଟିଟିଲାଗଡ଼-ସମ୍ବଲପୁର (ଉଭୟ ଦିଗରୁ) | 16.12.2018 ରୁ 25.12.2018 |
| 12893/ 12894 | ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି | ସମ୍ବଲପୁର-ବଲାଙ୍ଗୀର (ଉଭୟ ଦିଗରୁ) | 20.12.2018 ରୁ 25.12.2018 |



ପୂର୍ବ ତଟ ରେଳପଥ
PR-409/J/18-19


## ■ ଜିଲାସ୍ତରୀୟ ଇନ୍‌ସ୍ପାୟାର ବିଜ୍ଞାନ ପ୍ରଦର୍ଶନୀ

# ରାଜ୍ୟସ୍ତରକୁ ୩ ପ୍ରକଳ୍ପ ମନୋନୀତ

**କେନ୍ଦ୍ରାପଡା ଅଫିସ, ୧୫।୧୨**


କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ, ଜାତୀୟ ଇନୋଭେସନ ଫାଉଣ୍ଡେସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ରାପଡା ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ଇନ୍‌ସ୍ପାୟାର ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲାର ବିଭିନ୍ନ ସ୍କୁଲରୁ ମୋଟ ୨୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିରୁ ଆଳି ବ୍ଲକ ପଞ୍ଚାୟତ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଅଳକା ନାୟକଙ୍କ (ଓ୍ୱାରଲେସ ଏଟିଏମ ସିକୁରିଟ ସିଷ୍ଟମ) ପ୍ରକଳ୍ପ ପ୍ରଥମ, ଗରଦପୁର ବ୍ଲକର ମାହାଳ ଚଉଁପୁର ଉଚ୍ଚ ପ୍ରାଥମିକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀ ମନୀଷା ଜେନାଙ୍କ ପ୍ରକଳ୍ପ (ଡ୍ରାଇଭର ଆଲର୍ଟ ସିଷ୍ଟମ ଇନ୍ ସ୍କୁଲ ଏରିଆ )୨ୟ ଓ ଆଳି ବ୍ଲକ ଅନ୍ତର୍ଗତ ମାନପୁର ନୋଡାଲ ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ଉତ୍କଳ କୁମାର ଦାସଙ୍କ ପ୍ରକଳ୍ପ (ହାଇଡ୍ରୋ କାର୍ ) ୩ୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଉଦ୍‌ଘାଟନୀ ସଭାରେ ଜିଲା ବିଜ୍ଞାନ ପରିଦର୍ଶକ ଅଭୟ କୁମାର ପ୍ରତିହାରି ଅଧ୍ୟକ୍ଷତା କରିଥିଲେ। ଏଥିରେ ହେମନ୍ତ ପରିଡା, ନିରଞ୍ଜନ ଜେନା, ସୁକାନ୍ତ କୁମାର ଜେନା, ଦେବରାଜ ନାୟକ, ସୁରେଶ ଚନ୍ଦ୍ର ଜେନା, ସଞ୍ଜୟ କୁମାର ମଲ୍ଲିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିବନାରାୟଣ ମହାନ୍ତି, ଭାଗିରଥୀ ମହାନ୍ତି, ସିଆରସିସି ବଳଦେବ ପ୍ରସାଦ ଜେନା ପ୍ରମୁଖ ସହଯୋଗ କରିଥିଲେ।


**ଆଲ୍ଲାହାବାଦ ବ୍ୟାଙ୍କ** | କିଟ୍ ଶାଖା, କୋଏଲ କ୍ୟାମ୍ପସ୍, କିଟ୍, ପଟିଆ, ଭୁବନେଶ୍ୱର - ୭୫୧୦୨୪

## ଦଖଲ ନୋଟିସ୍
[ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, କିଟ୍ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଏସ୍୨ କର୍ପୋରେଶନ ପ୍ରାଇଭେଟ୍ ଲିମିଟେଡ୍, ଏହାର ନିର୍ଦ୍ଦେଶକମାନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପଞ୍ଜିକୃତ କାର୍ଯ୍ୟାଳୟ:** ପ୍ଲଟ୍ ନଂ.: ୧୧୪୩, ହଂସପାଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, **କାରଖାନା:** ପ୍ଲଟ୍ ନଂ.: ୨୭୫, ସା: ଅରଖକୁଦ ଓରଫ ତେଲେଙ୍ଗାପେଣ୍ଠ, କଟକ, **ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ସୁମନ୍ତ କୁମାର ଦାସ,** ପିତା: ଶ୍ରୀ ଘନଶ୍ୟାମ ଦାସ, ଏଲବି-୧୧୮, ଲକ୍ଷ୍ମୀସାଗର ବିଡିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬, **ନିର୍ଦ୍ଦେଶକମାନେ: ୧) ଶ୍ରୀ ସୁଭାଷ କୁମାର ଜେନା,** ପିତା: ଶ୍ରୀ ଶ୍ୟାମସୁନ୍ଦର ଜେନା, ପ୍ଲଟ୍ ନଂ.: ୭୩୭, ୟୁପି ସ୍କୁଲ ନିକଟ, ଝାରପଡା, ଭୁବନେଶ୍ୱର-୭୫୧୦୦୬, **୨) ଶ୍ରୀ ବସନ୍ତ କୁମାର ମହାରଣା,** ପିତା: ଶ୍ରୀ ଅରକ୍ଷିତ ମହାରଣା, ପ୍ଲଟ୍ ନଂ.: ୧୧୪୩/୫୯୨, ହଂସପାଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ କୁସୁମଲତା ଦାସ,** ସ୍ୱାମୀ: ଶ୍ରୀ ସୁମନ୍ତ କୁମାର ଦାସ, ଏଲବି-୧୧୮, ଲକ୍ଷ୍ମୀସାଗର ବିଡିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬,**୨) ଶ୍ରୀମତୀ ସସ୍ମିତା ଜେନା,** ସ୍ୱାମୀ: ଶ୍ରୀ ସୁଭାଷ କୁମାର ଜେନା, ପ୍ଲଟ୍ ନଂ.: ୭୩୭, ୟୁପି ସ୍କୁଲ ନିକଟ, ଝାରପଡା, ଭୁବନେଶ୍ୱର-୭୫୧୦୦୬, **୩) ଶ୍ରୀମତୀ ସବିତା ମହାରଣା,** ସ୍ୱାମୀ: ଶ୍ରୀ ବସନ୍ତ କୁମାର ମହାରଣା, ପ୍ଲଟ୍ ନଂ.: ୧୧୪୩/୫୯୨, ହଂସପାଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ | ୩୦.୦୭.୨୦୧୮ ସୁଦ୍ଧା ଟ.୧,୪୫,୧୫,୩୧୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୪.୧୦.୨୦୧୮ / ୧୦.୧୨.୨୦୧୮ | **କମ୍ପାନୀ** ନାମରେ ଲିଜ୍ ଥିବା ଏବଂ **ଶ୍ରୀମତୀ ସବିତା ମହାରଣା,** ସ୍ୱାମୀ: ଶ୍ରୀ ବସନ୍ତ ମହାରଣା, **ଶ୍ରୀମତୀ କୁସୁମଲତା ଦାସ,** ସ୍ୱାମୀ: ଶ୍ରୀ ସୁମନ୍ତ କୁମାର ଦାସ ଏବଂ **ଶ୍ରୀମତୀ ଶାନ୍ତିଲତା ଜେନା,** ସ୍ୱାମୀ: ଶ୍ରୀ ଶ୍ୟାମସୁନ୍ଦର ଜେନା (ପଟ୍ଟାଦାର)ଙ୍କ ନାମରେ ମିଳିତ ରେକର୍ଡଭୁକ୍ତ ଥିବା ଜମି ଆଦି ସମ୍ପତ୍ତି (ସ୍ଥାୟୀ ସମ୍ପତ୍ତି ଗୁଡିକ ଅନ୍ତର୍ଭୁକ୍ତ କରି)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅରଖକୁଦ ଓରଫ ତେଲେଙ୍ଗାପେଣ୍ଠ, ଏସଆରଓ: କଟକ ସଦର, ଥାନା ନଂ.: ୪୪, ଥାନା: କଟକ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଖାତା ନଂ.: ୪୨, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର ୧.୫୫୦ଡିସିମିଲି, କିସମ: ଘରବାରୀ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କୁମର ରାଉତ, ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୫୭୩/୬୯୦୫, ତାରିଖ: ୦୩.୧୦.୨୦୦୮ |

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୧୨.୨୦୧୮**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**

# ‘ସମାଜ ଗଠନରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**ଯାଜପୁରରୋଡ, ୧୫।୧୨ (ନି.ପ୍ର.)**

ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ଶନିବାର କଳିଙ୍ଗନଗରର ୫ମ ବାର୍ଷିକ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗନଗର ପୁସ୍ତକ ମେଳା କମିଟି ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ସମାଜ ଗଠନରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ବିକାଶ ପାଇଁ ପୁସ୍ତକ ମେଳାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ର ନାରାୟଣ ପୃଷ୍ଟି ସମ୍ମାନିତ ଅତିଥିଭାବେ ଯୋଗଦେଇ ସମ୍ପର୍କ ଓ ମିଳନର ଭିତ୍ତିଭୂମି ହେଉଛି ପୁସ୍ତକ ମେଳା ବୋଲି କହିଥିଲେ। ବିଶିଷ୍ଟ ସ୍ତମ୍ଭକାର ଶ୍ରମିକ ନେତା ମାୟାଧର ନାୟକ ଯୋଗଦେଇ ପୁସ୍ତକ ଜଣେ ବ୍ୟକ୍ତିର ଜୀବନଦର୍ଶନରେ ପରିବର୍ତ୍ତନ ଆଣେ ବୋଲି କହିଥିଲେ। ଅଭ୍ୟର୍ଥନା କମିଟି ଉପାଧ୍ୟକ୍ଷ ବିବେକାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌.ପି ଚରଣ ସିଂ ମିନା, ଏ.ଡି.ଏମ ସନ୍ତୋଷ କୁମାର ମିଶ୍ର, ରୁଦ୍ର ନାରାୟଣ ପୃଷ୍ଟି, ମାୟାଧର ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ମିଶ୍ର, କୃଷ୍ଣଚନ୍ଦ୍ର ସାମଲ, ଚନ୍ତାମଣି ପାଢ଼ୀ, ପ୍ରକାଶ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କାମ ସରିବାର ଗୋଟିଏ ଦିନରେ ରାସ୍ତାରୁ ଉଠିଲା ପିଚୁ

**କୋରେଇ, ୧୫।୧୨ (ସ୍ୱ.ପ୍ର.)**



ରାସ୍ତାରୁ ପିଚୁ ଉଠି ଯାଇଛି।

କୋରେଇ ବ୍ଲକ ଅନ୍ତର୍ଗତ ବଡ଼ବିରୁହାଁ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବଡ଼ବିରୁହାଁ–ମିର୍ଜାପୁରର ୮ କି.ମି. ରାସ୍ତା ମରାମତି ନିମନ୍ତେ ମୋଟ ୫ଲକ୍ଷ ୩୫ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଶୁକ୍ରବାର ଏହି ରାସ୍ତାର ୧ କି.ମି. କାମ ଶେଷ ହୋଇଛି। ହେଲେ କାମ ସରିବାର ଗୋଟିଏ ଦିନରେ ଶନିବାର ରାସ୍ତାରୁ ପିଚୁ ଉଠିଥିବା ଦେଖିବାକୁ ମିଳିଛି। ଠିକାଦାର ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା କାର୍ଯ୍ୟ କରୁଥିବା ବିରୋଧ କରି ଗ୍ରାମବାସୀ ୨ ଦିନ ତଳେ କାର୍ଯ୍ୟ ବନ୍ଦ କରିଥିଲେ। ପରେ ଠିକ୍‌ଭାବେ କାର୍ଯ୍ୟ କରିବାକୁ ଠିକାଦାର ପ୍ରତିଶ୍ରୁତି ଦେବାରୁ କାମ ଆରମ୍ଭ ହୋଇଥିଲା। ଏପରିକି କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲାଗି ନ ଥିବା ସହ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଏସ୍‌ଡିଓ ସରୋଜ କୁମାର ଦ୍ୱିବେଦୀଙ୍କୁ ପଚାରିବାରେ, ଏ ନେଇ ଠିକାଦାରଙ୍କୁ ତାଗିଦ୍ କରାଯିବା ସହିତ ପୁନର୍ବାର ଠିକ୍‌ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଠିକ୍‌ଭାବେ କାମ କରା ନ ଗଲେ ଟଙ୍କା ପୈଠ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଥିଲେ।

## ୩୪ତମ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଯାଜପୁରରୋଡ, ୧୫।୧୨ (ନି.ପ୍ର.):** ଯାଜପୁରରୋଡସ୍ଥିତ ମଧୁସୂଦନନଗର ସରସ୍ୱତୀ ଶିଶୁ ମନ୍ଦିରରେ ୩ ଦିନ ଧରି ଚାଲିଥିବା ୩୪ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବୌଦ୍ଧିକ ବିକାଶ ସହ ଶାରୀରିକ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷା ବିକାଶ ସମିତି ଓଡ଼ିଶାର ଉତ୍ତର ପୂର୍ବ ସମ୍ଭାଗ ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, ପରିଚାଳନା ସମିତି ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, ସହସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି, ବନଲତା ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭିନ୍ନ ଭିନ୍ନ ୧୭ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାରୀରିକ ପ୍ରମୁଖ ଜୀତେନ୍ଦ୍ର ପ୍ରଧାନ ସମସ୍ତ କ୍ରୀଡାବିତ ଓ ସହଯୋଗୀଙ୍କୁ ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଦଶରଥପୁର, ୧୫।୧୨ (ଡି.ଏନ.ଏ.):** ଦଶରଥପୁର ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ଦଶରଥପୁର ହାଇସ୍କୁଲ ପଡ଼ିଆଠାରେ ୩ ଦିନ ବ୍ୟାପୀ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ଦିଲୀପ ତିର୍କୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଏକ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ମନୀଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହେଲେ ଲୁକ୍କାୟିତ ପ୍ରତିଭାଙ୍କ ଆବିଷ୍କାର ହେବା କ୍ଷେତ୍ରରେ ସରକାରଙ୍କ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ଅଧକ୍ଷା ସୁଜାତା ସାହୁ, ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ବିଡିଓ ନାରାୟଣ ଚନ୍ଦ୍ର ନାୟକ, ଏପିଡି ମଧୁସ୍ମିତା ନାୟକ, ସମ୍ପୃକ୍ତ ପଞ୍ଚାୟତର ସମିତିସଭ୍ୟ ମହେଶ୍ୱର ସାହୁ, ଦଶରଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବବାହିନୀ ପଞ୍ଚାୟତ ସଭାପତି ସଞ୍ଜୀବ୍ ମହାନ୍ତି, ସମ୍ପାଦକ ରାଜେନ୍ଦ୍ର ସାହୁ, ସଭ୍ୟ ପ୍ରମୋଦ ସାହୁ, ଲକ୍ଷ୍ମୀନାରାୟଣ କର, ପ୍ରଶାନ୍ତ ମଲ୍ଲିକ, ଦୀପକ ସାହୁ, ଯୁବନେତା ଦେବେନ୍ଦ୍ର ଦାସ, ରୁଦ୍ର ପ୍ରସାଦ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ୫ ପଞ୍ଚାୟତରେ ପିଠା ଯୋଜନାର ଶୁଭାରମ୍ଭ

**ଚଣ୍ଡିଖୋଲ, ୧୫।୧୨ (ଡି.ଏନ.ଏ.)**

ବଡ଼ଚଣା ବ୍ଲକ ୫ ପଞ୍ଚାୟତରେ ଶନିବାର ପୀଠା (ପିପୁଲ୍ସ ଏମ୍ପାୱାରମେଣ୍ଟ, ଏନାବ୍ଲିଂ ଟ୍ରାନ୍ସପାରେନ୍ସ ଆଣ୍ଡ ଆକାଉଣ୍ଟବିଲିଟି) ଯୋଜନାର ଶୁଭାରମ୍ଭ କରାଯାଇଛି। ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉକ୍ତ ବ୍ଲକ ଅନ୍ତର୍ଗତ ଦର୍ପଣ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହିତାଧିକାରୀଙ୍କ ଉପଲକ୍ଷେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୧୯୦ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ କରାଯାଇଥିଲା। ଏଥିସହ ମଧୁବାବୁ ପେନସନ ଯୋଜନା, କଳାକାର ଭତ୍ତା, ନିର୍ମାଣ ଶ୍ରମିକ ସହାୟତା, ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଗ୍ରାମୀଣ ବିଦ୍ୟୁତକରଣ, ବିଜୁ ପକ୍କାଘର ଓ ମିଶନ ଶକ୍ତି ସମ୍ବନ୍ଧୀୟ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏ ନେଇ ନିରଞ୍ଜନ ସେନାପତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଭ୍ୟା ବିନୋଦିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପ୍ରଶାସନ ତରଫରୁ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ୪୩ ପଞ୍ଚାୟତରେ ପିଠା ଯୋଜନାର ଶୁଭାରମ୍ଭ ନେଇ ତାଲିକା ପ୍ରକାଶ ପାଇଥିଲା। ଦର୍ପଣ, ଅଣକା, ଅଚ୍ୟୁତବସନ୍ତ, ଅରଖପୁର ଓ ବନ୍ତଳା ଆଦି ୫ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବିଡିଓ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି।

---

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051
Phones: 06861-232581(O) / 232641(R), Fax: 06861-232541, E-mail: <unit.head_balimela@yahoo.com>
REGD. OFFICE: ODISHA HYDRO POWER CORPORATION LIMITED, (A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel.: 91-0674-2542983, 2542802, 25425526, 2542826, Fax: 254102, GRAM, HYDROPWER
E-MAIL: ohpc.co@gmail.com / md@ohpcltd.com, Web: www.ohpcltd.com

No. OHPC 6309 Date: 14.12.18

**NOTICE INVITING TENDER No.-...........................**

No. CAD-1138: Sealed tenders are invited in single part basis from the eligible class of contractors / firms / agencies having experience in State / Central PSU / Govt. of Odisha having valid license & fulfilling the eligibility criteria as per the tender specification for the work as mentioned below.

| Group | Description of services | Estimated cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | |
| A. | Construction of damaged & collapsed courtyard boundary wall of residential quarters at different colony | Rs.3,02,769/- | Rs.2360/- (+GST @ 18%) | Rs.3100/- | 17.12.2018 to 25.12.2018 | 26.12.2018 upto 12.00 hrs. | 26.12.2018 at 12.30 hrs |

For details of the tender documents, terms & conditions please visit our website **www.ohpcltd.com**.

04019/11/0085/1819 **Sd./- Senior General Manager (Electrical), BHEP, Balimela**

---

# ନିୟନ୍ତ୍ରିତ ବଜାର କମିଟି, ଜଟଣୀ

ସା/ପୋ-ଜଟଣୀ-୭୫୨୦୫୦, ଜି: ଖୋର୍ଦ୍ଧା, ଓଡ଼ିଶା

**୨୦୧୮-୧୯ ଖରିଫ/ରବି ବର୍ଷରେ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**

**ବିଜ୍ଞାପନ ସଂଖ୍ୟା: ୬୭୦** **ତା ୧୩.୧୨.୨୦୧୮ ରିଖ**

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର ଉପଖଣ୍ଡ ଅନ୍ତର୍ଗତ ଜଟଣୀ, ଭୁବନେଶ୍ୱର, ବାଲିପାଟଣା ଓ ବାଲିଅନ୍ତା ବ୍ଲକ୍‌ର ସମସ୍ତ ଜନସାଧାରଣ, ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଉପରୋକ୍ତ ସମସ୍ତ ବ୍ଲକ୍‌ର ବିବେଚିତ ପ୍ରାଥମିକ କୃଷି ସେବାସମବାୟ ସମିତି ଲିଃ ମାନଙ୍କରେ ଚଳନ୍ତି ଖରିଫ/ରବି (୨୦୧୮-୧୯) ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା ୧୪/୧୨/୨୦୧୮ ରିଖ (ଶୁକ୍ରବାର) ଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଅଛି। ଏଣୁ ସଂପୃକ୍ତ ପ୍ରାଥମିକ କୃଷିସେବା ସମବାୟ ସମିତି ଲିଃରେ ନାମ ପଞ୍ଜୀକରଣ କରିଥିବା ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ/ବଳକା ଧାନ ସବୁକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବା ଏଫ୍.ଏ.କ୍ୟୁ.ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ.ର ସଂପାଦକଙ୍କ ଠାରୁ ଅବଗତ ହୋଇପାରିବେ।

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ ମାନର ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲ ପ୍ରତି) |
|---|---|---|---|
| ୧ (କ) | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି (ଅଜୈବିକ ବାହ୍ୟ ପଦାର୍ଥ) | ୧.୦୦ | (୧) ସାଧାରଣ ଧାନ ଟ.୧୭୫୦.୦୦<br>(୨) ଗ୍ରେଡ୍- ଏ ଧାନ ଟ.୧୭୭୦.୦୦ |
| (ଖ) | କାଠି, କୁଟା, ଧୂଷ, ଅଗାଡି ବା ପୋଲା ଇତ୍ୟାଦି। (ଜୈବିକ ବାହ୍ୟ ପଦାର୍ଥ) | ୧.୦୦ | **ଆବଶ୍ୟକ ସ୍ଥଳେ ଯୋଗାଯୋଗ ପାଇଁ ଦୂରାଭାଷ ନଂ:** |
| ୨ | ଖରାପ, ବେରଙ୍ଗୀ ପାଣିଫୁଲା ଓ ପୋକା ଇତ୍ୟାଦି। (* ଖରାପ, ପାଣି ଫୁଲା ଏବଂ ପୋକାମିଶି ୪% ମଧ୍ୟରେ ସୀମିତ ରହିବା ଦରକାର)। | ୫.୦୦ | ୧. ଜିଲ୍ଲା ଯୋଗାଣ ଅଧିକାରୀ, ଖୋର୍ଦ୍ଧା-୯୪୩୮୨୦୦୦୪୯<br>୨. ସହକାରୀ ଯୋଗାଣ ଅଧିକାରୀ ଭୁବନେଶ୍ୱର -୯୪୩୮୮୭୮୫୭୮<br>୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ:୭୦୦୮୦୩୪୧୯୬<br>୪. ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କଙ୍କ କାର୍ଯ୍ୟାଳୟ - ୮୮୯୫୨୨୮୩୭୬<br>୫. ଉପଜିଲ୍ଲାପାଳ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ -୦୬୭୪-୨୪୩୨୩୦୧ |
| ୩ | ଅପରିପକ୍ୱ, କଂଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦୦ | |
| ୪ | ସରୁ ଧାନରେ ମିଶ୍ରିତ ମୋଟା ଧାନ। (କେବଳ ଗ୍ରେଡ୍ ‘ଏ’ ଧାନ ନିମନ୍ତେ) | ୬.୦୦ | |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦୦ | |

**ବି.ଦ୍ର:- ଚାଷୀ ଭାଇ ଓ ଭଉଣୀମାନେ:-**

୧. ବିକ୍ରୟ ଯୋଗ୍ୟ ଧାନ ଆଣିବା ପୂର୍ବରୁ ଧାନକ୍ରୟ କେନ୍ଦ୍ରରୁ ସାତ ଦିନ ପୂର୍ବରୁ ଟୋକନ୍ ସଂଗ୍ରହ କରନ୍ତୁ।
୨. ଧାନକ୍ରୟ କେନ୍ଦ୍ରକୁ ବିକ୍ରିଯୋଗ୍ୟ ଧାନ ଦିବା ୨ଘ. ମଧ୍ୟରେ ଆସିବା ଜରୁରୀ।
୩. କିଷାନ୍ କ୍ରେଡିଟ୍ କାର୍ଡ଼, ବିଜୁ କୃଷକ କୃଷି ଯୋଜନା କାର୍ଡ଼, ଭୋଟର ପରିଚୟପତ୍ର (ଯେକୌଣସି ଗୋଟିଏ) ଅଥବା ନାମ ପଞ୍ଜୀକରଣ ବେଳେ ଦେଇଥିବା ପରିଚୟ ପତ୍ର ଧାନ କ୍ରୟ କେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ ଏବଂ ଅଧିକ ବିବରଣୀ ପାଇଁ ପ୍ରା.କୃ.ସେ.ସ.ସମିତି ଲିଃର ସମ୍ପାଦକଙ୍କ ସହାୟତା ନିଅନ୍ତୁ।
୪. ବିକ୍ରୟ ପାଇଁ ଆସିଥିବା ଧାନ ବ୍ୟବସାୟୀ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଜରୁରୀ।
୫. ୨୦୧୮-୧୯ ଖରିଫ ଋତୁରେ - ଜଳସେଚିତ ଜମି ପାଇଁ ଏକର ପିଛା କ୍ୟୁ ୧୯.୦୦ ଓ ଅଣସେଚିତ ଜମି ପାଇଁ ଏକର ପିଛା କୁଇଣ୍ଟାଲ ୧୩.୦୦ ଧାନର ପରିମାଣ ନିର୍ଦ୍ଧାରଣ କରାଯାଇଅଛି।
୬. ଚାଷୀମାନଙ୍କର ଆଦାୟ ଧାନର ଘରର ଖର୍ଚ୍ଚ ବାବଦକୁ ମୁଣ୍ଡପିଛା ପୂର୍ବରୁ କଟାଯାଉଥିବା ୩ କୁଇଣ୍ଟାଲ୍ ଧାନ ଚଳିତ ବର୍ଷ ବାଦ ଦିଆଯାଇଛି। ଏଣୁ ଉକ୍ତ ଧାନ ବିକ୍ରୟ ଯୋଗ୍ୟ ହୋଇପାରିବ।
୭. ଚାଷୀଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ Online ମାଧ୍ୟମରେ ୨୪ଘଣ୍ଟା ଭିତରେ ଅଥବା ଅତି ବେଶିରେ ୭୨ଘଣ୍ଟା ଭିତରେ ପ୍ରଦାନ ବ୍ୟବସ୍ଥା କରାଯାଇଅଛି।

**“ଚାଷୀ ହସିଲେ ଦୁନିଆ ହସିବ”**

**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଜି-ଖୋର୍ଦ୍ଧା**

**ଉପ-ଜିଲ୍ଲାପାଳ, ଭୁବନେଶ୍ୱର ତଥା ଅଧକ୍ଷ,**
**ନିୟନ୍ତ୍ରିତ ବଜାର କମିଟି, ଜଟଣୀ, ଜି-ଖୋର୍ଦ୍ଧା**

---

**DEPARTMENT OF WATER RESOURCES, GOVERNMENT OF ODISHA** No.954-A
**Project Management UNIT, O/o the Chief Engineer, JICA Project, Sukinda**

The Chief Engineer, JICA Project, Brahmani Left Basin, Sukinda, At-Jamuposi, Po-Amploba, Dist. Jajpur, Pin-755 018, Odisha invites applications from suitable candidates for eventual engagement in the Ag-PIM Unit of the PMU in the following positions on contractual basis to meet the requirements of Rengali Irrigation Project, Phase-2.

| Name of the Position | Qualifying Criteria | Experience | Preference criteria |
|---|---|---|---|
| Additional Project Director, Agriculture (One position) (*) | Graduate in Agriculture/ Engineering Higher qualification is preferable | Minimum of 15 years of proven experience In Agriculture/Horticulture Extension/Irrigation management & administration in Govt. of Odisha/ India | Preference will be given to candidates having served as Additional/Joint/Deputy Director of Agriculture/Horticulture in State / Central government |
| Deputy Director, Ag-PIM(One position) (@) | Graduate in Agriculture, Higher qualification in Agriculture/ Horticulture is preferable | Minimum of 10 years of proven experience in Agriculture/Horticulture/ Irrigation/Extension management in Govt. of Odisha /India | Preference will be given to candidates having served State / Central government having ample experience in-Participatory Irrigation Management (PIM)/ Participatory Project Management |
| Deputy Director, On-farm Water Management (One position) (@) | Graduate in Civil Engineering or Agriculture Engineering | Minimum of 10 years of proven experience in Irrigation management | Preference will be given to candidates having retired as SE from DoWR/ Senior officer from Agriculture/ Horticulture |

1. Details of job responsibilities are available on - www.odisha.gov.in under the link “advertisement” and www.dowrorissa.gov.ln
2. The position marked {*) carry consolidated remuneration; Rs.42,000/- per month and the positions marked (@) carry consolidated remuneration; Rs.30,000/- per month as per FD Memorandum No.7022/F dated 17.3.2018 of Government of Odisha. For retired government servants, the remuneration is excluding pension and TI which the person avails,
3. All applicants must be computer savvy and within maximum of 62 years of age.
4. The assignment against each position is purely temporary and is Co terminus with the Project period.
5. The applicants having work experience in similar nature of job with international donors / lenders / external aided Projects funded by World Bank / DFID /ADB / JICA / UNDP / UN / GIZ / KfWwill be preferred
6. Applicants are advised to apply in plain paper addressed to the Chief Engineer, JICA Project, Brahmani Left Basin, Sukinda, mentioning the Post for which applied, details of address for correspondence, qualification and experience, along with self-attested copies of documents in support of eligibility (certificates, letters, testimonials, proof of experience and expertise etc.) for the position applied-for, with a self-addressed envelopein an envelope superscribed ‘Application for the post of (mention the post applied-for), addressed to: The Chief Engineer, JICA Project, Brahmani Left Basin, Sukinda, At-Jamuposi, Po-Amploba, Dist. Jajpur, PIN-755018.
7. The applicant should ensure that the application, in Speed Post or Registered Post should reach the addressee latest by 5 PM on 31.12.2018.. The Authority, in no way, is responsible for any delay in receiving any applications. Applications without detailed relevant particulars and applications received beyond the prescribed time will not be honoured.
8. Applicants considering themselves suitable for one or more position(s) may apply for such positions, separately for each position, justifying suitability in terms of this advertisement and the job responsibilities against each position.
9. If considered necessary, the applicant may be called for an interview in person, at Sukinda or at Bhubaneswar at the Liaison Office of the undersigned in Unit-8 where s/he may be asked to prove her/his qualification/experience/expertise through original document(s). The applicant, when called for such personal interview, may participate in the interview at his/her own cost, which is not reimbursable by the undersigned.
10. The authority reserves the right to accept / reject any application without assigning any reason thereof.

32343/11/0009/1819 **Sd./- Chief Engineer, JICA Project, Brahmani Left Basin, Sukinda, At- Jamuposi, Po- Amploba, Dist- Jajpur**

---

# ତହସିଲଦାରଙ୍କ କାର୍ଯ୍ୟାଳୟ, ତେଲକୋଇ

ପତ୍ର ସଂ-୨୭୬୯/ ତା. ୧୪.୧୨.୨୦୧୮

**ଇସ୍ତାହାର**

ଏତଦ୍ୱାରା ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ କୁଟାରନାଳୀ ପ୍ରାଥମିକ ସ୍କୁଲ ହତା ଭିତରେ କଟାହୋଇଥିବା ଶାଳ ଗଛ କାଠଗୁଡିକର ନିଲାମି ନିମନ୍ତେ ଆସନ୍ତା ତା.୨୨।୧୨।୨୦୧୮ରିଖ, ଦିବା ୧୧ ଘଟିକା, ସ୍ଥାନ: କୁଟାରନାଳୀରେ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଉକ୍ତ ନିଲାମରେ ଭାଗନେବା ପାଇଁ ଆହ୍ୱାନ କରାଯାଇଅଛି।
ଉକ୍ତ ନିଲାମରେ ନିମ୍ନଲିଖିତ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ନିଲାମ କରାଯିବ।

**କ୍ଷମତାପ୍ରାପ୍ତ ପ୍ରତିନିଧି:**
୧. ତହସିଲଦାର, ତେଲକୋଇ
୨. ବନ ବିଭାଗ ଅଧିକାରୀ (ତେଲକୋଇ ରେଞ୍ଜ)
୩. ଶିକ୍ଷା ବିଭାଗ ଅଧିକାରୀ, ତେଲକୋଇ
୪. କୁଟାରନାଳୀ ପ୍ରାଥମିକ ସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍କୁଲ କମିଟି।

**ସ୍ୱା./- ତହସିଲଦାର, ତେଲକୋଇ**

---

**ODISHA CO-OPERATIVE TASAR & SILK FEDERATION LTD., (SERIFED)**
Sahid Nagar, Janpath, Bhubaneswar-751007
**Tel.:** (0674)- 2545586, 2545852, **Email:** serifedodisha@gmail.com

**No-VI-29(25)SERIFED/2018-19/1473** **Date: 15.12.2018**

**TENDER CALL NOTICE**

Sealed tenders are invited from the registered contractors for "Renovation of Dye House of Sambalpuri Bastralaya" at Bargarh as follows. **(1) Tender Value : Rs.20,09,292/-** (Excluding GST). **(2) Cost of Tender Paper :** Rs.6,000/- (Non-refundable). **(3) E.M.D. : Rs.20,100/-. (4) Class of Contractor** : "C" & "B" Class. **(5) Date & Time of availability of Tender Paper : Office of SERIFED.** (up to 31.12.2018, 10:00 A.M. to 5:00 P.M.). Website (11:00 A.M. on Dt.17.12.2018. **(6) Last date of submission of tender** : up to 11:00 AM. Dt.02.01.2019 **(7) Opening of Tender :** 12:00 P.M. on Dt.02.01.2019. For details of tender document, Terms & Conditions and further corrigenda, please visit Serifed own website **www.serifed.in**.

Sd/- **MANAGING DIRECTOR**

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, DHARMAGARH**
Tel : 06672242765, Fax : 06672-242823,
Email : rw_dharmagarh@yahoo.com
Bid Identification No. DMGH/online-07 OF 2018-19 Date : 10.12.2018

**“e”Procurement Notice**

No. 1203-O: Bid documents consisting of Work, Estimate Cost, Cost of tender Paper, EMD, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the Work | : | Road works in the District of Kalahandi as mentioned in DTCN. |
| 2. | Total No. of Works | : | 03 Nos. |
| 3. | Estimated Cost | : | Rs. 22.12 lakhs |
| 4. | Period of Completion | : | 02 Calendar Months |
| 5. | Other Details : | | |

| Availability of Tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|
| From | To | | |
| 18.12.2018 At 10.00 AM | 28.12.2018 Upto 5.00 PM | 24.12.2018 upto 5.00 PM | 29.12.2018 At 11.00 AM |

Further details can be seen from the website www.tendersorissa.gov.in

25100/11/0006/1819 Sd./- Executive Engineer
Rural Works Division, Dharmagarh

---

**OFFICE OF THE**
**CHIEF DISTRICT MEDICAL & PUBLIC HEALTH OFFICER, NABARANGPUR**

No. 1066/CS Dated. 14.12.2018

No.664-E: Sealed tenders are invited from registered manufacturers / authorized distributors/Traders /DGSD, GEM rate contract Holder/supplier for supply DEIC Equipment Aids INDUSTRIAL WASHING MACHINE as per the specification given by Chief District Medical & Public Health Officer, Nabarangpur. The bidders download the Tender Documents directly from the WEBSITE available at **www.nabarangpur.nic.in** or available at O/o. C.D.M. & PHO, NABARANGPUR (store Section) up to Dt.29.12.2018 during office hours of all working days. The tender should reach to the office of the undersigned as mentioned in tender paper through Reg. Post /Speed only along with all the relevant documents and E.M.D. The tenders will be opened on dated mentioned in tender paper in presence of the tenderers or their authorized representatives. The undersigned reserves the right to reject or cancel any or all the tenders without assigning any reason thereof.

**Dr Soroj Kumar Nayak**
**Chief District Medical & Public Health Officer, Nabarangpur**

10081/11/0013/1819

---

**DISTRICT MINERAL FOUNDATION, KEONJHAR**
(2nd Floor, DRDA Building, Keonjhar-758001)
(Email: dmfkeonjhar@gmail.com)

No. 1742/DMF Date: 15.12.2018

**REQUEST FOR PROPOSAL**

Sealed proposals are invited from the eligible reputed and qualified Agencies / organisations for "Establishment and management of Patient Facilitation Centre at SCB Medical College and Hospital, Cuttack" under DMF, Keonjhar. The detailed terms and conditions along with the RFP documents can be downloaded from the district website www.kendujhar.nic.in.

The Proposal complete in all respect should reach the undersigned on or before 03.01.2019 upto 5PM and will be opened on 04.01.2019 at 11.00hours in the presence of the committee constituted for the purpose.

The undersigned reserves the right to reject or cancel any or all the tenders without assigning any reason thereof.

***Sd./- Collector-cum-Chairman & Managing Trustee, D.M.F., Keonjhar***

---

# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪,
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨
ୱେବ୍‌ସାଇଟ୍: www.oshb.org

**ବିଜ୍ଞାପନ ସଂଖ୍ୟା: 14256** **ତାରିଖ:** 13.12.2018
H-2231/1995

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ହରିହର ସାହୁ, ପିତା- ୰କାଶୀନାଥ ସାହୁ, ସା- ନିମେଇଁପୁର, ପୋ: ଏକତାଲି, ଥାନା- ଭୁବନ, ଜିଲ୍ଲା- ଢେଙ୍କାନାଳ | ଏଲ୍.ଆଇ.ଜି.- ୩୯୩, LIG-393, ପ୍ରଶାନ୍ତି ବିହାର, ଶିଖରଚଣ୍ଡୀ, ପଟିଆ, ଭୁବନେଶ୍ୱର | ୧. ବାସନ୍ତୀ ସାହୁ (ସ୍ତ୍ରୀ)<br>୨. ଶ୍ରୀକାନ୍ତ କୁମାର ସାହୁ (ପୁତ୍ର)<br>୩. ସୁନୀଲ କୁମାର ସାହୁ (ପୁତ୍ର) |

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ**
**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

---

ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

**DISTRICT PROJECT OFFICE**
**SARVA SIKSHA ABHIYAN, BOLANGIR**
**E-mail: dpcbolangirssa.opepa@nic.in**

**TENDER CALL NOTICE FOR PRINTING AND SUPPLY OF QUESTION PAPER-CUM-BLANK ANSWER SHEETS FOR SUMMATIVE ASSESSMENT - II, 2017-18**

**Notice No.: XV/PDG/4161/2018** **Date: 15.12.18**

Sealed tenders are invited in the prescribed format from the registered firms or printers having valid Regd. No., PAN No. and uptodate GST Certificate for printing and supply of Question Paper-cum-Answer Sheets, Envelopes (for packing of Question Papers) to the Block point for **Summative Assessment - II - 2018-19** from Class - I to Class - VIII of Balangir Dist. The bidder shall apply as per the terms and conditions liad down in the bid document. The Bid documents containing detailed terms and conditions are available in the website **www. balangir.nic.in and www.opepa.in**. The quotation paper shall be received through Regd. Post/Speed Post/ Courier or by Hand on or before 03.01.2019 upto 05 P.M. Quotation papers will be opened at DPC Conference Hall in the presence of the bidders on 04.01.2019 at 03.30 P.M. under the Chairmanship of ADM, Bolangir. The office will not responsible for any delay. Separate tender papers (Technical Bid & Financial Bid) should be submitted for Question-cum-Blank Answer Sheets. The authority reserves the right to amend, alter, modify or cancel part/total tender without assigning any reason thereof.

**Sd./- Collector-cum-Chairman**
**SSA, Bolangir**

---

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, SAMBALPUR**
Phone No.(0663)-2412791 (Off.), E-mail:- eemisbp@yahoo.co.in
No.5538/ Date. 04.12.2018

949-A

**e-PROCUREMENT NOTICE**
**BID REF No: EE, MID, SBP/13/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 28 (Twentyeight)Nos. |
| Estimated cost | : | Varies from Approximately Rs.14.60 lakh to Rs.48.76 lakh for 28 Nos. of works is Rs.756.86 Lakh |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From 20.12.2018, 10.00 AM to 29.12.2018 up to 05.00 PM in website (www.tendersorissa.gov.in) |
| Period of receipt of bid through online | : | From 20.12.2018, 10.00 AM to 29.12.2018 upto 05.00PM through online. |
| Date of opening of bid documents | : | On dt. 31.12.2018 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website- http://dowrorissa.gov.in

| | | |
|---|---|---|
| Name & Address of the OIT | : | Executive Engineer, M.I.Division, Sambalpur, At- Motijharan, PO- B.S.S. Nagar, Dist.- Sambalpur, PIN-768001, Ph-0663-2412791, E-mail ID- eemisbp@yahoo.co.in |

Further details can be seen from the e-Procurement market place : http://tendersorissa.gov.in

***Sd./- Executive Engineer, M.I. Division, Sambalpur***

32036/11/0016/1819

## ସଂକ୍ଷେପରେ

### ସିନ୍ଧୁ-ଓକୁହାରା ଫାଇନାଲ

**ଗୁଆଙ୍ଗଝୋ, ୧୫।୧୨ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲାକୁ ଉନ୍ନୀତ ହୋଇଛନ୍ତି। ସେମିଫାଇନାଲରେ ସେ ୨୦୧୩ ବିଶ୍ୱଚାମ୍ପିୟନ ରାଚାନୋକ ଇଣ୍ଟାନନ୍‌ଙ୍କୁ ୨୧-୧୬, ୨୫-୨୩ରେ ପରାସ୍ତ କରିଛନ୍ତି। ଗତ ସଂସ୍କରଣରେ ରନର୍ସ ଅପ୍ ହୋଇଥିବା ସିନ୍ଧୁ ଏହି ମ୍ୟାଚ ଜିତିବା ଲାଗି ୫୪ ମିନିଟ ସମୟ ନେଇଥିଲେ। ଥାଇଲାଣ୍ଡର ଖେଳାଳିଙ୍କ ବିପକ୍ଷରେ ସିନ୍ଧୁଙ୍କ ୪ର୍ଥ ବିଜୟ। ଅଲିମ୍ପିକ୍ ରୌପ୍ୟ ବିଜୟିନୀ ଫାଇନାଲରେ ଜାପାନର ନୋଜୋମି ଓକୁହାରାଙ୍କ ସହ ମୁକାବିଲା କରିବେ। ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଏହି ଖେଳାଳିଙ୍କଠାରୁ ପରାଜିତ ହୋଇଯାଇଥିଲେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ବର୍ଗର ବ୍ୟାଡ୍‌ମିଣ୍ଟନ ଖେଳାଳି ସମୀର ବର୍ମା ସେମିଫାଇନାଲ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ତାଙ୍କୁ ଚାଇନାର ଅଲ ଇଂଲଣ୍ଡ ଚାମ୍ପିୟନ ଓ ୱାର୍ଲ୍ଡ ଚାମ୍ପିୟନଶିପର ରୌପ୍ୟ ପଦକଧାରୀ ଶି ୟୁକି ୨୧-୧୨, ୨୦-୨୨, ୧୭-୨୧ ଗେମ୍‌ରେ ହରାଇ ଦେଇଛନ୍ତି।

### ଭିନେଶ-ସୋମବୀରଙ୍କ ବିବାହ ସମ୍ପନ୍ନ

**ନୂଆଦିଲ୍ଲୀ, ୧୫।୧୨:** ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ମହିଳା ଯୋଦ୍ଧା ଭିନେଶ ଫୋଗତ, ସୋମବୀର ରାଠେଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବିବାହ ଭିନେଶଙ୍କ ଗ୍ରାମ ଚାରଖି ଦାଦରିଠାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ଫେରିବା ପରେ ଭିନେଶ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ସୋମବୀର ଜଣେ ଜାତୀୟ ସ୍ତରୀୟ ଯୋଦ୍ଧା। ସେ ଦୁଇ ଥର ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



" ପର୍ଥ ଟେଷ୍ଟର ତୃତୀୟ ଦିବସ ଖେଳ ଆରମ୍ଭରେ ବିରାଟ କୋହଲିଙ୍କ ଉଇକେଟ ଖସାଇ ପାରିଲେ ମ୍ୟାଚ୍‌ରେ ଆମ ସ୍ଥିତି ସୁଦୃଢ ହୋଇପାରିବ ।

—ଉସ୍‌ମାନ ଖ୍ୱାଜା, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ୍



" ଅଜିଙ୍କ୍ୟ ରାହାନେ ଓ ବିରାଟ କୋହଲିଙ୍କ ଚମତ୍କାର ବ୍ୟାଟିଂ ଯୋଗୁ ପର୍ଥଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ସନ୍ତୁଳିତ ଅବସ୍ଥାରେ ରହିଛି ।

—ଇଶାନ୍ତ ଶର୍ମା, ଭାରତୀୟ ବୋଲର

# କୋହଲି, ରାହାନେ ସ୍ଥିତି ସମ୍ଭାଳିଲେ

**ପର୍ଥ, ୧୫।୧୨ (ପି.ଟି.)**

ଅଧିନାୟକ ବିରାଟ କୋହଲି ଓ ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଅଜିଙ୍କ୍ୟ ରାହାନେଙ୍କ ଅପରାଜିତ ଅର୍ଦ୍ଧଶତକୀୟ ପାଳି ବଳରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ସ୍ଥିତି ସମ୍ଭାଳିବାକୁ ସକ୍ଷମ ହୋଇଛି। ସ୍ଥାନୀୟ ପର୍ଥ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମ ଇନିଂସରେ ୧୦୮.୩ ଓଭରରେ ୩୨୬ ରନରେ ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଭାରତ ଆରମ୍ଭରୁ ଦୁଇଟି ଉଇକେଟ ହରାଇଥିଲେ ମଧ୍ୟ କୋହଲି ଓ ରାହାନେଙ୍କ ଦୃଢ ବ୍ୟାଟିଂ ବଳରେ ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଭାରତ ୬୯ ଓଭରରେ ୩ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଛି। ଫଳରେ ୭ ଉଇକେଟ ବାକିଥାଇ ଭାରତ ଏବେ ୧୫୪ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ କୋହଲି ୧୮୧ଟି ବଲ ଖେଳି ୯ ଚୌକା ସହ ୮୨ ଓ ରାହାନେ ୧୦୩ଟି ବଲ ଖେଳି ୬ ଚୌକା ଓ ୧ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି।

## ଦ୍ୱିତୀୟ ଟେଷ୍ଟ

ଇନିଂସର ତୃତୀୟ ଓ ଷଷ୍ଠ ଓଭରରେ ଭାରତ ଯଥାକ୍ରମେ ଦୁଇ ଓପନର ମୁରଲି ବିଜୟ ଓ ଲୋକେଶ ରାହୁଲଙ୍କ ହରାଇଥିଲା। ମୁରଲୀ ବିଜୟ ଖାତା ଖୋଲିବା ପୂର୍ବରୁ ମିଚେଲ ଷ୍ଟାର୍କଙ୍କ ଇନ୍ ସୁଇଙ୍ଗ୍ ବଲକୁ ଡ୍ରାଇଭ୍ କରିବାକୁ ଚେଷ୍ଟା କରିଥିଲେ। ଦୁର୍ବଳ ଶଟ ଚୟନ ଓ ଗ୍ୟାପ୍ କାରଣରୁ ସେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ୨ ରନ କରିଥିବା ବେଳେ ରାହୁଲ ଜୋସ ହାଜେଲ ଉଡ୍‌ଙ୍କ ଏକ ସୁନ୍ଦର ୱାର୍କରରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ତୃତୀୟ ଉଇକେଟ ଯୋଡିରେ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଓ କୋହଲି ଦୃଢ ବ୍ୟାଟିଂ କରି ୭୪ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ୨୪ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ପୂଜାରା ଷ୍ଟାର୍କଙ୍କ ଲେଗ୍ ଷ୍ଟାମ୍ପ ବାହାରର ଏକ ବଲ୍‌କୁ ଗ୍ଲାନ୍ସ କରିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍ କଡ଼ରେ ବାଜିଥିଲା ଓ ଉଇକେଟ କିପର ଟିମ୍ ପେନ୍ ଏହି କ୍ୟାଚ୍ ଧରିବାରେ କୌଣସି ତ୍ରୁଟି କରି ନ ଥିଲେ। ଫଳରେ ୮୨ ରନରେ ଭାରତ ୩ ଉଇକେଟ ହରାଇଥିଲା। ତେବେ ଏହା ପରେ କୋହଲି ଓ ରହାନେ ଦେଖି ଚାହିଁ ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ ଓ ଦଳର ଆଉ କୌଣସି କ୍ଷତି ଘଟାଇବାକୁ ଦେଇ ନ ଥିଲେ। ଚତୁର୍ଥ ଉଇକେଟ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ଅପରାଜିତ ୯୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଷ୍ଟାର୍କ ୨ ଓ ହାଜେଲଉଡ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୭/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୨୬ ରନରେ ଅଲଆଉଟ ହୋଇଥିଲା। ଓଭର ନାଇଟ୍ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଟିମ୍ ପେନ୍ ୧୬ ଓ ପ୍ୟାଟ୍ କୁମିନ୍ସ ୧୧ରୁ ଖେଳ ଆରମ୍ଭ କରି ଯଥାକ୍ରମେ ୩୮ ଓ ୧୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ପେନ୍ ଯଶପ୍ରୀତ ବୁମରାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ କୁମିନ୍ସ ଉମେଶ ଯାଦବଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହା ପରେ ଷ୍ଟାର୍କ ୬ ଓ ହାଜେଲଉଡ୍ ଖାତା ଖୋଲିବା ପୂର୍ବରୁ ଇଶାନ୍ତ ଶର୍ମାଙ୍କ ବଲ୍‌ରେ ଉଇକେଟକିପର ରିଷଭ ପନ୍ତଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ନାଥନ ଲିୟନ ୯ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଇଶାନ୍ତ ସର୍ବାଧିକ ୪, ବୁମରା, ଉମେଶ ଓ ହନୁମା ବିହାରୀ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ପ୍ରଥମ ଦିନରେ ଓପନର ମାର୍କସ ହାରିସ୍ ୭୦, ଆରୋନ ଫିଞ୍ଚ୍ ୫୦, ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ୍ ହେଡ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିରାଟ କୋହଲି ଓ ଅଜିଙ୍କ୍ୟ ରାହାନେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୦୮.୩ ଓଭରରେ ୩୨୬ ଅଲଆଉଟ୍ (ହାରିସ୍- ୭୦, ଫିଞ୍ଚ୍- ୫୦, ହେଡ୍- ୫୮, ମାର୍ଶ- ୪୫, ପେନ୍- ୩୮, ଇଶାନ୍ତ- ୪/୪୧, ବୁମରା- ୨/୫୩, ଉମେଶ- ୨/୭୮, ବିହାରୀ- ୨/୫୩)।

ଭାରତ ପ୍ରଥମ ଇନିଂସ- ୬୯ ଓଭରରେ ୧୭୨/୩ (କୋହଲି- ୮୨*, ରାହାନେ- ୫୧*, ପୂଜାରା- ୨୪, ଷ୍ଟାର୍କ- ୨/୪୨, ହାଜେଲଉଡ- ୧/୫୦ )।

# ଇତିହାସ ରଚିଲା ଓଡ଼ିଶା ବାଳକ ଫୁଟବଲ




ଟ୍ରଫି ସହ ଚାମ୍ପିୟନ୍ ଓଡ଼ିଶା ଦଳର ଖେଳାଳିମାନେ।

**କଟକ ଅଫିସ, ୧୫।୧୨**

ପ୍ରଥମଥର ନିମନ୍ତେ ଓଡ଼ିଶା ଜାତୀୟ ଫୁଟବଲ ଟୁର୍ନାମେଣ୍ଟର ପୁରୁଷ ବର୍ଗରେ ଚାମ୍ପିୟନ ଟାଇଟଲ ହାସଲ କରିଛି। ଅରୁଣାଚଳ ପ୍ରଦେଶଠାରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲରେ ଶନିବାର ଓଡ଼ିଶା ଆୟୋଜକ ଅରୁଣାଚଳ ପ୍ରଦେଶକୁ ହରାଇ ଏହି ଇତିହାସ ରଚିଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଓଡ଼ିଶା ସଡନଡେଥ୍‌ରେ ଅରୁଣାଚଳପ୍ରଦେଶକୁ ହରାଇଥିଲା। ନିର୍ଦ୍ଧାରିତ ୯୦ ମିନିଟରେ କୌଣସି ଗୋଲ ହୋଇ ନଥିଲା। ପରେ ଖେଳାଯାଇଥିବା ଅତିରିକ୍ତ ୩୦ ମିନିଟରେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରି ପାରିନଥିଲେ। ଫଳରେ ପେନାଲ୍ଟି ଟାଇବ୍ରେକର ପଦ୍ଧତି ସହାୟତାରେ ମ୍ୟାଚ ଫଳାଫଳ ନିର୍ଦ୍ଧାରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିରେ ମଧ୍ୟ ଉଭୟ ଓଡ଼ିଶା ଓ ଅରୁଣାଚଳ ପ୍ରଦେଶ ୩ଟି ଲେଖାଏ ଗୋଲ ଦେଇଥିଲେ। ଶେଷରେ ସଡନଡେଥ୍‌ରେ ଓଡ଼ିଶା ଗୋଲ ଦେଇ ପ୍ରଥମଥର ନିମନ୍ତେ ଚାମ୍ପିୟନ ହେବାର ଆଖ୍ୟା ଅର୍ଜନ କରିଛି। ଅନିଲ ଟପ୍ପୋଙ୍କ ନେତୃତ୍ୱାଧୀନ ଓଡ଼ିଶା ଜୁନିୟର ବାଳକ ଫୁଟବଲ ଦଳକୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ଓଡ଼ିଶା ଗୋଲକିପର ବିଶାଲ ଓରାମଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କୃତ କରାଯାଇଛି। ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଚାମ୍ପିୟନ ଦଳର ଖେଳାଳି ଓ କୋଚ୍‌ଙ୍କ ନିମନ୍ତେ ୧୦ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରିଛନ୍ତି। ସୂଚନାଥାଉକି, ଗତ ୨୦୧୫ ମସିହାରେ ଓଡ଼ିଶା ଶେଷଥର ନିମନ୍ତେ ଫାଇନାଲକୁ ଯାଇଥିଲା। ଦିଲ୍ଲୀ ଠାରେ ଅନୁଷ୍ଠିତ ଏହି ଫାଇନାଲ ମୁକାବିଲାରେ ଦଳ ୦-୧ ଗୋଲରେ ବେଙ୍ଗଲ ଠାରୁ ହାରି ରନର୍ସଅପ ହୋଇଥିଲା। ଏହାଛଡ଼ା ଗତ ସଂସ୍କରଣରେ ଓଡ଼ିଶା ସେମି ଫାଇନାଲରେ ହାରି ବିଦା ହୋଇଥିଲା।



Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***The question paper comprises two sections, A and B. You are to attempt both the section.***

*ii.* ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

*iii.* ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

*iv.* ***Question numbers 3 to 5 in Section A are two marks questions. These are to be answered in about 30 words each.***

*v.* ***Question numbers 6 to 15 in Section A are three marks questions. These are to be answered in about 50 words each.***

*vi.* ***Questions number 16 to 21 in Section A are five marks questions. These are to be answered in about 70 words***

*vii.* ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

1. State one difference between conventional and non-conventional sources of energy.
2. What is the difference between a base and an akali ?
3. Explain with a reason whether the field will be stronger at the centre of current carrying loop or near the circumference of the loop ?
4. Why is respiration considered as an exothermic reaction ? Explain.
5. How would you distinguish between baking soda and washing soda by heating ?
6. Name the two hormones secreted bypancreas. Write one function of each hormone named.
7. Draw a labelled diagram of the longitudinal section of a flower.
8. An organic compound 'X' which is also called antifreeze mixture has the molecular formula $C_2H_6O$. 'X' on oxidation gives a compound 'Y' which gives effervescence with baking soda solution. What can X and Y be ? Write their structural formulae.

**OR**

57 STORES ACROSS INDIA

crm@geapl.in
www.greateastern.co.in
GreatEasternRetail 9438590298

For institutional purchase
corporatesales@greateastern.co.in
HELPLINE 033 4037 2000

ଭୁବନେଶ୍ୱର : ବାପୁଜୀ ନଗର, ବଜାର କୋଲକାତା ନିକଟ 799 253 2332 | ପଟିଆ, ବିଗ୍ ବଜାର ନିକଟ 986 159 8911

କଟକ ବାଦାମବାଡ଼ି ପାଲାମଣ୍ଡପ ସମ୍ମୁଖ 799 253 2334 ସିଡିଏ ସେକ୍ଟର 6 799 253 2335 ବାଲେଶ୍ୱର ବିବେକାନନ୍ଦ ମାର୍ଗ, ସିଟି ଲାଇଫ୍ ପାର୍ଶ୍ୱ 986 182 6678
ବ୍ରହ୍ମପୁର ବଡ଼ ବଜାର, ଗଣେଶ ମାର୍କେଟ୍ ସାମ୍ନା 986 159 8011 ରାଉରକେଲା ବିସ୍ରା ରୋଡ୍, ହୋଟେଲ ବୃନ୍ଦାବନ ବିପରୀତ 799 253 2330

ପଶ୍ଚିମବଙ୍ଗ | ଓଡ଼ିଶା | ଆନ୍ଧ୍ରପ୍ରଦେଶ | ରାଜସ୍ଥାନ | ଉତ୍ତରପ୍ରଦେଶ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଡିସେମ୍ବର ୧୬/୨୦୧୮ Bhubaneswar, Sunday, December 16/ 2018




### ଦ୍ୱିତୀୟ ଦିନରେ ୧୮ ଉଇକେଟ୍

# ଓଡ଼ିଶା ପାଇଁ ସୁଯୋଗ ସୃଷ୍ଟି କଲେ ବସନ୍ତ

ଭୁବନେଶ୍ୱର, ୧୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଡେରାସସ୍ଥିତ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଘରୋଇ ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ଚାଲିଥିବା ରଣ୍‌ଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି ମୁକାବିଲା ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଭ୍ରମଣକାରୀ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୭୩ ରନର ଟାର୍ଗେଟ୍‌କୁ ପିଛା କରି ଶନିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦ୍ୱିତୀୟ ଇନିଂସରେ ୨ ଉଇକେଟ୍ ହରାଇ ୬ ରନ ସଂଗ୍ରହ କରିଛି। ଶାନ୍ତନୁ ମିଶ୍ର ୪ ଓ ଦେବାଶିଷ ସାମନ୍ତରାୟ ୧ ରନ କରି ଅପରାଜିତ ରହିଛନ୍ତି। ରଣଜିତ୍ ସିଂ

**ରଣ୍‌ଜୀ ଟ୍ରଫି**

(୧) ଓ ପଦାର୍ପଣ କରିଥିବା ଉଇକେଟ୍‌କିପର ପି. ରୋଶନ କୁମାର (୦)ଙ୍କୁ ଗୋଟିଏ ଓଭରରେ ଆଉଟ୍ କରି ରାଜସ୍ଥାନର ବାମହାତୀ ଦ୍ରୁତ ବୋଲର ଟିଏମ୍ ଉଲ୍-ହକ୍ ଓଡ଼ିଶାକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ହାତରେ ୮ ଉଇକେଟ୍ ବଳକା ରହିଥିବାବେଳେ ଓଡ଼ିଶା ବିଜୟ ପାଇଁ ଆହୁରି ୧୬୭ ରନ ଆବଶ୍ୟକ କରୁଛି। ଖେଳ ଆଉ ୨ ଦିନ ବାକି ରହିଥିବାରୁ ଫଳାଫଳ ବାହାରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତେବେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରବିବାରଠାରୁ ବର୍ଷା ହେବାର ସମ୍ଭାବନା ରହିଥିବାରୁ ମ୍ୟାଚ୍ ବାଧାପ୍ରାପ୍ତ ହେବାର ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

ରାଜସ୍ଥାନର ପ୍ରଥମ ଇନିଂସ ସ୍କୋର ୧୩୫ ରନ ଜବାବରେ ଓଡ଼ିଶା ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଦିବସ ଶେଷ ସୁଦ୍ଧା ୪ ଉଇକେଟ୍ ହରାଇ ୭୮ ରନ କରିଥିବା ଓଡ଼ିଶା ଶନିବାର ମାତ୍ର ୧୧୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ପଦାର୍ପଣ କରିଥିବା ଦେବାଶିଷ ସାମନ୍ତରାୟ ସର୍ବାଧିକ ୫୦ ରନ ଓ ଅଭିଷେକ ରାଉତ ୨୪ ରନ କରିଥିଲେ। ତେବେ ଅନ୍ୟକୌଣସି ଓଡ଼ିଶା ବ୍ୟାଟ୍ସମ୍ୟାନ ୨ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ଓ ଶୁଭ୍ରାଂଶୁ ସେନାପତି ଖାତା ଖୋଲିପାରି ନ ଥିଲେ। ରାଜସ୍ଥାନ ପକ୍ଷରୁ ଦୁଇ ବାମହାତୀ ଦ୍ରୁତ ବୋଲର ଟିଏମ୍ ଉଲ୍-ହକ୍ (୨୨-୧୫-୧୪-୫) ଓ ଅନିକେତ୍ ଚୌଧୁରୀ (୧୮.୨-୪-୪୯-୫) ବେଶ୍ ପ୍ରଭାବୀ ବୋଲିଂ କରି ଉଇକେଟ୍ ବାଣ୍ଟି ନେଇଥିଲେ।

ଗୁରୁତ୍ୱପୂର୍ଣ୍ଣ ୨୪ ରନ ଅଗ୍ରଣୀ ହାସଲ କରିଥିବା ରାଜସ୍ଥାନ ୨ୟ ଇନିଂସରେ ମଧ୍ୟ ଓଡ଼ିଶାର ବୋଲରଙ୍କୁ ସାମ୍ନା କରି ନ ପାରି ୧୪୮ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଅମିତ୍ କୁମାର ଗୌତମ (୫୧ ରନ) ଓ ମଧ୍ୟକ୍ରମରେ ସଲମନ ଖାଁ (୩୯ ରନ) କିଛି ସମୟ ଓଡ଼ିଶା ବୋଲରଙ୍କୁ ମୁକାବିଲା କରିବାରେ ସଫଳ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ବସନ୍ତ ସର୍ବାଧିକ ୫ ଉଇକେଟ୍ ନେବା ସହ ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ରାଜେଶ ମହାନ୍ତି ଓ ଧୀରାଜ ୨ଟି ଲେଖାଏ ଏବଂ ସୂର୍ଯ୍ୟକାନ୍ତ ଗୋଟିଏ ଉଇକେଟ୍ ନେଇଥିଲେ।



ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ନେଇଥିବା ବସନ୍ତ ମହାନ୍ତି। (ଫଟୋ: ମୌସମ)

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ପ୍ରଥମ ଇନିଂସ: ୧୩୫ ଅଲ୍‌ଆଉଟ୍।
ଓଡ଼ିଶା ପ୍ରଥମ ଇନିଂସ- ୧୧୧ ଅଲ୍‌ଆଉଟ୍ (ଶାନ୍ତନୁ ୭, ଦେବାଶିଷ ୫୦, ବିପ୍ଳବ ୮, ଅଭିଷେକ ୨୪, ଟିଏମ୍ ଉଲ୍-ହକ୍ ୫/୧୪)।
ରାଜସ୍ଥାନ ୨ୟ ଇନିଂସ- ୧୪୮ରେ ଅଲ୍‌ଆଉଟ୍ (ଗୌତମ ୫୧, ସଲ୍‌ମନ ୩୯, ମହିପାଲ ଲୋମ୍‌ରା ୧୭, ଅଶୋକ ମାନେରିଆ ୧୩, ବସନ୍ତ ୫/୨୯)।
ଓଡ଼ିଶା ୨ୟ ଇନିଂସ- ୬/୨, ୬ ଓଭର (ଶାନ୍ତନୁ ୪*, ଦେବାଶିଷ ୧*, ଉଲ୍-ହକ ୨/୦)।

## ବାପାଙ୍କୁ ଉତ୍ସର୍ଗ କଲେ ସଫଳତା

ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶାର ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ମୋଟ୍ ୧୧ଟି ଉଇକେଟ୍ ନେଇଛନ୍ତି। ଚଳିତ ସିଜନ ପ୍ରାରମ୍ଭରୁ ବାପାଙ୍କ ବିୟୋଗ ଘଟିଥିବାରୁ ରାଜସ୍ଥାନ ବିପକ୍ଷ ଏହି ସଫଳତା ବାପାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ବୋଲି ବସନ୍ତ କହିଛନ୍ତି। ରାଜସ୍ଥାନ ବିପକ୍ଷ ପ୍ରଥମ ଓ ୨ୟ ଇନିଂସରେ ବସନ୍ତ ଯଥାକ୍ରମେ ୬ ଓ ୫ ଉଇକେଟ୍ ନେଇ ମ୍ୟାଚ୍‌ରେ ମୋଟ୍ ୧୧ଟି ଉଇକେଟ୍ ଅକ୍ତିଆର କରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ୩୨ ବର୍ଷୀୟ ବସନ୍ତ ୩ୟ ଥର ପାଇଁ କୌଣସି ମ୍ୟାଚ୍‌ରେ ୧୦ ବା ତଦୂର୍ଦ୍ଧ୍ୱ ଉଇକେଟ୍ ସଫଳତା ପାଇଛନ୍ତି। ଏଥିସହ ସେ ପ୍ରାକ୍ତନ ଦ୍ରୁତ ବୋଲର ଦେବାଶିଷ ମହାନ୍ତିଙ୍କ ସହ ସମକକ୍ଷ ହୋଇଛନ୍ତି। ଦେବାଶିଷ ମଧ୍ୟ ପ୍ରଥମଶ୍ରେଣୀ କ୍ରିକେଟରେ ୩ଥର ୧୦ ଉଇକେଟ୍ ସଫଳତା ପାଇଥିଲେ। ଏହି ଉଇକେଟ୍ ଦିନକୁ ଦିନ ଉଇକେଟ୍ ବ୍ୟାଟିଂ ପାଇଁ ଅନୁକୂଳ ହେଉଥିବାରୁ ଆମେ ମ୍ୟାଚ୍ ଜିତିବା ଲକ୍ଷ୍ୟରେ ରହିଛୁ ବୋଲି ବସନ୍ତ କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ପଞ୍ଚମ ବାର୍ଷିକ ଉତ୍ସବ

**ଧର୍ମଶାଳା,୧୫।୧୨(ଡିଏନଏ):** ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଧର୍ମଶାଳା ପକ୍ଷରୁ ପଞ୍ଚମ ବାର୍ଷିକ ଉତ୍ସବ ଜାରକା ଭେଙ୍କଟେଶ୍ୱର ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ସିଡିଏମଓ ବିଜୟ କୁମାର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ବିବୁଧ ରଞ୍ଜନ, ମୁଖ୍ୟବକ୍ତା ଭାବେ ଯୋଗାଚାର୍ଯ୍ୟ ବାଇଧର ମୁନି ଯୋଗଦେଇ ପ୍ରତ୍ୟେକ ମଣିଷ ମଧରେ ପାପ ଓ ପୁଣ୍ୟର ବିଚାର ରହିବା ସହ ପ୍ରକୃତ ସେବାରେ ହିଁ ଆନନ୍ଦ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଅନନ୍ତ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂପାଦକ ଅବସରପ୍ରାପ୍ତ ସିଡିଏମଓ ଡା. ରମେଶ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରି ଏହି ଅନୁଷ୍ଠାନ ଜନସାଧାରଣଙ୍କ ସେବା କରିବା ନିମନ୍ତେ ସମର୍ପିତ ବୋଲି କହିଥିଲେ। ଏହି ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଦିନମାନଙ୍କରେ ଗରିବ ଛାତ୍ରମାନଙ୍କ ପାଠପଢିବା ପାଇଁ ଆର୍ଥିକ ସହାୟତା ଯୋଗାଇବା ସହ ଧର୍ମଶାଳାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଛି। ଏତଦ୍‌ବ୍ୟତିତ ଛତିଆରେ ଥିବା ଜରାଶ୍ରମକୁ କୋଡିଏ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସଭାପତି ସୂଚନା ଦେଇଥିଲେ।

### କଳ୍ପତରୁ ଦାସ ମେମୋରିଆଲ କ୍ରିକେଟ୍
### କଦମପାଳ ଓ ପାଟପୁର ବିଜୟୀ



**ଧର୍ମଶାଳା,୧୫।୧୨(ଡିଏନଏ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀର କୋଟପୁର ପଞ୍ଚାୟତ ମା' ଜାଗୁଳାଇ ଖେଳ ପଡିଆରେ ଚାଲିଥିବା ଚତୁର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ୧୫ନଂ ଜୋନର ପ୍ରଥମ କ୍ୱାଟରଫାଇନାଲର ଶନିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ କଦମପାଳ ଓ ପାଟପୁର ଦଳ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ଉତ୍ତରପ୍ରତାପ ଦଳ କଦମପାଳ ପଞ୍ଚାୟତ ଟିମ୍‌କୁ ହରାଇ ଥିଲା। ଏହି ଖେଳକୁ ଇନ୍ତେକାବ୍ ଆଲମ୍ ଓ ଅବିନାଶ ସାମଲ ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ ପାଟପୁର ଟିମ୍ ବଡକାଏମା ପଞ୍ଚାୟତ ଟିମ୍‌କୁ ପରାସ୍ତ କରିଛି। ଏହି ଖେଳକୁ ଶୁଭ୍ରଜିତ ଦାସ ଓ ଅମରେଶ ପରିଡା ପରିଚାଳନା କରିଥିଲେ। ରବିବାର ଦେଓଦା ସହିତ ଅରେଇକଣା ଓ ଅରାବଳ ସହିତ ପଟୁଣିଆଁ ପଞ୍ଚାୟତ ଟିମ୍ ମଧରେ ଖେଳହେବ ବୋଲି କେଡିଏମର ଉପାଧକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

### ଶ୍ୟାମସୁନ୍ଦର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଧର୍ମଶାଳା,୧୫।୧୨(ଡିଏନଏ):** ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ନୋଡାଲ ଉଚ୍ଚ ବିଦ୍ୟାଳୟର ୬୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ସଭାରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ଶତପଥି ଯୋଗଦେଇ ଗୁରୁ ଓ ଗୁରୁଜନଙ୍କ ଆଶୀର୍ବାଦ ଲାଭକଲେ ବିଦ୍ୟାର୍ଥୀମାନେ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟଏକାଡେମୀ ସଦସ୍ୟ ରମାକାନ୍ତ ଜେନା ଯୋଗଦେଇ ଡାକ୍ତର ଇଞ୍ଜିନିୟର ସୃଷ୍ଟି କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଭଲ ମଣିଷ ସୃଷ୍ଟି କରିବା ଦିଗରେ ଅଧିକ ଧ୍ୟାନ ଦେଲେ ଏକ ସମୃଦ୍ଧ ଭାରତ ଗଠିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧକ୍ଷ ଜଗନ୍ନାଥ ଜେନା, ଧର୍ମଶାଳା ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ନାୟକ, ସ୍ତମ୍ଭକାର ପୁରୁଷୋତ୍ତମ ବିଶ୍ୱାଳ ଯୋଗଦେଇଥିଲେ। ଅନୁଷ୍ଠିତ ଖେଳରେ ବରିଷ୍ଠ ବାଳକ ବିଭାଗରେ ସତ୍ୟଜିତ ନାୟକ ଓ ବାଳିକା ବିଭାଗରେ ରୀତିଶ୍ରୀ ବେହେରା ଓ କନିଷ୍ଠ ବାଳକ ବିଭାଗରେ ଓମ୍‌ଚନ୍ଦ୍ର ରାଉତ ଏବଂ ବାଳିକା ବିଭାଗରେ ସସ୍ମିତା ବେହେରା ମୁଖ୍ୟଅତିଥିଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ କରିଥିଲେ।

# ପ୍ରଦୂଷଣରେ ମରୁଛନ୍ତି ଲୋକେ, ଶୁଣୁନି କମ୍ପାନୀ

**ଯାଜପୁର ଅଫିସ,୧୫।୧୨**

- ଏସ୍‌ପିସିବିର ନିର୍ଦ୍ଦେଶକୁ ମାନୁନି ନୀଳାଚଳ ଇସ୍ପାତ
- ଗୋଟିଏ ଦିନରେ ୪ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ
- ବ୍ୟାଙ୍କ ଗ୍ୟାରେଣ୍ଟି ବାଜ୍ୟାପ୍ତ
- କାରଣ ଦର୍ଶାଅ ନୋଟିସରେ ମାତିଛି ଏସପିସିବି



କଳିଙ୍ଗନଗର ଶିଳ୍ପାଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣରେ ଜଣେ ପରେ ଜଣଙ୍କ ମୃତ୍ୟୁ ଘଟି ଚାଲିଛି। ଏଠାରେ ପ୍ରତି ୧୦୦ଜଣରେ ୨୪ଜଣ ଚର୍ମରୋଗୀ, ୩ଜଣ କିଡ୍‌ନୀ ରୋଗୀ ଓ ୯ଜଣ ଛାତି ଯନ୍ତ୍ରଣାରେ ପୀଡ଼ିତ ହେଉଛନ୍ତି ବୋଲି କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ତରଫରୁ ରୋଲ୍‌ଟା ଇଣ୍ଡିଆ ନାମକ ସଂସ୍ଥା ଦେଇଥିବା ରିପୋର୍ଟରୁ ଏହା ଜଣାପଡିଛି। ଯକ୍ଷ୍ମାରୋଗରେ ବାର୍ଷିକ ୩୪ଜଣ, କିଡ୍‌ନୀ ରୋଗରେ ୨୯ଜଣ, ହୃଦ୍‌ଘାତରେ ୭୮ଜଣ ଓ କର୍କଟରେ ୧୭ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି। ୧୪।୧୨।୨୦୧୮ ଶୁକ୍ରବାର କେବଳ ଗୋଟିଏ ଦିନରେ ୪ ଜଣ କିଡ୍‌ନୀ ରୋଗୀଙ୍କ ମୃତ୍ୟୁ ହୋଇଛି। ରାଜ୍ୟ ସରକାରଙ୍କ ଗେହ୍ଲା ପୁଅ ବୋଲାଉଥିବା ଶିଳ୍ପ କମ୍ପାନୀମାନେ ପ୍ରଦୂଷଣ ଆଇନର ବିଭିନ୍ନ ଧାରାକୁ ମାନୁ ନ ଥିବାରୁ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ହେଉଥିବା କୁହାଯାଉଛି। ବିଶେଷକରି ସର୍ବାଧିକ ପ୍ରଦୂଷଣର କାରଣ ସାଜିଥିବା ନୀଳାଚଳ ଇସ୍ପାତ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର ଚିନ୍ତା ବଢିଯାଇଛି।

ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମ୍ଏମ୍‌ଟିସି, ଓଡ଼ିଶା ସରକାରଙ୍କ ଉଦ୍ୟୋଗ ଇପିକଲ ଏବଂ ଓଏମ୍‌ସିର ଯୌଥ ପରିଚାଳନାରେ ଥିବା ନୀଳାଚଳ ଇସ୍ପାତ ନିଗମ ପ୍ରଦୂଷଣ ନିୟନ୍ତ୍ରଣକୁ ସମ୍ପୂର୍ଣ୍ଣ ଭୁଲି ଯାଇଛି। ଏସ୍‌ପିସିବିର ଅଧିକାଂଶ ନିର୍ଦ୍ଦେଶକୁ ଏହି କମ୍ପାନୀ ମାନୁ ନାହିଁ। ଏସ୍‌ପିସିବିର ନିର୍ଦ୍ଦେଶ ଅନୁଯାୟୀ ମଇଳା ପାଣିକୁ ଫିଲ୍‌ଟର କରୁଥିବା ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ(ବିଓଡି)ନିର୍ଦ୍ଧାରିତ ସମୟରେ ନବୀକରଣ ନ କରିବାରୁ ଗତ ୨୭।୧୧।୨୦୧୭ ତାରିଖ ପତ୍ର ଅନୁସାରେ ୨୦ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ବାଜ୍ୟାପ୍ତ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଗତ ୧୫।୨।୨୦୧୭ ତାରିଖର ପତ୍ର ଅନୁସାରେ କୋକ୍ ଓଭେନ ପ୍ଲାଣ୍ଟରୁ ଉତ୍ପାଦନକୁ କଟକଣା କରାଯାଇଥିଲା। ତଥାପି ଏସ୍‌ପିସିବି ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ୩୧।୩।୨୦୧୯ ତାରିଖ ପର୍ଯ୍ୟନ୍ତ ପରିଚାଳନା ଅନୁମତି ଦିଆଯାଇଛି। ୩୧।୫।୨୦୧୮ତାରିଖ ସୁଦ୍ଧା ସମସ୍ତ ସୌର ବାଷ୍ପିକରଣ ପୋଖରୀ ନିର୍ମାଣ ସମ୍ପନ୍ନ କରିବାକୁ ଅନ୍ୟତମ ସର୍ତ୍ତ ରହିଥିଲା। କିନ୍ତୁ ୩,୪ ଓ ୫ ନମ୍ବର ପୋଖରୀ ଓ ଏହାର ଆନୁସଙ୍ଗିକ ବ୍ୟବସ୍ଥା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏପ୍ରିଲ ୨୦୧୯ତାରିଖ ସୁଦ୍ଧା ଏହିସବୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି କମ୍ପାନୀ ପ୍ରତିଶ୍ରୁତି ଦେଇଛି। ସର୍‌ଫେସ ରନଅଫ୍ ଟ୍ରିଟ୍‌ମେଣ୍ଟ ସିଷ୍ଟମ, ମେକାନିକାଲ ଅପରେଟେଡ ୱେଷ୍ଟ କନ୍‌ଭେଟର, ମଇଳାପାଣି ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଏସ୍‌ଟିପି) ପ୍ରଭୃତି ସ୍ଥାପନ ଓ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ସେଥିରୁ କେତେକ ଶେଷ ହୋଇଥିବାବେଳେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଅନେକ ପ୍ରକଳ୍ପ ଶେଷ ହୋଇପାରି ନାହିଁ। ଏନେଇ ଗତ ୯।୧୧।୨୦୧୮ ତାରିଖରେ ଏସ୍‌ପିସିବି ସହିତ ନୀଳାଚଳ କମ୍ପାନୀର ବୈଷୟିକ ଦଳ ସହ ସବିଶେଷ ଆଲୋଚନା ହୋଇଛି। ଆଲୋଚନା ପରେ ୭ଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ବୋର୍ଡ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ସମସ୍ତ ଆବଶ୍ୟକ ପ୍ରକଳ୍ପ ଶେଷ ଓ ନବୀକରଣ ହେଲା କି ନାହିଁ ସେ ନେଇ ଏସପିସିବି ପକ୍ଷରୁ ମିଳିତ ତଦନ୍ତ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି। ପୂର୍ବରୁ ପ୍ରଦୂଷଣ ବାବଦକୁ ଜମା ବ୍ୟାଙ୍କ ଗ୍ୟାରେଣ୍ଟି ବାଜ୍ୟାପ୍ତ କରିବା ଓ କାରଣ ଦର୍ଶାଅ ନୋଟିସ ଜାରି କରିବାରେ ଏସ୍‌ପିସିବି ମାତିଥିବାବେଳେ ସେହି ଅନୁପାତରେ ନୀଳାଚଳ ଇସ୍ପାତ ପ୍ରଦୂଷଣ ନିୟନ୍ତ୍ରଣ ଆଇନ-୧୯୮୧(ବାୟୁ)ର ଧାରା ୩୧(କ) ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଆଇନ-୧୯୭୪(ଜଳ)ର ଧାରା ୩୩(କ)କୁ ଉଲ୍ଲଂଘନ କରିବାରେ ଲାଗିଛି। ଏଥିରେ ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡିଛି। ଫଳରେ କଳିଙ୍ଗନଗରବାସୀଙ୍କ ପାଇଁ ଶିଳ୍ପାଞ୍ଚଳ ଆଶୀର୍ବାଦ ନୁହେଁ ବରଂ ମୃତ୍ୟୁର ଘଣ୍ଟି ବୋଲି ଏବେ ଶୁଣିବାକୁ ମିଳୁଛି। ଏସମ୍ପର୍କରେ ନୀଳାଚଳ କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା ହେଲା ଯେ, ଏସ୍‌ଟିପି ଓ ମେକାନିକାଲ ୱେଷ୍ଟ କନଭେର୍ଟର ନିର୍ମାଣାଧିନ ଅବସ୍ଥାରେ ରହିଛି। ଏସ୍‌ପିସିବିର ପରାମର୍ଶ ଅନୁଯାୟୀ ଅନେକ ପ୍ରକଳ୍ପ ଶେଷ ହୋଇଥିବାବେଳେ ୫ନମ୍ବର ସୌର ବାଷ୍ପିକରଣ ପୋଖରୀର ଲାଇନିଂ କାର୍ଯ୍ୟ ୨୦୧୯ଜାନୁୟାରୀ ଓ ୩ନମ୍ବର ପୋଖରୀର ଲାଇନିଂ କାର୍ଯ୍ୟ ଏପ୍ରିଲ ୨୦୧୯ସୁଦ୍ଧା ଶେଷ ହେବ । ଏହାବାଦ ଏସପିସିବିର ସମସ୍ତ ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ଜାରିରହିଛି।

### ବିଞ୍ଝାରପୁର ବ୍ଲକରେ ପିଠା ଶିବିର



**ବିଞ୍ଝାରପୁର,୧୫।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାପର ମା' ଦରିଆ ନାହାକାଣୀ ପୀଠ ପରିସରରେ ଶନିବାର ପୂର୍ବାହ୍ନରେ ଓଡ଼ିଶା ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ଉଦ୍ଦେଶ୍ୟରେ ପିଠା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ସିଂହପୁର ସରପଞ୍ଚ ରାଧାରାଣୀ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହିତ ସାଧାରଣ ଲୋକଙ୍କ ନିକଟରେ ସରକାରଙ୍କ ସେବାଗୁଡିକ ସିଧାସଳଖ ପହଞ୍ଚାଇବାର ଏହା ଏକ ସଫଳ ପ୍ରୟାସ ବୋଲି ବିଧାୟିକା ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସିଧାସଳଖ ସେବା ଯୋଗାଇ ଦିଆଯାଇଥିଲା। ଏହି ପିଠା କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଯୋଗଦେଇଥିଲେ। ସେହିପରି ଓଳେଇ-ଚନ୍ଦନପୁର ପଞ୍ଚାୟତରେ ସରପଞ୍ଚ ସୌଭାଗ୍ୟ ସୁନ୍ଦରାୟ ମହାପାତ୍ର, ଉତ୍ତଙ୍ଗରା ସରପଞ୍ଚ ମିନତୀ ସାହୁ, ଗୁହାଳୀ ସରପଞ୍ଚ ଶାନ୍ତନୁ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏକ ପିଠା ଶିବିର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି।

## ଓଷ୍ଟା ପକ୍ଷରୁ ଶିଶୁ ମହୋତ୍ସବ

**ବିଞ୍ଝାରପୁର,୧୫।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳାସ୍ଥିତ ଏସ.ଜି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଓଷ୍ଟା ଆନୁକୂଲ୍ୟରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ଶିଶୁ ମହୋତ୍ସବକୁ ବ୍ଲକ ଓଷ୍ଟାର ସଭାପତି ପ୍ରଦୀପ କୁମାର ମିଶ୍ର ସଂଘର ପତାକା ଉତ୍ତୋଳନ କରିବା ପରେ ବିଦ୍ୟାଳୟର ପ୍ରତିଷ୍ଠାତା ଗଣେଷ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ଶିକ୍ଷକ ନେତା ପୁଷ୍ପକାନ୍ତ ମଲ୍ଲିକ, ସମ୍ମାନିତ ଅତିଥିଭାବେ ରାଜ୍ୟ ଓଷ୍ଟାର ଧନଞ୍ଜୟ କେଶରୀ ରାଉତରାୟ, ଦିଗମ୍ବର ସାହୁ, ଦୁର୍ଯ୍ୟୋଧନ ସାମଲ, କୃଷ୍ଣଚନ୍ଦ୍ର ଥାଟୋଇ, ରାଜ୍ୟ ଓଷ୍ଟାର କର୍ମକର୍ତ୍ତା ସୁବାସ ପ୍ରଧାନ, ପିତାମ୍ବର ସ୍ୱାଇଁ, ସତ୍ୟନାରାୟଣ ପାତ୍ର, ଅଭୟ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବରେ ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର କର ଯୋଗଦେଇ କରି ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ପାଇଁ ଶିଶୁ ମେଳା ହିଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ମତବ୍ୟକ୍ତ କରିଥିଲେ । ଏହି ଶିଶୁମେଳାରେ ୨୩ବିଦ୍ୟାଳୟର ୧୬୨ ଶିଶୁ ପ୍ରତିଯୋଗୀ ଭବାଗନେଇ ତର୍କ, ପ୍ରବନ୍ଧ, ଆବୃତି, ସଙ୍ଗୀତ ସମେତ ୧୦ବିଭାଗରେ ଅଂଶ ଗ୍ରହଣ କରିଥିଲେ। କୃତକାର୍ଯ୍ୟ ଶିଶୁଙ୍କୁ ପୁରସ୍କୃତ କରାଯାଇଥିବାବେଳେ ସେମାନେ ଆସନ୍ତା ୨୨ତାରିଖ ଜିଲାସ୍ତରୀୟ ଶିଶୁ ମେଳାରେ ଭାଗନେବେ ବୋଲି ଜଣାପଡିଛି। ଏହି ଅବସରରେ ଶିକ୍ଷକ ଗୌରାଙ୍ଗ ଚରଣ ରାଉତରାୟ,ଭରତ ଚନ୍ଦ୍ର ତ୍ରିପାଠୀ, ଭୀମସେନ ସାହୁ, ଅମୀୟ ରଞ୍ଜନ ଦାସ ଭରତ ଚନ୍ଦ୍ର ବାରିକ, ପ୍ରମୁଖଙ୍କୁ ଓଷ୍ଟା ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ବ୍ଲକସ୍ତରୀୟ ଶିଶୁ ମେଳାକୁ ଓଷ୍ଟାର ରତ୍ନାକର ସାହୁ, ମୀନକେତନ ପୁହାଣ, ସମରେନ୍ଦ୍ର ମାଝି, ଇନ୍ଦ୍ରଜିତ ପୁଜାରୀ ପ୍ରମୁଖ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ୋତ୍ସବ

**ଯାଜପୁର ଅଫିସ,୧୫।୧୨**

ଯାଜପୁର ଜିଲା ବ୍ୟାସନଗର ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ବିଭିନ୍ନ ବର୍ଗରେ ୭୬୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅଶୋକ କୁମାର ବୋଷ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରତିଯୋଗୀଙ୍କୁ ଶପଥପାଠ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ସମ୍ପାଦକ ଦିଲ୍ଲୀପ କୁମାର ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।



## ସର୍ବଭାରତୀୟ ଶିଶୁ ଚିକିତ୍ସକ ସଂଘ ବାର୍ଷିକ ସମ୍ମିଳନୀ

### ଡାକ୍ତର ପ୍ରସନ୍ନ ସାହୁ ଓଡିଶା ଶାଖା ସଭାପତି ନିର୍ବାଚିତ

**ଯାଜପୁର ଅଫିସ,୧୫।୧୨**



ଯାଜପୁର ଜିଲା ବ୍ୟାସନଗର ସହରର ଡାକ୍ତର ପ୍ରସନ୍ନ କୁମାର ସାହୁ ସର୍ବଭାରତୀୟ ଶିଶୁ ଚିକିତ୍ସକ ସଂଘ ଓଡିଶା ଶାଖାର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଡାକ୍ତର ସାହୁ ୨୦୧୯ରେ ନିର୍ବାଚିତ ସଭାପତି ଓ ୨୦୨୦ରେ ପୂର୍ଣ୍ଣକାଳୀନ ସଭାପତି ଭାବେ ଦାୟିତ୍ୱ ତୁଲାଇବେ। ବାଲେଶ୍ୱରରେ ଏକ ହୋଟେଲରେ ଅନୁଷ୍ଠିତ ସର୍ବଭାରତୀୟ ଶିଶୁ ଚିକିତ୍ସକ ସଂଘ ଓଡିଶା ଶାଖାରର ୩୯ତମ ବାର୍ଷିକ ସମ୍ମିଳନୀରେ ଏହି ନିଷ୍ପତ୍ତି ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା, ଓଡିଶା ବାହାରୁ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ଇନ୍ଦୋର, ବିଶାଖାପାଟନା, ହାଇଦ୍ରାବାଦ ଓ କଲିକତା ସହରରୁ ଏବଂ ବିଦେଶରୁ ଇଂଲଣ୍ଡ ଓ ଆମେରିକାରୁ ୩୫୦ରୁ ଉର୍ଦ୍ଧ୍ୱ ଶିଶୁ ଚିକିତ୍ସକ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ବ୍ୟାସନଗର ସହରର ଶିଶୁ ବିଶେଷଜ୍ଞ ଡାକ୍ତର ପୁଲକ ରଞ୍ଜନ ମଲ୍ଲିକ, ଡାକ୍ତର ରାଜୀବ ଲୋଚନ ସେଠୀ ଓ ଡାକ୍ତର ସାହୁ ଯୋଗଦାନ କରି ଶିଶୁ ଚିକିତ୍ସା କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହାସହ ଡାକ୍ତର ସାହୁ ଦୁଇଟି ଅଧିବେଶନରେ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିଳ୍ପ ବାଣିଜ୍ୟ ମେଳା ଉଦ୍‌ଯାପିତ
## ଜିଲାପାଳଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନ

**ଯାଜପୁର ଅଫିସ,୧୫।୧୨**

୨୯ତମ ଶିଳ୍ପ ବାଣିଜ୍ୟ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ମେଳା ଅଧକ୍ଷ ଜିତେନ୍ଦ୍ର ପ୍ରତିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ନେହଲତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଜିଲାପାଳ ଦାସ କହିଥିଲେ ଯେ, ବାଣିଜ୍ୟ ମେଳାରେ କଳିଙ୍ଗନଗର ଶିଳ୍ପ କାରଖାନା ପ୍ରତିନିଧିତ୍ୱ ନ କରିବା ଦୁର୍ଭାଗ୍ୟଜନକ। ଶିଳ୍ପ କାରଖାନାଗୁଡ଼ିକ କାହାରି କଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଏପରିକି ସିଏସଆର କାର୍ଯ୍ୟ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ଏ ସଂକ୍ରାନ୍ତୀୟ ଏକ ଜାତୀୟସ୍ତରରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ବରିଷ୍ଠ ଖବରଦାତା ରାଜାରାମ ଶତପଥି ମୁଖ୍ୟବକ୍ତା ଓ ଫେରୋକ୍ରୋମ କାରଖାନାର ଏମଡି ବୀରକିଶୋର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୃତ୍ୟ ଶିକ୍ଷକ ଭୋଲାରାମ ଘୋଷଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ମାନସ ରଞ୍ଜନ ସାମଲ, ବଳଦେବ ନନ୍ଦ, ଶୁଭାଶିଷ ରାଉତ, ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ। ମେଳା କମିଟିର ସଭ୍ୟ ସଂଗ୍ରାମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ବରେନ୍ଦ୍ର କୃଷ୍ଣ ଧଳ ସ୍ନେହଲତା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।


**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ ଗୁଡ଼ିକର ଇ-କ୍ରୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ : ECoRCONTP181909 ତା. 11.12.2018 ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲ ରେ ଟ୍ରାକ୍ ଫିଟିଙ୍ଗଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।

PR-94/CB/18-19 ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / TP, ଭୁବନେଶ୍ୱର

**OFFICE OF THE ACCOUNTANT GENERAL (G&SSA), ODISHA, BHUBANESWAR**
(INDIAN AUDIT AND ACCOUNTS DEPARTMENT)
(GOVERNMENT OF INDIA)

No.- Welfare (AU)/A&ARC/IV/18/18-19/497 Dated: 13.12.2018

**NOTICE INVITING TENDER**

Office of the Accountant General (G&SSA), Odisha, Bhubaneswar invites sealed tenders from reputed and experienced contractors for the Construction of asphalt base Synthetic Tennis Court. Interested and qualified vendors may see the details on website https://www.agodi.cag.gov.in/agodisha/tender.jsp.

*Sr. Deputy Accountant General/ Admn.*

**FORM NO.13**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 319/2018**
**BETWEEN**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant

AND

M/s. Sai Poultry Farm and others ...Defendants

To,

1. **M/s. Sai Poultry Farm,** At: Khaliapali, Janhapada, P.O.: Attabira, Dist.: Bargarh, Represented through its proprietress Smt. Reddy Sati Ratnam.
2. **Smt. Reddy Sati Ratnam,** W/o- Reddy Jai Babu, At/P.O.: Kuruan, P.S/Dist.: Bargarh.
3. **Sri Reddy Jai Babu,** S/o- Reddy Olia Sadhu, At/P.O.: Kuruan, Dist.: Bargarh.
4. **Smt. Penumurti Sridebi,** W/o- Penumurty Veer Raju, At/P.O.: Babebira Canal, Attabira, Dist.: Bargarh.
5. **Sri Penumurty Veer Raju,** S/o- P. Janakia Rama Rao, At/P.O.: Babebira Canal, Attabira, Dist.: Bargarh.
6. **Smt. Meka Yerabeni,** W/o- M. Trimurty, At/P.O.: Adgaon, Attabira, Dist.: Bargarh.
7. **Smt. Reddy Laxmi,** W/o- Reddy alia Sadhu, At/P.O.: Kuruan, Dist.: Bargarh.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 319 / 18** in the Court of Debts Recovery Tribunal at Cuttack for a recovery of **Rs.71,97,785.16** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **25th day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2018.**

Sd/- Registrar (I/C)
Debts Recovery Tribunal

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 238 of 2018**

**State Bank of India, Stressed Assets Recovery Branch (SARB),** Sambalpur, At: Ainthapali, Husain House, P.O/Dist.: Sambalpur-768004 ...Applicant

-Versus-

Chandram Munda ...Defendant

To,

1. **Chandram Munda,** S/o-Jayaram Munda, At: Deheripali, Budharaja, Dist.: Sambalpur-768004.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **OA. No. 238 of 2018** in the Court of Debts Recovery Tribunal at Cuttack for a recovery of **Rs.16,65,980.13** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **21st day of Jan. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **28th day of Nov. 2018.**

Sd/- Registrar (I/C)
Debts Recovery Tribunal

**CENTRAL ELECTRICITY SUPPLY UTILITY OF ODISHA**
2nd Floor, IDCO Towers, Janapath, Bhubaneswar-751022, Odisha

**PUBLIC NOTICE**

**Publication of Applications u/S. 64(2) of the Electricity Act, 2003 read with Reg. 53(7) of the OERC (Conduct of Business) Regulations, 2004 for approval of Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2019-20 filed by Central Electricity Supply Utility of Odisha (CESU) before the Odisha Electricity Regulatory Commission, Bhubaneswar-21.**

1. **The Central Electricity Supply Utility of Odisha (CESU), a deemed Distribution Licensee under Sec. 14 of the Electricity Act, 2003** has submitted its Application to the Odisha Electricity Regulatory Commission on **30.11.2018** for approval of its **Aggregate Revenue Requirement and determination Wheeling Tariff & Retail Supply Tariff for the Financial Year 2019-20**, which has been **registered as Case No.77/2018.** The application has been filed under Section 62 and other applicable provisions of the Electricity Act, 2003 read with OERC (Terms and Conditions for Determination of Wheeling Tariff & Retail Supply Tariff) Regulations, 2014 and OERC (Conduct of Business) Regulations, 2004. The Commission has decided to dispose of the case through a public hearing.

2. Copies of the aforesaid filing together with supporting materials are available with the Chief Executive Officer of Central Electricity Supply Utility of Odisha, Bhubaneswar and all Executive Engineers in charge of Distribution Divisions viz. (i) B.C.D.D.-I, Bhubaneswar, (ii) B.C.D.D-II, Bhubaneswar, (iii) Bhubaneswar Electrical Divn., Bhubaneswar, (iv) C.D.D-I, Cuttack, (v) C.D.D-II, Cuttack, (vi) Cuttack Electrical Divn., Cuttack, (vii) Puri Electrical Divn., Puri, (viii) Khurda Electrical Divn., Khurda, (ix) Balugaon Electrical Division, Balugaon, (x) Nayagarh Electrical Divn., Nayagarh, (xi) Nimapara Electrical Divn, Nimapara, (xii) Kendrapara Electrical Divn. No.I, Kendrapara, (xiii) Kendrapara Electrical Divn. No.II, Marsaghai, (xiv) Jagatsinghpur Electrical Divn., Jagatsinghpur, (xv) Paradeep Electrical Division, Paradeep, (xvi) Athagarh Electrical Divn., Athagarh, (xvii) Salipur Electrical Divn., Salipur, (xviii) Talcher Electrical Divn., Chainpal, (xix) Dhenkanal Electrical Divn., Dhenkanal and (xx) Angul Electrical Divn., Angul.

3. (a) Interested persons may inspect/peruse the relevant records pertaining to the matter enumerated in Para (1) above and take note thereof at the offices mentioned at Para (2) above during office hours on or before **16.01.2019** by making a plain paper application to any one of the aforesaid authorities. Alternately, the above public notice along with the details of filing and relevant matters may be downloaded from the Central Electricity Supply Utility's website **www.cescoorissa.com** as well as the Commission's website **www.orierc.org**.
(b) A summary of the proposal will be posted in the Commission's website after **11.01.2019** for general reference.

4. Salient features of the Revenue Requirement and Tariff Application shall be available during office hours to the interested persons from the offices mentioned at Para (2) above on payment of the photocopying charges (Rs.50/-) on or before **16.01.2019**.
The said salient features as submitted by the licensee include :-
(i) write up on the application, (ii) calculation of expected revenue from existing and proposed tariff, (iii) Information on subsidy, (iv) calculation of revenue requirement, (v) balance sheet, (vi) profit & loss account.

5. A full set of the Aggregate Revenue Requirement and determination Wheeling Tariff & Retail Supply Tariff for the Financial Year **2019-20** application can also be obtained during office hours from the offices mentioned at Para (2) above on payment of the photocopying charges, (Rs.200/-) only on or before **16.01.2019**.

6. Suggestions/objections, if any, together with supporting materials may be filed before the SECRETARY, ODISHA ELECTRICITY REGULATORY COMMISSION, PLOT NO.4, CHUNOKOLI, SAILASHREE VIHAR, BHUBANESWAR-751021 in person or through Registered Post/Courier Services only so as to reach him on or before **16.01.2019 positively**. A copy of the said suggestions/objections along with relevant documents shall also be served on the undersigned.
(a) The suggestions/objections should be filed in seven copies and should carry full name and postal address with PIN Code of the person/ organizations/ institutions sending the suggestions/objections and shall be supported by an affidavit.
(b) There shall be clear indication if the suggestions/objections are being filed on behalf of any organization/institution representing any category of consumers. It should also be specifically mentioned, if it is to be heard in person by the Commission.
(c)Suggestions/objections received after the date mentioned above or those which will prove deficient on any or more of the above points may not be admitted for hearing. Only those objections/suggestions supported through affidavit will be taken up for hearing.

7. As directed by the Commission, the date & place of public hearing shall be duly published in the newspaper and also be communicated to the parties whose objections are admitted.

Dated : 15.12.2018

Chief Executive Officer,
Central Electricity Supply Utility of Odisha

**Note :** i)The above public notice is also available in Central Electricity Supply Utility's website **www.cescoorissa.com** as well as in Commission's website **www.orierc.org**.
ii) In case of any ambiguity in the notice published in the Odia language, the notice published in English language may be referred for authenticity.

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଆଜିଠୁ ପହିଲି ଭୋଗ

ପୁରୀ ଅଫିସ, ୧୫।୧୨: ରବିବାର ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୩ଟାରେ ଦ୍ୱାରଫିଟିବ। ରାତି ୧୦ଟାରେ ବଡ଼ସିଂହାର ବେଶ ହୋଇ ରାତ୍ର ୧୧ଟାରେ ପହୁଡ଼ ନୀତି ସମ୍ପନ୍ନ ହେବ। କେବଳ ଆସନ୍ତା ୩୧ ତାରିଖ ରାତି ସାଢ଼େ ୯ଟାରେ ଠାକୁରଙ୍କ ପହୁଡ଼ ହୋଇ ରାତି ୨ଟାରେ ଦ୍ୱାର ଫିଟିବ ବୋଲି ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଛି। ଶନିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଚୂଡ଼ାନ୍ତ ହୋଇଛି। ଏହାବ୍ୟତୀତ କାର୍ତ୍ତିକ ମାସର ନୀତି ସମୀକ୍ଷା କରାଯାଇଥିଲା।

### ଡାକ ମାଧ୍ୟମରେ ଜମିପଟ୍ଟା ପ୍ରେରଣ

ବୋଲଗଡ଼,୧୫।୧୨(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ବୋଲଗଡ ତହସିଲ ପକ୍ଷରୁ ଶନିବାର ଡାକ ମାଧ୍ୟମରେ ଲୋକଙ୍କୁ ଜମିପଟ୍ଟା ପ୍ରେରଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ବୋଲଗଡ ଡାକଘରଠାରେ ତହସିଲଦାର ପ୍ରେମାଂଶୁ ଚାନ୍ଦ ୧୪ଟି ପଟ୍ଟା ସମ୍ପୃକ୍ତ ଜମିର ମାଲିକଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଖୋର୍ଦ୍ଧା ଜିଲାରେ ପ୍ରଥମ କରି ବୋଲଗଡ ତହସିଲ ପକ୍ଷରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ତହସିଲଦାର ଚାନ୍ଦଙ୍କଠାରୁ ପ୍ରକାଶ ଯେ, ଜମି ରେଜିଷ୍ଟ୍ରେଶନ କରିଥିବା ଲୋକମାନେ ପଟ୍ଟା ପାଇଁ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡୁଥିବାରୁ ସରକାରଙ୍କ ପକ୍ଷରୁ ନୂତନ ଭାବେ ଏହି ବ୍ୟବସ୍ଥା କରାଯାଇଛି।

# କୃଷ୍ଣପ୍ରସାଦରେ କୁକୁଡ଼ାମରା ଅଭିଯାନ ଜାରି

କୃଷ୍ଣପ୍ରସାଦ,(ଡି.ଏନ.ଏ.)/ପୁରୀ ଅଫିସ,୧୫।୧୨

**ବାର୍ଡ ଫ୍ଲୁ ଆତଙ୍କ**
- ଦ୍ୱିତୀୟ ଦିନରେ ୨୭୬ କଲିଂ
- ଘରୋଇ କୁକୁଡ଼ା ଦେବାକୁ ବିରୋଧ
- ୯୪ ଅଣ୍ଡା, ୫ କେଜି ଦାନା ପୋତାଗଲା
- ୭୦ ପରିବାରକୁ ଦିଆଗଲା କ୍ଷତିପୂରଣ ସହାୟତା
- ସହଯୋଗ କରିବାକୁ ପ୍ରଶାସନର ଅନୁରୋଧ

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ କୁକୁଡ଼ା ମରା ଅଭିଯାନ (କଲିଂ) ଜାରି ରହିଛି। ଶୁକ୍ରବାର ପ୍ରଥମ ଦିନରେ ଦୁଇଟି ଫାର୍ମରୁ ୩୯୯ଟି କୁକୁଡ଼ା ମରାଯାଇଥିବା ବେଳେ ଶନିବାର ୨୭୬ଟି ଘରୋଇ କୁକୁଡ଼ା ମରାଯାଇଛି। ଏଥିସହ ୯୪ଟି ଅଣ୍ଡା ଏବଂ ୫ କେଜି ଦାନା ପୋତାଯାଇଥିବା ଜଣାପଡିଛି। କୁକୁଡ଼ା ମାରିବାକୁ ଯାଇଥିବା ରାପିଡ୍ ରେସପନ୍ସ ଟିମ୍ (ଆରଆରଟି)କୁ ଦ୍ୱିତୀୟ ଦିନରେ ମାଲୁଦ ମୁସ୍‌ଲିମ ବସ୍ତିରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଘରେ ପାଳିଥିବା କୁକୁଡ଼ା ଟିମ୍‌କୁ ଦେବାକୁ କେତେଜଣ ଲୋକ ପ୍ରଥମେ ମନା କରିଥିଲେ। ମାତ୍ର ପୋଲିସ ଏବଂ ଟିମ୍ ସଦସ୍ୟଙ୍କ ବୁଝାଶୁଝା ପରେ ସେମାନେ କୁକୁଡ଼ା ହସ୍ତାନ୍ତର କରିଥିଲେ। ବାର୍ଡ ଫ୍ଲୁ କିପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପିବ ସେଥିଲାଗି ପ୍ରଶାସନକୁ ସହଯୋଗ କରିବା ଲାଗି ସିଡିଭିଓ ଗିରିଜା ପ୍ରସାଦ ପଟ୍ଟନାୟକ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।।

କୃଷ୍ଣପ୍ରସାଦ ପ୍ରାଣୀ ଚିକିତ୍ସାଳୟର ଅଧିକାରୀ ଦୟାନିଧି ବେହେରାଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୧୦ଟାରେ ୫ଟି ଟିମ୍ ମାଲୁଦ ଗାଁରେ ପହଞ୍ଚିଥିଲେ। ସେଠାରେ କୁକୁଡ଼ା ମାରିବା ପରେ ଟିମ୍ ଅଦଲାବାଦ, ଫତେପୁର, ପଥରଗଞ୍ଜ ଏବଂ ନଳିତାକୁଦି ଗାଁକୁ ଯାଇ ଘରୋଇ କୁକୁଡ଼ାଙ୍କୁ ମାରିଥିଲେ। ଏହି ୫ଟି ଗାଁରେ ମୋଟ ୨୭୬ଟି କୁକୁଡ଼ା ମରାଯାଇ ଶୁକ୍ରବାର ଗାତ ଖୋଳାଯାଇଥିବା ସ୍ଥାନରେ ଫିନାଇଲ, ବ୍ଲିଚିଂ ଓ ଚୂନ ପକାଇ ପୋତାଯାଇଛି। ଅନ୍ୟପକ୍ଷରେ ରବିବାର ଉପରୋକ୍ତ ୫ଟି ଗାଁରେ ରହିଯାଇଥିବା ଅବଶିଷ୍ଟ କୁକୁଡ଼ାଙ୍କୁ ମରାଯିବ ବୋଲି ବେହେରା କହିଛନ୍ତି।

ଅନ୍ୟପକ୍ଷରେ ବ୍ଲକ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ନନ୍ଦ କହିଛନ୍ତି, ଶନିବାର ମରାଯାଇଥିବା ଘରୋଇ କୁକୁଡ଼ା ବାବଦ ୭୦ ପରିବାରକୁ ସରକାରୀ ଧାର୍ଯ୍ୟ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଇଛି। ଛୋଟ କୁକୁଡ଼ା ଗୋଟା ପ୍ରତି ୨୦ ଟଙ୍କା ଏବଂ ବଡ଼ କୁକୁଡ଼ା ଗୋଟା ପ୍ରତି ୭୦ ଟଙ୍କା ଦିଆଯାଇଛି। ମାଲୁଦଠାରୁ ୧୦ କିମି ଦୂର ବ୍ରାହ୍ମଣଦେଓ ଗାଁରେ ବାର୍ଡ ଫ୍ଲୁ ବ୍ୟାପିଥିବା ଶୁଣିବାକୁ ମିଳିଛି। ସେଠାରେ କାଉ, କୁକୁଡ଼ା ଏବେ ବି ମରୁଛନ୍ତି। ରବିବାର ଟିମ୍ ସେହି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନେବ ବୋଲି ନନ୍ଦ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତୀଲୋ ! ସତେଇ ହଉଛୁ କେତେ ?**
**ତୋ ଘର ନିଆଁ ଅଣ୍ଟିରେ ପୂରେଇ,**
**ଖଟେଇ ହଉଚୁ ମତେ ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୁର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସାତକୁ ହେଲା ସତର;**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଣ୍ଡିଲା,**
**ମଲିଟି ମୁହିଁ ଏଥର ।**

ଶାଶୁ ବୋହୂ କି ନଣନ୍ଦ ଭାଉଜଙ୍କ ମଧ୍ୟରେ ଭଲ ନ ପଡ଼ିଲେ ପରିବାରରେ ନାନା ଅଶାନ୍ତି ଘଟିଥାଏ। ମନ ସହ ମନ ନ ମିଶିବା ଫଳରେ ନାନା ବିଶୃଙ୍ଖଳା ଘଟିବା ସ୍ଥିର ନିଶ୍ଚିତ ହୋଇଯାଇଥାଏ। ଯେତେବେଳେ ଉଭୟ ଶାଶୁ ଓ ନଣନ୍ଦ ମିଶି ମିଛ ସତ କହି ନାନା ଅତ୍ୟାଚାର କରିବସନ୍ତି ସେତେବେଳେ ବିଚାରୀ ବୋହୂ ପକ୍ଷେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଶ୍ରୀମନ୍ଦିର କାର୍ଯ୍ୟାଳୟ ନାଁରେ ଠକେଇ
# ମିଥ୍ୟା ନିଯୁକ୍ତିପତ୍ର ଦେଇ ଯୁବକ ଠକିଛନ୍ତି ଲକ୍ଷାଧିକ ଟଙ୍କା

ପୁରୀ ଅଫିସ,୧୫।୧୨

ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇଦେବାକୁ କହି ପୁରୀର ଜଣେ ଯୁବକ ଖୋର୍ଦ୍ଧା ଜିଲା ଦଳେଇପୁଟର ୬ ଜଣ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଶନିବାର ୩ ଯୁବକ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ସିଂହଦ୍ୱାର ଥାନାରେ ଜଣାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଠକେଇର ଶିକାର ହୋଇଥିବା ଯୁବକଙ୍କ ଅଭିଯୋଗ ଅନୁଯାୟୀ, ପୁରୀର



ଠକେଇର ଶିକାର ୩ ଯୁବକ।

ଜଣେ ଯୁବକ ଶ୍ରୀମନ୍ଦିରର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଆମ ଅଞ୍ଚଳରେ ତାଙ୍କର ସମ୍ପର୍କୀୟ ରହିଥିବାରୁ ବିଶ୍ୱାସ କରିଥିଲୁ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ କିରାଣି ଚାକିରି କରାଇ ଦେବାକୁ କହି ସେ ଜଣକ ଠାରୁ ୩୩ ହଜାର, ଅନ୍ୟ ଜଣେ ୨୦ ହଜାର ଓ ଅନ୍ୟ ଜଣକଠାରୁ ୧୬ ହଜାର ଟଙ୍କା ନେଇଛନ୍ତି। ମାଟ୍ରିକ୍ ପାସ୍ କରି ନ ଥିବାରୁ ସେ ପାସ୍ ସାର୍ଟିଫିକେଟ ବାହାର କରିଦେବେ କହି ୫ ହଜାର ଟଙ୍କା ଲେଖାଏ ଅଧିକ ମଧ୍ୟ ନେଇଛନ୍ତି। କିନ୍ତୁ ସମ୍ପୃକ୍ତ ଯୁବକ ଦେଇଥିବା ନିଯୁକ୍ତିପତ୍ର ଜାଲ୍ ବୋଲି ଜାଣିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ଏ ସମ୍ପର୍କରେ ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି ୩ ଯୁବକ ଥାନାକୁ ଆସି ମୌଖିକ ଭାବେ ଠକେଇର ଶିକାର ହୋଇଥିବା କହିଛନ୍ତି। ସେମାନେ ଯାହା ମାଧ୍ୟମରେ ଟଙ୍କା ଦେଇଥିଲେ ତାଙ୍କୁ ଡକାଯାଇଛି। ସେ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ୩ ଯୁବକ ମିଥ୍ୟା ନିଯୁକ୍ତିପତ୍ର ଧରି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସିଥିଲେ। ଏଭଳି କୌଣସି ପଦବୀ ପାଇଁ ମନ୍ଦିର କାର୍ଯ୍ୟାଳୟ ବିଜ୍ଞାପନ ବାହାର କରିନାହିଁ। ଯଦି କେହି କିଛି ବାହାରୁ ଶୁଣୁଛନ୍ତି ତେବେ କାର୍ଯ୍ୟାଳୟକୁ ଆସି ପ୍ରଥମେ ନିଶ୍ଚିତ ହେବା ଦରକାର ବୋଲି ସେମାନଙ୍କୁ କୁହାଯାଇଥିଲା।

### ବାଇକ୍ ଦୁର୍ଘଟଣାରେ ଶିଶୁ ଗୁରୁତର ଘଟଣା
# ବାଇକ୍ ଚାଳକ ଦେଲେ ଚୋରି ମାମଲା: ଶିଶୁର ବାପା ଗିରଫ

ଦାରିଙ୍ଗବାଡ଼ି, ୧୫।୧୨ (ଡି.ଏନ.ଏ.): ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏକ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଡବୁଲୁମାହାର ସୁରେଶ ପଟ୍ଟନାୟକ। ତାଙ୍କଠାରୁ ଏକ ନମ୍ବର ବିହୀନ ବାଇକ୍ ପୋଲିସ ଜବତ କରିଛି। ସିମନବାଡ଼ିର ବିଦ୍ୟାଧର ସାହୁ ଏହି ଅଭିଯୋଗ କରିଥିଲେ। ତାଙ୍କ ସାନ ଭାଇ ଦଣ୍ଡପାଣି ସାହୁ ଏକ ଦୁର୍ଘଟଣା ଘଟାଇ କହି ସୁରେଶ ଏବଂ ତାଙ୍କ ସହଯୋଗୀ ବାଇକଟିକୁ ଛଡ଼ାଇ ନେବା ସହ ୩୦ ହଜାର ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ଟଙ୍କା ଦିଆଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ନଂ. ୧୫୬/୧୮ ରୁଜୁ କରାଯାଇ ଗିରଫ କରାଯାଇଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ଗିରଫ କରିବା ବଦଳରେ ଗୁରୁତର ହୋଇଥିବା ଶିଶୁ ବାପାଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଥିବା ଅଞ୍ଚଳବାସୀ ଓ ଗିରଫ ସୁରେଶଙ୍କ ସ୍ତ୍ରୀ ନିହାରିକା ଅଭିଯୋଗ କରିଛନ୍ତି। ପ୍ରକାଶଯେ ଗତ ନଭେମ୍ବର ୨୫ରେ ସୁରେଶଙ୍କ ୪ ବର୍ଷର ଶିଶୁ ବାଇକ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ସେହି ସମୟରେ ସୁରେଶଙ୍କ ସମେତ ତାଙ୍କ ସହଯୋଗୀ ବାଇକଟିକୁ ଛଡ଼ାଇ ରଖିବା ସହ ୩୦ ହଜାର ଟଙ୍କା ଦାବି କରିଥିଲେ। ଏଥିରେ ବିଦ୍ୟାଧରଙ୍କ ପରିବାର ପକ୍ଷରୁ ୧୫ ହଜାରଟଙ୍କା ପ୍ରଦାନ କରାଯାଇ ବାଇକ୍‌କୁ ମାଗିଥିଲେ। କିନ୍ତୁ ଆଉ ୧୫ ହଜାର ଦେଲେ ଫେରାଇ ଦିଆଯିବ ବୋଲି ସୁରେଶ ଦାବି କରିଥିବା ବିଦ୍ୟାଧର କହିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦିନିକିଆ କନ୍ଧମାଳ ଗସ୍ତ

ଫୁଲବାଣୀ ଅଫିସ/ଦାରିଙ୍ଗବାଡି, (ଡି.ଏନ.ଏ.) ୧୫।୧୨

କନ୍ଧମାଳ ଜିଲାକୁ ଶନିବାର ଦିନିକିଆ ଗସ୍ତରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ କୁମାର ଜେନା ଆସିଥିଲେ। ଫୁଲବାଣୀ ଓ ଦାରିଙ୍ଗବାଡିର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରଥମେ ଫୁଲବାଣୀରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ୍ ସେବା, ବାର୍ଦ୍ଧକ୍ୟ ରୋଗ ଜନିତ ସେବା ୱାର୍ଡ଼, ଔଷଧ ପ୍ରତିରୋଧ ଯକ୍ଷ୍ମା ରୋଗୀ ସେବା କେନ୍ଦ୍ର, ରକ୍ତ ଶିକୁଳି ରୋଗୀ ସେବାକେନ୍ଦ୍ର, ଡିଜିଟାଲ୍ ରୋଗୀ ପଞ୍ଜୀକରଣ ସେବାକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ପ୍ରସବ ଯାନ ଏବଂ ବାଇକ୍ ଆମ୍ବୁଲାନ୍ସକୁ ଲୋକାର୍ପିତ କରିଥିଲେ। ବାଲନ୍ଦାପଡ଼ା ଚିକିତ୍ସା କେନ୍ଦ୍ର ପାଇଁ ମାତୃତ୍ୱ ପ୍ରତୀକ୍ଷାଳୟର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାରେ ଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ।

ନିକଟ ଭବିଷ୍ୟତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ହେବ। ଏହା ପୂର୍ବରୁ ପ୍ଲାନ ପ୍ରସ୍ତୁତ କରି ସେଠାରେ ଉତ୍‌ଥାପନ କଲେ ଜିଲାକୁ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମସ୍ତ ସୁବିଧା ସୁଯୋଗ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯିବା ଦିଗରେ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ନିକଟରେ ୧୯୫୦ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୟାସ ଆରମ୍ଭ ହୋଇଥିବା ସେ ସୂଚନା ଦେବା ସହିତ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅନ୍ୟାନ୍ୟ ପଦବୀ ଯଥାଶୀଘ୍ର ପୂରଣ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଫୁଲବାଣୀ ବିଧାୟକ ଦୁଗୁନି କହଁର ସିଟି-ସ୍କାନ୍ ମେସିନ୍ ସ୍ଥାପନ, ରେଡ଼ିଓଲୋଜିଷ୍ଟ ପଦବୀ ପୂରଣ, ଜିଲାରେ ମେଡ଼ିକାଲ୍ କଲେଜ୍ ପ୍ରତିଷ୍ଠା ଆଦି ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ସେମାନଙ୍କ ଦାବି ରଖିଥିଲେ। ଜିଲାପାଳ ଡ. ବୃନ୍ଦା ଡି. ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଅପରାହ୍ନରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମନ୍ତ୍ରୀ ଜେନା ପହଞ୍ଚିଥିଲେ। ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ପୁଷ୍ଟି ପୁନର୍ବାସ କେନ୍ଦ୍ର, ଜନନୀ ସୁରକ୍ଷା ଅଟୋ ଉଦ୍‌ଘାଟନ କରିଥିଲେ। ବୁଡାଗୁଡ଼ା ସମେତ ତାଜୁଙ୍ଗିଆ, କୁମ୍ଭାରୀଗାଁ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ପାଇଁ ଉକ୍ତ ୩ ଅଟୋ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ମା' ଗୃହକୁ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

ମନ୍ତ୍ରୀଙ୍କ ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଲ୍ଲିକ,ବିଧାୟକ ଜାକବ ପ୍ରଧାନ, ଆକାଂକ୍ଷା ପ୍ରଧାନ, ସିଡିଏମଓ ସମୀର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ, ଏମପି ପ୍ରତିନିଧି ଦୀପକ କୁମାର ସାହୁ, ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଜୟପାଲ ସେନାପତିଙ୍କ ସମେତ ଡିପିଏମ୍ ବୁଲୁନାଥ ସାହୁ, ଡାକ୍ତର ସୁମନ୍ତ ପଣ୍ଡା, ଅମ୍ବିକା ଶତପଥୀ, ବିପିଏମ ଅମୂଲ୍ୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦଧିବାମନ ଜୀଉ ବାର୍ଷିକ ଶିଶୁକ୍ରୀଡା ପ୍ରତିଯୋଗିତା

ଦଶପଲ୍ଲା,୧୫।୧୨ (ଡି.ଏନ.ଏ.)- ଦଶପଲ୍ଲା ବ୍ଲକ ତେଣ୍ଡାବାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶନିବାର ଦଧିବାମନ ଜୀଉ ବାର୍ଷିକ ଶିଶୁ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସିଆରସିସି ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ତେଣ୍ଡାବାଡି ନୋଡାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜଗାପୁର କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୌଡ, ଲମ୍ଫଡିଆଁ, ଅନ୍ଧପୁଚୁଳି, ମ୍ୟୁଜିକ୍ ଚେୟାର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସାହୁ ମୁଖ୍ୟବକ୍ତା ଓ ଏବିଇଓ ବଟକୃଷ୍ଣ ପଣ୍ଡା, ଶ୍ୟାମସୁନ୍ଦର ଜାନି, ଗୋପବନ୍ଧୁ ଦେହୁରି, ସରପଞ୍ଚ ବିଜୟିନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+Laptop+Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ୍ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। [illegible]
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଲେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୫୯୭୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

BUSINESS
SURYA କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯାହାର ଆଖି ନଷ୍ଟ ହୋଇଯାଇଛି, ସେ ଅନ୍ଧ ନୁହେଁ, ଯେ ନିଜର ଦୋଷ ଘୋଡ଼ାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ



## ସଂକ୍ଷେପରେ

### ଦିନ ଦ୍ୱିପ୍ରହରରେ ରାହାଜାନି ଘଟଣାର ତଦନ୍ତ

**ନୟାଗଡ଼ ଅଫିସ,୧୫।୧୨:** ଶୁକ୍ରବାର ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଅଞ୍ଚଳରେ ଦିନ ଦ୍ୱିପ୍ରହରରେ ହୋଇଥିବା ରାହାଜାନି ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଲୁଟେରାମାନେ ବ୍ୟବହାର କରିଥିବା ବାଇକ୍‌ଟି ଗଞ୍ଜାମ ଜିଲାର ହୋଇଥିବା ପୋଲିସକୁ ସୂଚନା ମିଳିଛି। ବ୍ୟାଙ୍କ୍‌ରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରିବା ସହିତ ଆରଟିଓ କାର୍ଯ୍ୟାଳୟରୁ ବାଇକ୍ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛି ଗୋଡ଼ିପଡ଼ା ଫାଣ୍ଡି ପୋଲିସ। ପ୍ରକାଶ ଯେ, ଗୋଡ଼ିପଡ଼ା ଫାଣ୍ଡି ଅନ୍ତର୍ଗତ ଜାଗିରି ଖଇରପଟି ଗ୍ରାମର ରଶ୍ମିତା ସାହୁ ଶୁକ୍ରବାର ନିଜ ପୁଅ ସହିତ ଗୋଡ଼ିପଡ଼ା ବଜାରରେ ଥିବା ବ୍ୟାଙ୍କ୍ ଅଫ ଇଣ୍ଡିଆକୁ ଟଙ୍କା ଉଠାଇବାକୁ ଯାଇଥିଲେ। ବ୍ୟାଙ୍କ୍‌ରୁ ୨୯, ୫୦୦ ଟଙ୍କା ଉଠାଇ ସେମାନେ ସାଇକେଲରେ ଘରକୁ ଫେରୁଥିଲେ। ଦୁଇଜଣ ଯୁବକ ବାଇକ୍‌ରେ ପିଛା କରି ଜାଗିରି ଖଇରପଟିଠାରେ ସେମାନଙ୍କଠାରୁ ବ୍ୟାଗ୍ ଛଡ଼ାଇ ନେବା ସହ ସାଇକେଲ୍‌କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ରଶ୍ମିତା ଗୋଡ଼ିପଡ଼ା ଫାଣ୍ଡିରେ ଅଭିଯୋଗ କରିଥିଲେ। ୧୧୭/୧୮ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ନନ୍ଦ ପ୍ରକାଶ କରିଛନ୍ତି।

### ରାସ୍ତାପାର୍ଶ୍ୱ ଗଛରେ ପିଟିହେଲା ଟ୍ରକ୍
#### ଚାପି ହୋଇ ହେଲପରଙ୍କ ମୃତ୍ୟୁ

**ଓଡ଼ଗାଁ,୧୫।୧୨(ସ୍ୱ.ପ୍ର.):** ଓଡ଼ଗାଁ ଥାନା ରୋହିବାଙ୍କ ନିକଟ ୨୧ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱ ଗଛରେ ପିଟି ହୋଇ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକର ସମ୍ମୁଖ ଭାଗ ଚୁରମାର ହୋଇଥିବା ବେଳେ ଚାପିହୋଇ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ଢେଙ୍କାନାଳ ଜିଲା ଟୁମୁସିଙ୍ଗା ଥାନା ଟୁମୁସିଙ୍ଗା ଗ୍ରାମର ସିପୁନ ଓରଫ ସ୍ୱପ୍ନେଶ୍ୱର ଦେହୁରି (୧୯) ବୋଲି ଜଣାଯାଇଛି। ସୂଚନା ଅନୁସାରେ ଶନିବାର ଭୋର ପ୍ରାୟ ୪ଟାରେ ଢେଙ୍କାନାଳରୁ ଭଞ୍ଜନଗର ଅଭିମୁଖେ ଏକ କୋଇଲା ବୋଝେଇ ଟ୍ରକ (ଓଆର୧୯ଏମ୮୮୩୮) ଆସୁଥିଲା। ରୋହିବାଙ୍କଠାରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତାପାର୍ଶ୍ୱରେ ଥିବା ଆମ୍ବଗଛରେ ପିଟି ହୋଇଯାଇଥିଲା। ଖୁବ୍ ଜୋରରେ ଧକ୍କା ହୋଇଥିବାରୁ ଟ୍ରକର ସମ୍ମୁଖ ଚୁରମାର ହୋଇଯାଇଥିବାବେଳେ ଚାପି ହୋଇ ହେଲପର ସିପୁନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଓ ଦମକଳବାହିନୀ ପହଞ୍ଚି ଜେସିବି ସାହାଯ୍ୟରେ ଟ୍ରକ ଭିତରୁ ସିପୁନଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ପୋଲିସ ଏ ନେଇ ୨୩୩/୧୮ରେ ଏକ ମକଦ୍ଦମା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ତଦନ୍ତକାରୀ ଅଧିକାରୀ ରମେଶ କୁମାର ବେହେରା ସୂଚନା ଦେଇଛନ୍ତି।



# ଦିଗହରା ହୋଇଛି ବସୁନ୍ଧରା ଯୋଜନା

- ବଞ୍ଚିତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ
- ଝାଟିମାଟି କୁଡ଼ିଆରେ ବିତୁଛି ଜୀବନ
- ନୟାଗଡ଼ ତହସିଲ ଅଧିନରେ ଜାଗା ଅଭାବ

**ନୟାଗଡ଼ ଅଫିସ,୧୫।୧୨**

ସରକାର ଗରିବ ଶ୍ରେଣୀର ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଅନେକ ହିତାଧିକାରୀ ଯୋଗ୍ୟ ଥାଇ ବି ଏଥିରୁ ବଞ୍ଚିତ ହେଉଛନ୍ତି। ନୟାଗଡ଼ ବ୍ଲକ ଗଦାଧରପ୍ରସାଦ ପଞ୍ଚାୟତ ଶୁକଳଗାଡ଼ିଆ ଗ୍ରାମର ଝରି ମଲ୍ଲିକଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଜାଗା ଖଣ୍ଡିଏ ନ ଥିବାରୁ ଦୀର୍ଘ ୨୧ବର୍ଷ ହେଲା ସେ ଏକ ଝାଟିମାଟି କୁଡ଼ିଆରେ ପୁଅ ବୋହୂ ସହିତ ଦିନ କାଟୁଛନ୍ତି। ଏ ନେଇ ସେ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ସରକାର ନ ଥିଲାବାଲାଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜମି ଯୋଗାଇ ଦେଉଛନ୍ତି। କିନ୍ତୁ ଆମ ଭଳି ଗରିବଙ୍କୁ ଅଣଦେଖା କରୁଥିବା ଝରି କ୍ଷୋଭର ସହ କହିଛନ୍ତି। କେବଳ ଝରି ନୁହନ୍ତି ଜିଲାର ୮ ତହସିଲ ଅଧୀନରେ ଥିବା ଅନେକ ଗ୍ରାମରେ ଲୋକମାନେ ଆଜି ବି ଝାଟିମାଟି କୁଡ଼ିଆରେ ରହୁଛନ୍ତି। ଗରିବ ଶ୍ରେଣୀର ଏହି ଲୋକମାନେ ବସୁନ୍ଧରା ଯୋଜନାରେ ଜମି ଖଣ୍ଡିଏ ପାଇଁ ଆବେଦନ କରି ଚାତକ ଭଳି ଅନାଇ ରହିଛନ୍ତି। ଫଳରେ ବସୁନ୍ଧରା ଯୋଜନା ଜିଲାରେ ଦିଗହରା ହୋଇଥିବା ସାଧାରଣରେ ଆଲୋଚନା ହେଉଛି।



କୁଡିଆ ଆଗରେ ପୁଅ ସହିତ ଝରି।

୨୦୦୫-୦୬ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଛି ବସୁନ୍ଧରା ଯୋଜନା। ଏହି ଯୋଜନାରେ ଜଣେ ଗରିବ ଶ୍ରେଣୀର (ବାର୍ଷିକ ୬୦ ହଜାରରୁ କମ୍ ଆୟ) ଭୂମିହୀନ ଲୋକଙ୍କୁ ୪ ଡେସିମିଲ୍ ଜମି ଯୋଗାଇଦେବା ବ୍ୟବସ୍ଥା ରହିଛି। ହେଲେ ପ୍ରଚାରପ୍ରସାର ଅଭାବରୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଦେଖିବାକୁ ମିଳୁଛି। କେଉଁଠି ଅଯୋଗ୍ୟ ହିତାଧିକାରୀ ଜମି ହାତେଇଛନ୍ତି ତ ଅନ୍ୟ କେଉଁଠି ଯୋଗ୍ୟ ଥାଇ ବି ଲୋକେ ଝାଟିମାଟି କୁଡ଼ିଆରେ ରହୁଛନ୍ତି। ରାଜସ୍ୱ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଜିଲାର ୮ ତହସିଲ ଅଧୀନରେ ଡ଼ିସେମ୍ବର ମାସ ସୁଦ୍ଧା ୧୧,୬୯୧ ଜଣ ଏହି ଯୋଜନାରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨୫୬ ହିତାଧିକାରୀଙ୍କୁ ଜମି ଦେବା ନିମନ୍ତେ ବିଭାଗ ପକ୍ଷରୁ ଚୟନ କରାଯାଇଛି। ନୟାଗଡ଼ ତହସିଲ ଅଧୀନରେ ୨୨୭, ନୂଆଗାଁରେ ୨୦୯, ଗଣିଆରେ ୧୮୦, ଓଡ଼ଗାଁରେ ୧୫୮, ରଣପୁରରେ ୯୮, ଦଶପଲ୍ଲାରେ ୩୧୭, ଖଣ୍ଡପଡ଼ାରେ ୬୩, ଭାପୁର ତହସିଲର ୪ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରାଯାଇଛି। ଯୋଜନା ଆରମ୍ଭ ହେବାର ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ଜିଲାର ଗରିବ ଭୂମିହୀନ ଲୋକଙ୍କୁ ଜମି ଖଣ୍ଡିଏ ନ ମିଳିବା ଘଟଣା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନଚିହ୍ନ ଲଗାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ସର୍ଭେ ରିପୋର୍ଟ ପାଇବା ପରେ ତହସିଲଦାରମାନେ ବସୁନ୍ଧରା ଯୋଜନାରେ ଘରଡ଼ିହ ଯୋଗାଇଦେବା ପାଇଁ ସ୍ୱତନ୍ତ୍ର କ୍ଷମତା ପାଇଛନ୍ତି। ବାସହୀନ ଝରିଙ୍କୁ ତୁରନ୍ତ ଏହି ଯୋଜନାରେ ଘରଡିହ ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ କହନ୍ତି, ନୟାଗଡ଼ ତହସିଲ ଅଧୀନରେ ଜାଗା ନ ଥିବାରୁ ଲୋକଙ୍କୁ ଦିଆଯାଇପାରୁ ନାହିଁ। ଯୋଗ୍ୟ ବିବେଚିତ ୨୨୭ ଜଣ ହିତାଧିକାରୀଙ୍କ ମଧ୍ୟରୁ କିଛି ଲୋକଙ୍କୁ ଜାଗା ଦିଆଯିବ।

## ଶିକାର ନେଇ ଶିକାରୀ ଫେରାର
### ବନ୍ଧୁକ ଜବତ କରି ଫେରିଲା ବନ ବିଭାଗ

**ରଣପୁର,୧୫।୧୨(ସ୍ୱ.ପ୍ର.)**



ଜବତ ବନ୍ଧୁକ।

ନୟାଗଡ଼ ଜିଲା ରଣପୁର ମାଳ ସଂରକ୍ଷିତ ଜଙ୍ଗଲରେ ଶନିବାର କେତେକ ଶିକାରୀ ବନ୍ଧୁକ ସାହାଯ୍ୟରେ ଏକ ବାର୍‌ହା ଶିକାର କରିଥିଲେ । ସେମାନେ ଶିକାର ଧରି ଫେରାର ହୋଇଯାଇଥିବାବେଳେ ବନବିଭାଗ ଚଢ଼ାଉ କରି ଶିକାରୀମାନେ ଛାଡ଼ି ଯାଇଥିବା ବନ୍ଧୁକକୁ କେବଳ ଜବତ କରିଛି। ପ୍ରକାଶ ଯେ, ଖୋର୍ଦ୍ଧା ବନଖଣ୍ଡ ନୟାଗଡ଼ ଜିଲା ରଣପୁର ରେଞ୍ଜର ମାଳ ସଂରକ୍ଷିତ ଜଙ୍ଗଲର ବନ୍ଧମୁଣ୍ଡା, ଶଙ୍ଖଯୋଡି, ନେଳିପଡ଼ା, ଭେଟବର, କରଡାପଲ୍ଲା, ବଜ୍ରକୋଟ ଅଞ୍ଚଳରେ କୁଟୁରା, ହରିଣ, ବାର୍‌ହା, ଠେକୁଆ, ଶମ୍ବର ଆଦି ବନ୍ୟଜନ୍ତୁଙ୍କୁ ଫାଶ ଓ ବନ୍ଧୁକରେ ଶିକାର କରାଯାଉଛି। ଶନିବାର ମହଉପଲ୍ଲା ପଞ୍ଚାୟତର କେତେକ ଶିକାରୀ ସକାଳୁ ବିଭିନ୍ନ ମାରଣାସ୍ତ୍ର ଧରି ଜଙ୍ଗଲରେ ପଶି ବନ୍ଧୁକ ସାହାଯ୍ୟରେ ବାର୍‌ହା ଶିକାର କରିଥିଲେ । ଜଙ୍ଗଲକୁ ଜାଳକାଠ ସଂଗ୍ରହ କରିବାକୁ ଯାଇଥିବା କେତେକ ଲୋକ ଏହା ଦେଖି ରଣପୁର ବନ ବିଭାଗକୁ ଜଣାଇଥିଲେ । ବନ ବିଭାଗ କର୍ମଚାରୀମାନେ ଚଢ଼ାଉ କରିଥିଲେ ମଧ୍ୟ କାହାକୁ ପାଇ ନ ଥିଲେ। ସେତେବେଳକୁ ଶିକାରୀମାନେ ଶିକାର କରିଥିବା ବାର୍‌ହାଟିକୁ ନେଇ ଫେରାର୍ ହୋଇଯାଇଥିବାବେଳେ ବନ୍ଧୁକଟିକୁ ଛାଡ଼ି ଚାଲିଯାଇଥିଲେ ।

ସୂଚନାଯୋଗ୍ୟ, ଗତ ୬ତାରିଖ ଧରିତ୍ରୀରେ ଶିକାରୀଙ୍କ କବ୍‌ଜାରେ ମାଳ ସଂରକ୍ଷିତ ଜଙ୍ଗଲ, ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର ଶୀର୍ଷକରେ ଖବର ପ୍ରକାଶିତ ହୋଇଥିଲା। ଏବେ ଏହାର ଗୁରୁତ୍ୱ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ବିଭିନ୍ନ ସମୟରେ ଶିକାରୀମାନେ ଜଙ୍ଗଲରେ ଫାଶ ବସାଇ ବନ୍ୟଜନ୍ତୁ ଶିକାର କରୁଛନ୍ତି । ଏହି ମାଂସକୁ ରଣପୁରର ବିଭିନ୍ନ ଅଞ୍ଚଳରେ ଚଢ଼ା ଦରରେ ବିକ୍ରି କରୁଛନ୍ତି । ହେଲେ ଖୋର୍ଦ୍ଧା ଡିଏଫ୍‌ଓ ସୁଦୀପ କୁମାର ନାୟକ ବନ୍ୟଜନ୍ତୁ ଶିକାର ହେବାର କୌଣସି ସତ୍ୟତା ନାହିଁ ବୋଲି ପ୍ରକାଶ କରିଥିଲେ । ଶନିବାର ଘଟଣାରେ ରଣପୁର ଏସିଏଫ୍ ଶ୍ରୀନିବାସ ରଥ କୁହନ୍ତି ମହଉପଲ୍ଲା ମାଳ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଙ୍କୁ ଶିକାର କରାଯାଇଥିବା ଖବର ପାଇ କର୍ମଚାରୀମାନେ ଯାଇଥିଲେ । ହେଲେ ଶିକାରୀମାନେ ଶିକାରକୁ ନେଇ ଫେରାର ହୋଇଯାଇଥିଲାବେଳେ ବନ୍ଧୁକ ଛାଡ଼ି ପଳାଇଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

**ନୟାଗଡ଼ ଅଫିସ,୧୫।୧୨**

ନୟାଗଡ଼ ଜିଲା ଗୋଡ଼ିପଡ଼ାସ୍ଥିତ ଶ୍ରୀ ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟଠାରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ନାଡାଲ୍ କେନ୍ଦ୍ର ଶିକ୍ଷା ବୈଷୟିକ ମହାବିଦ୍ୟାଳୟ ଇଟାମାଟିର ମିଳିତ ସହଯୋଗରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୩ ତାରିଖଠାରୁ ଶିବିର ଆରମ୍ଭ ହୋଇଥିବାବେଳେ ଏଥିରେ ୯୦ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଉଷାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଓଡ଼ଗାଁ ମହାବିଦ୍ୟାଳୟର ତର୍କଶାସ୍ତ୍ର ବିଭାଗ ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ସୁରକ୍ଷିତ ହେଲେ ସମାଜର ବିକାଶ ସମ୍ଭବ ବୋଲି ପ୍ରକାଶ କରିଥିଲେ। ଘସାଦେଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମରକ୍ଷାର ଅଭିନବ କୌଶଳ ବିଷୟରେ ବୁଝାଇଥିଲେ। ସନ୍ଧ୍ୟାରାଣୀ ନାୟକ ଆତ୍ମରକ୍ଷା ପାଇଁ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରମାଣପତ୍ର ଓ ପ୍ରଶିକ୍ଷଣ ପୁସ୍ତିକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବ୍ଲକର ୬ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ



ଶିବିରରେ ମହିଳାମାନେ ତିଆରି କରିଥିବା ପିଠା।

**ନୟାଗଡ଼ ଅଫିସ,୧୫।୧୨**

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଶନିବାରଠାରୁ ଆରମ୍ଭ ହୋଇଛି ପିଠା କାର୍ଯ୍ୟକ୍ରମ। ପ୍ରଥମ ଦିନରେ ଜିଲାର ୮ ବ୍ଲକର ୩୨ ପଞ୍ଚାୟତରେ ଏହା ପାଳନ କରାଯାଇଛି। ନୟାଗଡ଼ ବ୍ଲକର ଇଟାମାଟି, ଭାଟସାହି, ଲାଠିପଡ଼ା, ନାଟୁଗାଁ, ଶରଧାପୁର ଓ ବିରୁଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ଯୋଗଦେଇଥିଲେ। ଏମାନେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ସମସ୍ତଙ୍କ ଘରକୁ ବିଜୁଳି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ବାର୍ଦ୍ଧକ୍ୟ ଭତ୍ତା ଓ କଳାକାର ଭତ୍ତା ବଣ୍ଟନ କରାଯାଇଥିଲା। ହେଲେ ବହୁ କଳାକାର ଭତ୍ତାରୁ ବଞ୍ଚିତ ହୋଇଥିବାରୁ ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଜଣାପଡ଼ିଛି। ପାଲା, ଦାସକାଠିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ସଚେତନ କରାଯାଇଥିଲା।

## ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ନୟାଗଡ଼ ଅଫିସ,୧୫।୧୨**

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶରଣକୁଳ ଶାଖାର କର୍ମଚାରୀ ବ୍ରଜବନ୍ଧୁ ସାହୁ (୪୭)ଙ୍କ ମୃତଦେହ ବ୍ୟାଙ୍କ ପଛପଟ ଏକ ପୁରାତନ ଘରୁ ଉଦ୍ଧାର କରାଯାଇଛି। ବ୍ରଜବନ୍ଧୁଙ୍କ ଘର ଶରଣକୁଳ ଥାନା ବଡ଼ପୁଟ ଗ୍ରାମରେ ହୋଇଥିବା ବେଳେ ସେ କିଛିବର୍ଷ ହେଲା ଶରଣକୁଳ ଶାଖାରେ କିରାଣି ଭାବେ କାର୍ଯ୍ୟରତ ଥିଲେ। ଅଧିକାଂଶ ସମୟରେ ସେ ବ୍ୟାଙ୍କ ପଛପଟେ ଥିବା ପୁରାତନ ଘରେ ରହନ୍ତି। ଶୁକ୍ରବାର ରାତିରେ ବ୍ରଜବନ୍ଧୁ କାମ ସାରି ଘରେ ଶୋଇଥିବା ବେଳେ ସକାଳୁ ତାଙ୍କ ମୃତଦେହ ଘର ଭିତରୁ ମିଳିଥିଲା। ଖବର ପାଇ ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଘର ଭିତରପଟୁ ତାଲା ପଡିଥିବାରୁ ପୋଲିସ କବାଟ ଭାଙ୍ଗି ତାଙ୍କ ମୃତଦେହ ଜବତ କରିଥିଲା। ଏ ନେଇ ଶରଣକୁଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ୍ ଗୁଡିକର ଇ-କ୍ରୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ : ECoRCONTP181909 ତା. 11.12.2018 ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ଼ସ୍ ଏବଂ ସର୍ଭିସ୍ ପୋର୍ଟାଲ ରେ ଟ୍ରାକ୍ ଫିଟିଙ୍ଗଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।

PR-94/CB/18-19 ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / TP, ଭୁବନେଶ୍ୱର


### ଜମି ଅଧିଗ୍ରହଣ ବିବାଦ ନେଇ ରେଳପଥ କାର୍ଯ୍ୟରେ ବାଧା
## ପୋଲିସ ଫୋର୍ସ ଉପସ୍ଥିତିରେ ହେଲା ନିର୍ମାଣ କାର୍ଯ୍ୟ

**ନୂଆଗାଁ,୧୫।୧୨(ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ବେଳେ ଅନେକ ସ୍ଥାନରେ ଜମି ଅଧିଗ୍ରହଣରେ ବିବାଦ ଉପୁଜିବା ଫଳରେ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି ନୂଆଗାଁ ତହସିଲ କୋରଡା ମୌଜାରେ ବିବାଦ ଉପୁଜିଥିବାବେଳେ ଶନିବାର ପୋଲିସ ଉପସ୍ଥିତିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

